## ଅହମଦାବାଦରେ ହାରିଲା ଗୁଜରାଟ, ମୁମ୍ବାଇର ଦ୍ୱିତୀୟ ବିଜୟ

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିଙ୍ଗ

TM

The Sambad Kalika

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ-୩୩ ● ସଂଖ୍ୟା-୮୧ ● ୨୧ ଅପ୍ରେଲ ୨୦୨୬ ମଙ୍ଗଳବାର ● ଭୁବନେଶ୍ୱର ● Vol -33 ● Issue-81 ● 21st April 2026, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ଜମ୍ମୁ-କଶ୍ମୀର : ଯାତ୍ରୀବାହୀ ବସ୍ ଦୁର୍ଘଟଣାରେ ୨୧ ମୃତ

ଉଦ୍ଧମପୁର, ୨୦।୪

ଜମ୍ମୁ ଓ କାଶ୍ମୀରର ଉଦ୍ଧମପୁର ଜିଲ୍ଲାରେ ସୋମବାର ସକାଳେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏକ ଯାତ୍ରୀବାହୀ ବସ୍ ଘାଟିରୁ ଖସି ପଡ଼ିବାରୁ ୨୧ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ଦୁର୍ଘଟଣାର ଖବର ପାଇ ପୋଲିସ ଏବଂ ସ୍ଥାନୀୟ ଲୋକେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଦୁର୍ଘଟଣାର କାରଣ ଅସ୍ପଷ୍ଟ ରହିଛି। ସେପଟେ ଏଭଳି ଏକ ଦୁଃଖଦ ଘଟଣାକୁ ନେଇ ଜମ୍ମୁ ଓ କଶ୍ମୀର ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ବିଶେଷ ଶୋକ ପ୍ରକାଶ କରିଛନ୍ତି। ଉଦ୍ଧମପୁରର ଅତିରିକ୍ତ ଡେପୁଟି କମିଶନର (ଏଡିସି) ପ୍ରେମ ସିଂହ ଚିବ୍ କହିଛନ୍ତି ଯେ, 'ସୋମବାର ସକାଳ ପ୍ରାୟ ୧୦ଟା ସମୟରେ ରାମ ନଗର ଅଞ୍ଚଳର କାଗୋର୍ଟ ଗାଁ ନିକଟରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ପ୍ରାୟ ୩୩ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ

୨୦ ଜଣଙ୍କୁ ରାମନଗର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହା ଆମ ଉଦ୍ଧମପୁର ଜିଲ୍ଲା ପାଇଁ ଅତ୍ୟନ୍ତ ଦୁଃଖଦ ଖବର। ଏହି ବସ୍ ରାମନଗରରୁ ଉଦ୍ଧମପୁର ଯାତ୍ରା କରୁଥିଲା। ଏଥିରେ ଛାତ୍ର, କର୍ମଚାରୀ ଏବଂ ଅନ୍ୟମାନେ ଯାତ୍ରା କରୁଥିଲେ।' ଏହି ଦୁର୍ଘଟଣାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଃଖ ପ୍ରକାଶ କରିଛନ୍ତି। ରାଷ୍ଟ୍ରପତି ମୁର୍ମୁ ଏକ୍ସରେ ଲେଖିଛନ୍ତି, 'ଜମ୍ମୁ ଏବଂ କଶ୍ମୀରର ଉଦ୍ଧମପୁର ଜିଲ୍ଲାରେ ଘଟିଥିବା ବସ୍ ଦୁର୍ଘଟଣାରେ ଅନେକ ଲୋକଙ୍କ ମୃତ୍ୟୁ ବିଷୟରେ ଜାଣିବା ପରେ ମୁଁ ଗଭୀର ଦୁଃଖିତ। ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାର ପ୍ରତି ମୁଁ ସମବେଦନା ଜଣାଉଛି। ଆହତମାନଙ୍କ ଶୀଘ୍ର ଆରୋଗ୍ୟ ପାଇଁ ମୁଁ ପ୍ରାର୍ଥନା କରୁଛି।' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏହି ଘଟଣାକୁ ନେଇ ଦୁଃଖ ପ୍ରକାଶ କରିବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ପ୍ରଧାନମନ୍ତ୍ରୀ ଏକ୍ସରେ ଲେଖିଛନ୍ତି, 'ଜମ୍ମୁ ଏବଂ କଶ୍ମୀରର ଉଦ୍ଧମପୁରରେ ଏକ ବସ୍ ଦୁର୍ଘଟଣାରେ ପ୍ରାଣହାନି ଶୁଣି ମୁଁ ଦୁଃଖିତ। ଯେଉଁମାନେ ନିଜର ପ୍ରିୟଜନଙ୍କୁ ହରାଇଛନ୍ତି ସେମାନଙ୍କ ପ୍ରତି ମୁଁ ମୋର ଗଭୀର ସମବେଦନା ଜଣାଉଛି। ଆହତମାନଙ୍କ ଶୀଘ୍ର ଆରୋଗ୍ୟ ପାଇଁ ମୁଁ ପ୍ରାର୍ଥନା କରୁଛି। ଏହି ଦୁଃଖଦ ଦୁର୍ଘଟଣାରେ ପ୍ରାଣ ହରାଇଥିବା ପ୍ରତ୍ୟେକଙ୍କ ନିକଟତମ *(ପୃଷ୍ଠା ୭ରେ)*

## ଶ୍ରୀଜୀଉଙ୍କ ଆଜ୍ଞାମାଳ ବିଜେ ପରେ ରଥ ନିର୍ମାଣ ଶୁଭାରମ୍ଭ

ପୁରୀ, ୨୦।୪

ନ୍ୟୁଜ୍‌ବ୍ୟୁରୋ

ପବିତ୍ର ଅକ୍ଷୟ ତୃତୀୟା ପାଇଁ ଚଳଚଞ୍ଚଳ ଶ୍ରୀକ୍ଷେତ୍ର। ଏହି ଅବସରରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ କରାଯାଇଛି। ମଧ୍ୟାହ୍ନ ଧୂପ ବଢ଼ିବା ପରେ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ପୂଜାପଣ୍ଡା ସେବାୟତମାନେ ରଥଖଳା ଠାରେ ପହଞ୍ଚିବା ପରେ ସେଠାରେ ସୁନା କୁରାଢ଼ିରେ ରଥନିର୍ମାଣ କାର୍ଯ୍ୟର ଅନୁକୂଳ କରିଥିଲେ। ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ରଥନିର୍ମାଣ କାର୍ଯ୍ୟ ଅନୁକୂଳ ହୋଇଯାଇଛି।

ସେହିପରି ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ପାଇ ତିନିବାଡ଼ର ପୂଜାପଣ୍ଡା ସେବାୟତମାନେ ବିରାଟ ଶୋଭାଯାତ୍ରାରେ ବାହାରି ଶ୍ରୀମନ୍ଦିର କାର୍ଯ୍ୟାଳୟ ଠାରେ ପହଞ୍ଚିବା ପରେ ସେଠାରେ ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ କରାଯାଇ ଥିଲା। ଶ୍ରୀମନ୍ଦିର ଶ୍ରୋତୀୟ ବ୍ରାହ୍ମଣ ଓ ରାଜପୁରୋହିତଙ୍କ ଦ୍ୱାରା ବନଯାଗ ବିଧିରେ ପୂଜାର୍ଚ୍ଚନା ସହ ବିଶ୍ୱକର୍ମା ମହାରଣାଙ୍କ ଶାଢୀ

ବନ୍ଧା ନୀତି ପରେ ସୁନା କୁରାଢ଼ିରେ ରଥନିର୍ମାଣ କାର୍ଯ୍ୟର ଅନୁକୂଳ କରାଯାଇ ଥିଲା। ଏହି ପବିତ୍ର କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହିଥିଲେ।

ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ରଥନିର୍ମାଣ କାର୍ଯ୍ୟ ଓ ଏହି ଯାତ୍ରା ସୁରୁଖୁରୁରେ କିଭଳି ସମ୍ପାଦନ ହେବ ସେ ନେଇ ସମସ୍ତେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

ସୋମବାରରେ ସିଂହଦ୍ୱାର ସମ୍ମୁଖରେ ରଥଯାତ୍ରା ପାଇଁ ରଥ ନିର୍ମାଣର ଶୁଭାରମ୍ଭ ହୋଇଛି। ଶ୍ରୀକ୍ଷେତ୍ରରେ ରଥକାଠ ଅନୁକୂଳ ହେବା ସହିତ। ଏହା ଭିତରେ ୩୨୬ ଖଣ୍ଡ କାଠ ରଥଖଳାରେ ପହଞ୍ଚି ସାରିଛି।

## ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ଆଜି

ଭୁବନେଶ୍ୱର, ୨୦।୪

ନ୍ୟୁଜ୍‌ବ୍ୟୁରୋ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ଓଡ଼ିଶା ଗସ୍ତରେ ଆସୁଛନ୍ତି। ଦିନିକିଆ ଗସ୍ତରେ ଆସୁଥିବା ରାଷ୍ଟ୍ରପତି ରାଉରକେଲା ଠାରେ ଏକ ପ୍ଲାନେଟୋରିୟମ ଓ ବିଜ୍ଞାନ କେନ୍ଦ୍ର ଏବଂ ନିର୍ମଳ ମୁଣ୍ଡା ପରିବେଶ ପଥକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିସହ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଏକ ଜନସଭାରେ ମଧ୍ୟ ଉଦ୍‌ବୋଧନ ଦେବେ। ରାଷ୍ଟ୍ରପତି ରାଉରକେଲାଠାରେ ଏକ ଜନଜାତି ସଂଗ୍ରହାଳୟ ଏବଂ କମାଣ୍ଡ ଓ ନିୟନ୍ତ୍ରଣ କକ୍ଷକୁ ମଧ୍ୟ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

## ଭୋଟର ତାଲିକାରୁ ବ୍ୟାପକ ନାଁ କଟାଯାଇଛି : ନୂଆ ଯାଞ୍ଚ ପାଇଁ ସିଇଓଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୦।୪

ନ୍ୟୁଜ୍‌ବ୍ୟୁରୋ

ଇଲେକ୍ଟୋରାଲ ମ୍ୟାପିଂ ପ୍ରକ୍ରିୟା ଆରମ୍ଭ ପରଠାରୁ ରାଜ୍ୟ ସରକାରଙ୍କ ଗୃହ (ନିର୍ବାଚନ) ବିଭାଗ ଦ୍ୱାରା ଭୋଟର ତାଲିକାରୁ ପ୍ରାୟ ୯.୮ ଲକ୍ଷ ନାମ ବାଦ୍ ପଡ଼ିଛି ବା କଟାଯାଇଛି। କିନ୍ତୁ ଏଥିରେ କିଛି ତ୍ରୁଟି ନେଇ ଅଭିଯୋଗ ମଧ୍ୟ ମିଳିଛି। ଅନେକ ମାମଲାରେ ଜୀବିତ ଓ ସ୍ଥାନୀୟ ଭୋଟରଙ୍କ ନାମ କଟାଯାଇଥିବା ସହିତ ବିଏଲଓ ତୃଣମୂଳ ସ୍ତରରେ ଯାଞ୍ଚ କରିନଥିବା ଅଭିଯୋଗ ହୋଇଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ୨ ଏପ୍ରିଲ ପରେ ଆସିଥିବା ପ୍ରାୟ ୨ ଲକ୍ଷ ଫର୍ମ ଓ ଫର୍ମ-୭ ଆବେଦନକୁ ଅସ୍ଥାୟୀ ଭାବେ ସ୍ଥଗିତ ରଖାଯାଇଛି। ତେବେ ଏହାକୁ ସ୍ୱାଭାବିକ ପ୍ରକ୍ରିୟା ବୋଲି କହିଛନ୍ତି, ରାଜ୍ୟ ମୁଖ୍ୟ

ନିର୍ବାଚନ ଅଧିକାରୀ ଆର.ସନ୍ତୁ ଗୋପାଳନ।

ସେ ଆହୁରି ମଧ୍ୟ କହିଛନ୍ତି, 'ବିଏଲଓ ନିଜେ ନାଁ କାଟି ପାରିବେ ନାହିଁ। ବିଏଲଓମାନେ ଉକ୍ତ ପରିବାର ଲୋକଙ୍କ ଠାରୁ ଫର୍ମ ୭ ପୂରଣ କରି ଆଣିବେ। ଯଦି ଘର ଲୋକ କେହି ନାହାନ୍ତି, ତେବେ ପଡ଼ୋଶୀ ଦେବେ। ଏହା ବିଏଲଓମାନେ ଗ୍ରହଣ କରି ଆଣୁଛନ୍ତି। ଏହି ସଂଖ୍ୟା ସାଧାରଣରୁ ଅଧିକ ରହିଛି, ତେଣୁ ଏହାକୁ ପୁନର୍ବାର ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ଦେଇଛୁ। ଯେମିତି ଭୁଲ୍‌ଭାଲ୍ ନହେବା ପାଇଁ ଆମେ ତଦନ୍ତ ନିର୍ଦ୍ଦେଶ ଦେଇଛୁ। ଏ ସମ୍ପର୍କରେ ଆମେ ଚିଠି କରିଛୁ। ଯଦି କେଉଁଠି ଭୁଲରେ ନାଁ କଟା ହୋଇଛି, ତେବେ ପୁନର୍ବାର ଯୋଡ଼ାଯିବ। ଜନସଂଖ୍ୟାର ୨ରୁ ୩ ପ୍ରତିଶତ ଅର୍ଥାତ ୭ରୁ ୯ ଲକ୍ଷ ନାଁ କଟେ। ଦେଶର ଅନ୍ୟ ରାଜ୍ୟରେ ଏହି ସଂଖ୍ୟା ଅଧିକ। ଓଡ଼ିଶାରେ ଏହି ସଂଖ୍ୟା ବହୁତ କମ୍ ଅଛି। ତାମିଲନାଡୁରେ ଏହି ସଂଖ୍ୟା ୬୦ ଲକ୍ଷ କଟିଛି। ଉତ୍ତରପ୍ରଦେଶରେ ୧ କୋଟିରୁ ଅଧିକ ଲୋକଙ୍କ ନାଁ କଟାଯାଇଛି। ଭୁବନେଶ୍ୱର ସହରରେ ଏହି ସଂଖ୍ୟା ଟିକେ ଅଧିକ ଅଛି। ଭୁଲ ବଶତଃ ଯେଉଁମାନଙ୍କ ନାଁ କଟିଯାଇଛି, ସେମାନେ *(ପୃଷ୍ଠା ୭ରେ)*

## ପ୍ରକାଶ ପାଇଲା ଜେଇଇ ମେନ୍ ୨୦୨୬ ସେସନ-୨

ନୂଆଦିଲ୍ଲୀ, ୨୦।୪

ପ୍ରକାଶ ପାଇଲା ଜେଇଇ ମେନ୍ ୨୦୨୬ ସେସନ-୨। ପ୍ରବେଶିକା ପରୀକ୍ଷା ଦେଇଥିବା ଲକ୍ଷ ଲକ୍ଷ ଛାତ୍ରୀଛାତ୍ରଙ୍କ ଅପେକ୍ଷାର ଅନ୍ତ ଘଟିଛି। ନ୍ୟାସ୍‌ନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ଜେଇଇ ମେନ୍ ୨୦୨୬ ସେସନ-୨ର ଫଳାଫଳ ପ୍ରକାଶ ପାଇଛି। ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀ ଅଫିସିଆଲ ୱେବସାଇଟ jeemain.nta.nic.inକୁ ଯାଇ ଫଳାଫଳ ଦେଖିପାରିବେ।୧୧ ଲକ୍ଷରୁ ଊର୍ଦ୍ଧ୍ୱ ପିଲା ଦେଇଥିଲେ ଜେଇଇ ମେନ୍ ୨୦୨୬ ସେସନ-୨।

ଜେଇଇ ମେନ୍ ଦେଶର ସବୁଠାରୁ ବଡ଼ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ମଧ୍ୟରୁ ଗୋଟିଏ। *(ପୃଷ୍ଠା ୭ରେ)*

### ସାଉଦିଆରବ ଗସ୍ତରେ ଏନଏସଏ ଅଜିତ ଡୋଭାଲ

## ଦ୍ୱିପାକ୍ଷିକ ସମ୍ପର୍କ ଉପରେ କଲେ ଆଲୋଚନା

ନୂଆଦିଲ୍ଲୀ, ୨୦।୪

ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ସାଉଦି ଆରବ ଗସ୍ତରେ ରିୟାଦରେ ପହଞ୍ଚିଛନ୍ତି। ବିମାନ ବନ୍ଦରରେ ତାଙ୍କୁ ଭାରତର ରାଷ୍ଟ୍ରଦୂତ ଡଃ. ସୁହେଲ ଖାନ ଏବଂ ସାଉଦି ଆରବର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ରାଜନୈତିକ ବ୍ୟାପାର ଉପମନ୍ତ୍ରୀ ଡଃ. ସାଉଦ ଅଲ-ସତୀ ସ୍ୱାଗତ କରିଥିଲେ।

ସାଉଦିଆରବରେ ଥିବା ଭାରତୀୟ ଦୂତାବାସ 'ଏକ୍ସ'ରେ ସୂଚନା ଦେଇଥିଲା ଯେ, ଅଜିତ ଡୋଭାଲ ୧୯ ଅପ୍ରେଲରେ ରିୟାଦକୁ ଏକ ସରକାରୀ ଗସ୍ତ କରିଥିଲେ। ଏହାପରେ ସେ ସାଉଦି ଆରବର ଶକ୍ତି ମନ୍ତ୍ରୀ ପ୍ରିନ୍ସ ଅବଦୁଲାଜିଜ୍ ବିନ୍ ସଲମାନ୍, ବୈଦେଶିକ ବ୍ୟାପାର ମନ୍ତ୍ରୀ ପ୍ରିନ୍ସ ଫୈଜଲ୍ ବିନ୍ ଫର୍ହାନ୍ ଏବଂ ଜାତୀୟ ସୁରକ୍ଷା *(ପୃଷ୍ଠା ୭ରେ)*

## ଯୁଦ୍ଧକୁ ଡେଇଁଲା ଚାଇନା

ୱାଶିଂଟନ୍, ୨୦।୪

ଇରାନ-ଆମେରିକା ବିବାଦର ସମାଧାନ ପାଇଁ ଇସଲାମାବାଦରେ ଆଲୋଚନା ଚାଲିଥିବା ବେଳେ ଇରାନ ନିଶ୍ଚିତ କରିଛି ଯେ ଆମେରିକା ଏହାର ଏକ ବାଣିଜ୍ୟ ଜାହାଜ, ଟୋସ୍କାକୁ ଜବତ କରିଛି। ଇରାନ କଠୋର ଜବାବ ଦେବାକୁ ଚେତାବନୀ ଦେଇଛି। ଇରାନ ଏହାକୁ ଯୁଦ୍ଧବିରତିର ଉଲ୍ଲଂଘନ ଭାବରେ ବର୍ଣ୍ଣନା କରିଛି, ଯାହା ଶେଷ ହେବାକୁ ମାତ୍ର କିଛି ଘଣ୍ଟା ବାକି ଅଛି। ଇରାନୀ ଅଧିକାରୀ ମାନେ ଏକ ବିବୃତିରେ କହିଛନ୍ତି ଯେ ଆମେରିକୀୟ ସେନା ଇରାନ-ପତାକାଯୁକ୍ତ ମାଲ୍‌ବାହୀ ଜାହାଜ ଉପରେ ଆକ୍ରମଣ କରିଥିଲା, ଏହାର ନାଭିଗେଶନ ସିଷ୍ଟମକୁ ଅକ୍ଷମ କରିଥିଲା ଏବଂ ତା'ପରେ ସେଥିରେ ଚଢ଼ିଥିଲା। ତେହରାନ ଏହି କାର୍ଯ୍ୟକୁ ଜଳଦସ୍ୟୁ ବୋଲି ଅଭିହିତ କରିଥିଲା ଏବଂ କହିଛି ଯେ ଏହାର ସାମରିକ ବାହିନୀ ଜବାବ ଦେବ।

## ଘରୋଇ ଏଲ୍‌ପିଜି ଉତ୍ପାଦନ ବୃଦ୍ଧି ଉପରେ ସରକାରଙ୍କ ଗୁରୁତ୍ୱାରୋପ

ନୂଆଦିଲ୍ଲୀ, ୨୦।୪

କେନ୍ଦ୍ର ସରକାର କହିଛନ୍ତି ଯେ ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ସତ୍ତ୍ୱେ, ଘରୋଇ ଏଲପିଜି, ପେଟ୍ରୋଲ-ଡିଜେଲ ଏବଂ ପ୍ରାକୃତିକ ଗ୍ୟାସ୍‌ର ଯୋଗାଣ ସ୍ୱାଭାବିକ ରହିଛି। ବନ୍ଦର କାର୍ଯ୍ୟ ସୁଗମ ଅଛି ଏବଂ ଗ୍ରାମୀଣ ନିଯୁକ୍ତି ଏବଂ ଗୃହ ଯୋଜନା ତ୍ୱରାନ୍ୱିତ ହେଉଛି। ପଶ୍ଚିମ ଏସିଆର ସଙ୍କଟ ଘରୋଇ ଗ୍ୟାସ୍ ଯୋଗାଣ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ତେଣୁ ଘରୋଇ ଏଲପିଜି ଉତ୍ପାଦନ ବୃଦ୍ଧି କରିବା ପାଇଁ ଯୋଜନା ଦ୍ରୁତ ଗତିରେ ଆଗକୁ ବଢୁଛି।

ପେଟ୍ରୋଲିୟମ ମନ୍ତ୍ରଣାଳୟର ଯୁଗ୍ମ ସଚିବ

ସୁଜାତା ଶର୍ମା ସୋମବାର ଜାତୀୟ ଗଣମାଧ୍ୟମ କେନ୍ଦ୍ରରେ ନିୟମିତ ଆନ୍ତଃମନ୍ତ୍ରଣାଳୟ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଘରୋଇ ଏଲପିଜି ଯୋଗାଣର କୌଣସି ଅଭାବ ନାହିଁ। ବାଣିଜ୍ୟିକ ଏଲପିଜି ଯୋଗାଣ ପ୍ରାୟ ୭୦ ପ୍ରତିଶତ ବୃଦ୍ଧି *(ପୃଷ୍ଠା ୭ରେ)*

## ଜାପାନରେ ୭.୪ ତୀବ୍ରତାର ଭୂକମ୍ପ : ଜାରୀ ହେଲା ସୁନାମୀ ସତର୍କତା

ଟୋକିଓ, ୨୦।୪

ଜାପାନରେ ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଯାହାର ତୀବ୍ରତା ୭.୪ ଥିବା ରେକର୍ଡ କରାଯାଇଛି। ଭୂକମ୍ପର କେନ୍ଦ୍ରସ୍ଥଳ ସୈନରିକୁ ଉପକୂଳରୁ ପ୍ରାୟ ୧୦୦ କିଲୋମିଟର ଦୂରରେ ଅବସ୍ଥିତ ଥିଲା। ଭୂକମ୍ପର ଗଭୀରତା ୧୦ କିଲୋମିଟର ବୋଲି ଆକଳନ କରାଯାଇଥିଲା। ଭୂମିକମ୍ପ ପରେ ଜାପାନରେ ହାଇ ଆଲର୍ଟ ଜାରି କରାଯାଇଛି। ସେପଟେ ବୁଲେଟ ଟ୍ରେନ୍ ଟଳାଚଳ ପ୍ରଭାବିତ ହୋଇଛି।

ଜାପାନ ପାଣିପାଗ ସଂସ୍ଥା କହିଛି ଯେ ହୋକାଇଡୋ ଓ ଇୱାଟେ ପାଇଁ ସୁନାମୀ ଆଲର୍ଟ ଜାରି କରାଯାଇଛି। ତେବେ ଭୂକମ୍ପ ହୋଇଥିବା ସ୍ଥାନରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଜାପାନରେ ୭ରୁ ଅଧିକ ତୀବ୍ରତାର ଭୂମିକମ୍ପକୁ ଗମ୍ଭୀରତାର ସହ ନିଆଯାଇଥାଏ। ସେଥିପାଇଁ ସୁନାମୀ ଆଲର୍ଟ ଜାରି କରାଯାଇଛି। ଜାପାନର ସାର୍ବଜନୀନ ପ୍ରସାରକ ଏନଏଚକେ କହିଛି ଯେ ପାଣିପାଗ ବିଜ୍ଞାନୀମାନେ ଜାପାନର ମୁଖ୍ୟ ଦ୍ୱୀପର ଉତ୍ତର ଭାଗରେ ଅବସ୍ଥିତ ଆଓମୋରି ପ୍ରିଫେକ୍‌ଚରର ଉପକୂଳରୁ ୫୦ କିଲୋମିଟର ଦୂରରେ ସୁନାମୀ ସ୍ପଷ୍ଟ ହୋଇଛି। ଏହି କାରଣରୁ ଜାପାନକୁ ହାଇ ଆଲର୍ଟରେ ରଖାଯାଇଛି।

ସୁନାମୀ ସତର୍କତା ପରେ ସମୁଦ୍ରର ଏକ ଭିଡିଓ ଭାଇରାଲ ହେଉଛି, ଯେଉଁଥିରେ ଜାହାଜ ସବୁ କୂଳକୁ ଧାଇଁ ଆସୁଥିବା ଦେଖା ଯାଉଛି। ଶକ୍ତିଶାଳୀ ଭୂମିକମ୍ପ ପରେ ଜାପାନର ପରମାଣୁ ଶକ୍ତି କେନ୍ଦ୍ରଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରାଯାଇଛି। ରିପୋର୍ଟ ଅନୁଯାୟୀ, ସ୍ଥାନୀୟ ବୈଜ୍ଞାନିକମାନେ

ଓନାଗାୱା ପରମାଣୁ ଶକ୍ତି କେନ୍ଦ୍ରରେ କୌଣସି ଅସାଧାରଣତା ଯାଞ୍ଚ କରୁଛନ୍ତି। ଜାପାନର ପ୍ରଧାନମନ୍ତ୍ରୀ ସାନାଏ ତାକାଇଚି ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ଯିବାକୁ ଅନୁରୋଧ କରିଛନ୍ତି। ଏହି ସଙ୍କଟ ସମୟରେ ସେ ଜନସାଧାରଣଙ୍କୁ ଧୈର୍ଯ୍ୟ ଧରିବାକୁ ମଧ୍ୟ ନିବେଦନ କରିଛନ୍ତି। ଏହି ବର୍ଷ ଜାପାନରେ ୬ରୁ ଅଧିକ ତୀବ୍ରତାର ତିନି ଥର ଭୂମିକମ୍ପ ଅନୁଭୂତ ହୋଇଛି। ୨୦୨୫ରେ, ଜାପାନରେ ୧,୫୦୦ରୁ ଅଧିକ ଭୂମିକମ୍ପ ଅନୁଭୂତ ହୋଇଥିଲା।

## ହାଇୱେରେ ଭାରୀଯାନ ପାର୍କିଂ ଉପରେ ସୁପ୍ରିମକୋର୍ଟଙ୍କ କଟକଣା

ନୂଆଦିଲ୍ଲୀ, ୨୦।୪

ସାରା ଦେଶରେ ସଡ଼କ ସୁରକ୍ଷା ବଢ଼ାଇବା ପାଇଁ ସୁପ୍ରିମକୋର୍ଟ ମାର୍ଗଦର୍ଶିକା ଜାରି କରିଛନ୍ତି। ରାଜପଥଗୁଡ଼ିକରେ ଭାରୀଯାନ ପାର୍କିଂ ଉପରେ ଏଥିରେ କଟକଣା ଲଗାଯାଇଛି। ପ୍ରଶାସନିକ ଅବହେଳା କିମ୍ବା ଭିତ୍ତିଭୂମି ଅଭାବ ଯୋଗୁ ରାଜପଥଗୁଡ଼ିକୁ ମରଣଯନ୍ତା ହେବାକୁ ଦିଆଯାଇପାରିବ ନାହିଁ ବୋଲି ଜଷ୍ଟିସ୍ ଜେ.କେ. ମାହେଶ୍ୱରୀ ଏବଂ ଜଷ୍ଟିସ୍ ଏଏସ୍ ଚନ୍ଦୁରକରଙ୍କ ଖଣ୍ଡପୀଠ କହିଛନ୍ତି। ଦେଶର ସଡ଼କ ସୁରକ୍ଷିତ କରିବାକୁ ସଡ଼କ ଓ ପରିବହନ ମନ୍ତ୍ରଣାଳୟ, ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଏବଂ ରାଜ୍ୟ-କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ଜାତୀୟ ରାଜପଥ ଦେଶର *(ପୃଷ୍ଠା ୭ରେ)*

### ଏକାଳ ପଖାଳ

ବିହନ ଗଣ୍ଡାଏ ମିଳିବା କଷ୍ଟ
ହନ୍ତସନ୍ତ ଯାହା ଚାଷୀ
ଅକ୍ଷି ତୃତୀୟାରେ ଭାଗ୍ୟକୁ ଆଦରି
ମନେ ମନେ ଦିଏ ହସି
ହେଲେ ଧନୀଲୋକେ ଖୁସି
ସୁନା କିଣିଦେଇ ଲକ୍ଷ୍ମୀ ନିମନ୍ତ୍ରି
କ୍ଷେତେ ଯାଉ ପଛେ ରୁଷି।

## ହର୍ମୁଜରେ ଜାହାଜ ଉପରେ ଗୁଳିମାଡ଼ : ଭାରତ ଜାରୀ କଲା ଆଡ୍‌ଭାଇଜରୀ



ନୂଆଦିଲ୍ଲୀ, ୨୦।୪

ହର୍ମୁଜରେ ୨ ଭାରତୀୟ ଜାହାଜ ଉପରେ ଗୁଳିମାଡ଼ ଘଟଣା ପରେ ଭାରତୀୟ ନୌସେନା ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଛି। ଭାରତୀୟ ନୌସେନା ପାର୍ସିଆନ୍ ଉପସାଗରରେ ଭାରତୀୟ ପତାକା ଥିବା ଜାହାଜ ପାଇଁ ନୂଆ ଆଡ୍‌ଭାଇଜରୀ ଜାରି କରିଛି। ଯେଉଁଥିରେ ତାକୁ ଲାରକ ଦ୍ୱୀପରୁ ଦୂରରେ ରହିବା ଓ କେବଳ ନୌସେନାର ନିର୍ଦ୍ଦେଶରେ ସେଠାରୁ ବାହାରିବାକୁ କୁହାଯାଇଛି, ଯାହାଫଳରେ ସୁରକ୍ଷା ସୁନିଶ୍ଚିତ ହୋଇପାରିବ।

ମିଳିଥିବା ସୂଚନା ଅନୁସାରେ, ଭାରତୀୟ ନୌସେନା ହର୍ମୁଜ ପାର୍ କରିବା ପାଇଁ ଅପେକ୍ଷା କରିଥିବା ସବୁ ଭାରତୀୟ ଜାହାଜର ସୁରକ୍ଷାକୁ ପ୍ରାଥମିକତା ଦେଉଛି। ଏପର୍ଯ୍ୟନ୍ତ ୧୧ ଭାରତୀୟ ଜାହାଜ ହର୍ମୁଜ ପାର୍ କରିସାରିଛି। ଶେଷ ଟ୍ୟାଙ୍କର, 'ଦେଶ ଗରିମା' ୧୮ ଏପ୍ରିଲରେ ପାର୍ କରିଥିଲା। ସେହିଦିନ ୨ ଭାରତୀୟ ଜାହାଜ 'ଜଗ୍ ଅର୍ଣ୍ଣବ' ଓ 'ସନମାର ହେରାଲ୍ଡ' ଉପରେ ଇରାନୀ ଗାର୍ଡ ଗୁଳିମାଡ଼ କରିବା ପରେ ତାଙ୍କୁ ଫେରିବାକୁ ପଡ଼ିଥିଲା। 'ହର୍ମୁଜ' ପାର କରିବା ପରେ 'ଦେଶ ଗାରିମା'କୁ ଆରବ ସାଗରରେ ଭାରତୀୟ ନୌସେନା ଦ୍ୱାରା ସୁରକ୍ଷା ପ୍ରଦାନ କରାଯାଉଛି ଓ ଏହା ୨୨ ଏପ୍ରିଲରେ ମୁମ୍ବାଇ ପହଞ୍ଚିବାର ଆଶା କରାଯାଉଛି। ଲାରକ ଦ୍ୱୀପ ହର୍ମୁଜର ସବୁଠାରୁ ସଙ୍କୀର୍ଣ୍ଣ *(ପୃଷ୍ଠା ୭ରେ)*

## ଖରାରୁ ମିଳିବନି ତ୍ରାହି : ମାସେ ଯାଏଁ କରିବ କଲବଲ

ଭୁବନେଶ୍ୱର, ୨୦।୪

ନ୍ୟୁଜ୍‌ବ୍ୟୁରୋ

ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସାଙ୍ଗକୁ ଟାଏଁ ଟାଏଁ ଖରା ଯୋଗୁ ସ୍ୱାଭାବିକ ଜୀବନ ଯାତ୍ରା ଗୁରୁତର ଭାବେ ପ୍ରଭାବିତ ହୋଇଛି। ସାଧାରଣ ଲୋକେ ଗ୍ରୀଷ୍ମ ତାତି ଓ ଝାଞ୍ଜି ପବନରେ କଲବଲ ହେଉଛନ୍ତି। ମଝିରେ ମଝିରେ କାଳବୈଶାଖୀ ଝଡ଼ବର୍ଷା ହେଉଥିବାରୁ ଆଶ୍ୱସ୍ତ ହେଉଛନ୍ତି ଲୋକେ। ତେବେ ଗ୍ରୀଷ୍ମପ୍ରବାହ ଉପକୂଳରୁ ପଶ୍ଚିମ ଓଡ଼ିଶା ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ୪୦ ଡିଗ୍ରୀ ସେଲସିୟସ୍ ଡେଇଁଗଲା ଅନେକ ସହରର ତାପମାତ୍ରା। ଝାରସୁଗୁଡ଼ା ୪୩.୩ ଓ ଟିଟିଲାଗଡ଼ ୪୩ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ରାଜ୍ୟର ୧୫ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ

ଯେମିତି ନିଆଁ ବର୍ଷା ହେଉଛି। ଉପକୂଳରେ ଅଞ୍ଚଳରେ ଅସହ୍ୟ ଗରମକୁ ଗୁଳୁଗୁଳି ନୟାନ୍ତ କରିଦେଉଛି।

ଗ୍ରୀଷ୍ମ ପ୍ରକୋପ ଦେଖି ଆଉ ୩ଟି ଜିଲ୍ଲାରେ ସ୍କୁଲ ଛୁଟି ଘୋଷଣା କରାଯାଇଛି। ସୋମବାର ଠାରୁ ୨୩ ତାରିଖ ପର୍ଯ୍ୟନ୍ତ ଖୋର୍ଦ୍ଧା, ନୟାଗଡ଼ ଓ ଦେବଗଡ଼ ଜିଲ୍ଲାରେ ସ୍କୁଲ, କଲେଜ, ଅଙ୍ଗନୱାଡ଼ି ସମେତ ସମସ୍ତ ଶିକ୍ଷାନୁଷ୍ଠାନ ଛୁଟି ଘୋଷଣା ହୋଇଛି। ବରଗଡ଼ରେ ୨୨ ତାରିଖ ଯାଏ ସମସ୍ତ ଶିକ୍ଷାନୁଷ୍ଠାନ ଛୁଟି ହୋଇଛି। *(ପୃଷ୍ଠା ୭ରେ)*

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୧ ଅପ୍ରେଲ, ୨୦୨୬ ମଙ୍ଗଳବାର

# ଯାଜପୁର ରୋଡ ସ୍ୱାସ୍ଥ୍ୟ କେନ୍ଦ୍ରର ବିକାଶ ପାଇଁ ପଦକ୍ଷେପ

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**

ଯାଜପୁର ଜିଲ୍ଲାର ବ୍ୟାସନଗର ପୌରପରିଷଦ ବ୍ୟାସଦେବ ଟାଉନ୍ ହଲ ଠାରୁ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ କୋରେଇର ବିଧାୟକ ତଥା ଯାଜପୁର ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଆକାଶ ଦାସନାୟକଙ୍କୁ ଏକ ବିଶାଳ ମଟର ସାଇକେଲ ଶୋଭାଯାତ୍ରାରେ କର୍ମୀମାନେ ଶିଳାନ୍ୟାସ ସ୍ଥଳୀକୁ ପାଛୋଟି ନେଇଥିଲେ । ସକାଳ ୧୧ ଘଟିକା ସମୟରେ ଶ୍ରୀ ଦାସନାୟକ ବ୍ୟାସଦେବ ଟାଉନ୍ ହଲ ଠାରୁ ଶୋଭାଯାତ୍ରାରେ ଆସି ଚୋରଦା ବାଇପାସ୍ ?ରେ ଥିବା ଯାଜପୁର ରୋଡ ଟ୍ରକ୍ ମାଲିକ ସଂଘ ତରଫରୁ ଏକ ଜଳଛତ୍ରର ଶୁଭ ଉଦ୍ ?ଘାଟନ କରିଥିଲେ। ସେଠାରୁ ଆସି ଚୋରଦା କେଟିଲ୍ ଛକ ଠାରେ କୋରେଇ ବିଜେପି ତରଫରୁ ଆୟୋଜିତ ଜଳଛତ୍ରକୁ ଶୁଭ ଉଦ୍‌ଘାଟନ କରିଥିଲେ । ଦିବା ୧୨ ଘଟିକା ସମୟରେ ବିଧାୟକ ଶ୍ରୀ ଦାସନାୟକ ଯାଜପୁର ରୋଡ ଗୋଷ୍ଠୀ

ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ ନିମନ୍ତେ ଶୁଭ ଭିତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ ନିମନ୍ତେ ଓଡ଼ିଶା ସରକାର ୧୬ ଗୋଟି ଟଙ୍କା ଅର୍ଥ ମଞ୍ଜୁର କରିଛନ୍ତି । ଏହି କାର୍ଯ୍ୟକୁ ପୂର୍ତ୍ତ ବିଭାଗ ନିର୍ମାଣ କରିବା ପାଇଁ ଦାୟିତ୍ୱ ନେଇଅଛି। ଏହି ପ୍ରକଳ୍ପ ବ୍ୟାସନଗର ପୌରପରିଷଦର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବହୁତ ଉନ୍ନତି ହେବ ବୋଲି ଜନସାଧାରଣରେ ଆଲୋଚନା ହେଉଛି । କୋରେଇ ବିକାଶରେ ଆଜି ଏହି ପ୍ରକଳ୍ପ ଆଉ ଏକ ପାଦ ଆଗକୁ ଯାଇଛି । ମାନ୍ୟବର ବିଧାୟକ ଶ୍ରୀ ଦାସନାୟକଙ୍କ ଏହି ପ୍ରଚେଷ୍ଟାକୁ ବ୍ୟାସନଗର ପୌରପରିଷଦର ଜନସାଧାରଣ ଭୂୟସୀ ପ୍ରଶଂସା କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ଦାସନାୟକ କହିଥିଲେ – ଆଗାମୀ ଦିନରେ କୋରେଇର ସ୍ୱାସ୍ଥ୍ୟସେବା, ଗମନାଗମନ, ପାନୀୟଜଳ, କ୍ରୀଡା, ଶିକ୍ଷା ସବୁ କ୍ଷେତ୍ରରେ ବିକାଶର ଧାରା ଆଗକୁ ଆଗକୁ ବଢିଚାଲିଛି। ଏହି ସ୍ୱାସ୍ଥ୍ୟସେବାରେ ଉନ୍ନତି ହେଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତରଙ୍କ ସମେତ ସମସ୍ତ କର୍ମଚାରୀ ଏବଂ ପୂର୍ତ୍ତ ବିଭାଗର ସମସ୍ତ ଉଚ୍ଚ ପଦାଧିକାରୀ ଉପସ୍ଥିତ ଥିଲେ। ସମ୍ମାନୀତ ଅତିଥି ଭାବେ ବ୍ୟାସନଗର ପୌରପରିଷଦର ଅଧ୍ୟକ୍ଷ ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ବଳ ଏବଂ ୧୮ନଂ ୱାର୍ଡର କାଉନସିଲର ଶ୍ରୀଯୁକ୍ତ ଭରତ ଓଝା ଉପସ୍ଥିତ ଥିଲେ । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ବ୍ୟାସନଗର ପୌରପରିଷଦର କାଉନସିଲର ମଣିନ୍ଦ୍ର କୁମାର ସାହୁ, ଅଶୋକ କୁମାର ରାଉତ, ବ୍ୟାସଦେବ ମଣ୍ଡଳ ସଭାପତି ଅଚ୍ୟୁତାନନ୍ଦ ଦାଶ, ଯୁବମୋର୍ଚ୍ଚା ସଭାପତି ଜିତେନ୍ଦ୍ର ବେହୁରା, ମହିଳା ମୋର୍ଚ୍ଚା ସଭାପତି ରଶ୍ମିତା ରାଉତ, ବରିଷ୍ଠ ବିଜେପି ନେତା ପ୍ରସନ୍ନ ସାମଲ, ସତ୍ୟନାରାୟଣ ମହାନ୍ତି, ବିଧାୟକ ପ୍ରତିନିଧି ଶିଶିର କୁମାର ରାଉତ, ସାଂସଦ ପ୍ରତିନିଧି ନିରଞ୍ଜନ ଘଡାଇ, ସୌମେନ୍ଦ୍ର ରାଉତ, ଅଯୋଧ୍ୟା ଜେନା, ବ୍ରାହ୍ମଣୀଦେବୀ ମଣ୍ଡଳ ସଭାପତି ରାକେଶ ଜେନା, ବୈତରଣୀ ମଣ୍ଡଳ ସଭାପତି ଆଲୋକ ମଲ୍ଲିକ, କୃଷ୍ଣଚନ୍ଦ୍ର ରାଉତ, ପ୍ରଶାନ୍ତ ବୋଇତାଇ, ସ୍ୱର୍ଣ୍ଣପ୍ରଭା ନାୟକ, ଦେବେନ୍ଦ୍ର ରାଉତ, କୋରେଇ ବିଧାୟକ ପ୍ରତିନିଧି ଧନେଶ୍ୱର ବାରିକ, ରଜତ ରାଉତ, ଗୌରହରି ଦାସ, ଦୀପ୍ତିମୟୀ କୁଅଁର, ଚନ୍ଦନ ପରିଡା, ବାବାଜୀ ମଲ୍ଲିକ, ମନୋଜ ବେହେରା, ରାଜେଶ ରାଉତ, ଚନ୍ଦନ ଜେନା, ପ୍ରକାଶ ଜେନା, ନିରଞ୍ଜନ ବଳ, ସତ୍ୟବ୍ରତ ଜେନା, ପ୍ରିୟବ୍ରତ ସାହୁ, ସରଫରାଜ, ବିଭୁତିଭୂଷଣ ସାମଲ, ପଦ୍ମନ ଓସ୍ୱାଲ, ବିଷ୍ଣୁ ଚରଣ ମଲ୍ଲିକ, ତାରିଣୀ ପ୍ରସାଦ ଦାସ, ଗୌରାଙ୍ଗ ସାହୁ, ପ୍ରଭୁଦତ୍ତ କୁଅଁର, ସୁରେଶ ଦାସ, ସୁଚିତ୍ରା ଘଡାଇ, ଆଶା ମହାନ୍ତି, ଗୀତା ନାୟକ, ନିବେଦିତା ଜେନା, ରାନି ସାମଲ, ସଂଗୀତା ପ୍ରଧାନ, ସୁଜାତା ପରିଡା, ତିଲୋତମା ସେଠୀ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ପ୍ରଭୁ ଶ୍ରୀରାମ ଓ ଶ୍ରୀ ହନୁମାନଙ୍କ ଫଟୋ ଚିତ୍ରକୁ ଦଳି ଚକଟି ଫାଡିଦେଲେ : ଥାନାରେ ଅଭିଯୋଗ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସମଗ୍ର ସୁବର୍ଣ୍ଣପୁର ଜିଲ୍ଲାରେ ଧୁମଧାମରେ ବାବା ସାହେବ ଭୀମ ରାଓ ଆମ୍ବେଦକରଙ୍କ ଜୟନ୍ତୀ ସହ ହନୁମାନ ଜୟନ୍ତୀ ପାଳନ ହୋଇଥିଲା। କିନ୍ତୁ ଜିଲ୍ଲାର ବୀରମହାରାଜପୁର ଠାରେ ଗତକାଲି ଏକ ଅଭାବନୀୟ ଘଟଣା ଘଟିଛି। ପ୍ରଭୂ ଶ୍ରୀ ରାମ ଏବଂ ହନୁମାନଙ୍କ ଫଟୋ ଚିତ୍ରକୁ ଭୀମ ଆର୍ମି କର୍ମକର୍ତ୍ତା ମାନେ ଚିରା ଫଡା କରିବା ସହ ଦଳି ଚକଟି ଦେଇଥିବା ଥାନାରେ

ଅଭିଯୋଗ ହୋଇଛି । ଏହା ହିନ୍ଦୁ ସନାତନୀ ମାନଙ୍କୁ ବହୁତ୍ ଆଘାତ ଦେଇଛି । ସୂଚନା ଯୋଗ୍ୟ ଯେ ଗତକାଲି ବୀରମହାରାଜପୁର ଆମ୍ବେଦକର୍ ଭବନ ଠାରୁ ବୀରମହାରାଜପୁର ଚାରିଛକ ଅଭିମୁଖେ ବାବା ସାହେବ ଙ୍କ ରାଲି ବାହାରିଥିଲା ବେଳେ ବିଧାୟକ ଈଂ ରଘୁନାଥ ଜଗଦଲା ମଧ୍ଯ ସାମିଲ ଥିଲେ। କିନ୍ତୁ ପରେ ଚାରିଛକ ଠାରେ ସ୍ଥାନୀୟ ବଜରଙ୍ଗ ଦଳ ପକ୍ଷରୁ ଲାଗିଥିବା ପ୍ରଭୂ ଶ୍ରୀ ରାମ ଏବଂ ହନୁମାନଙ୍କ ଫଟୋ କୁ ଜୟ ଭୀମ ନାରା ଦେଇ କିଛି ଦୁର୍ବୃତ୍ତ ଚିରି ଦେବା ସହ ଦଳା ଚକଟା କରିଥିଲେ। ଏ ନେଇ ପରେ ବଜରଙ୍ଗ ଦଳ ପକ୍ଷରୁ ସ୍ଥାନୀୟ ଥାନାରେ ଏକ ଏତଲା ଦିଆଯାଇଥିବା ଜଣାପଡିଛି ।ବୀରମହାରାଜପୁର ବିଧାୟକ ଆଉ ପୋଲିସ ପ୍ରଶାସନ ଥାଇକି ମଧ୍ୟ ଏହି ଘଟଣା ଘଟିଥିବା ଦୁର୍ଭାଗ୍ୟ ର ବିଷୟ ବୋଲି ବଜରଙ୍ଗ ଦଳ ଅଭିଯୋଗ କରିଛି । ସେପଟେ ପରେ ବଜରଙ୍ଗ ଦଳ ପକ୍ଷରୁ ସ୍ଥାନୀୟ ବିଜେପି ବିଧାୟକ ଈଂ ରଘୁନାଥ ଜଗଦଲାଙ୍କ କୁଶ ପୁତଳିକା ଦାହ କରାଯାଇଛି । ଏ ନେଇ ଜିଲ୍ଲାରେ ହଇଚଇ ସୃଷ୍ଟି ହୋଇଥିବା ବେଳେ ଆଗକୁ ପୋଲିସ ପକ୍ଷରୁ କଣ କାର୍ଯ୍ୟନୁଷ୍ଠାନ ନିଆଯାଉଛି ଦେଖିବାକୁ ବାକି ରହିଛି । ଶ୍ରୀରାମ ଙ୍କ ରାଜ୍ୟରେ ରହି ମଧ୍ୟ ଆମ ଭଗବାବ ଙ୍କୁ ଏତେ ଅପମାନ କରିଥିବାରୁ ରାଜନୀତି ର ଗତି କୁଆଡ଼େ ଯାଉଛି ଗୃହ ଶତ୍ରୁ ରହିଲେ ବାହାର ଶତ୍ରୁ କଣ ଦରକାର ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି ।

# ହୋଟେଲରେ ପୋଡା ଇଞ୍ଜିନ ତେଲ ଜାଳି ରୋଷେଇ : ବିଷାକ୍ତ ଧୂଆଁରେ ପରିବେଶ; ଖାଦ୍ୟ ଖାଇ କ୍ୟାନସର, ଶ୍ୱାସଜନିତ ସମସ୍ୟା ଏବଂ ଚର୍ମ ରୋଗ ହେବାର ଆଶଙ୍କା

**ମାଲକାନଗିରି, ନ୍ୟୁଜ ବ୍ୟୁରୋ**

ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ମାତ୍ର ୨୦୦ ମିଟର ଦୂରରେ ଥିବା କିଙ୍ଗସ୍ ହୋଟେଲରେ ଖରାପ (ପୋଡା )ଇଞ୍ଜିନ ତେଲ ଜାଳି ରୋଷେଇ କରୁଥିବା ଜଣାପଡ଼ିଛି । ଖରାପ ଇଞ୍ଜିନ ତେଲ ବ୍ୟବହାର କରି ରୋଷେଇ କରିବା ପରିବେଶ ପାଇଁ ଅତ୍ୟନ୍ତ ବିପଦଜନକ ଏବଂ ଏହା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥିବା ବେଳେ ଉକ୍ତ ହୋଟେଲ ମାଲିକ ଇନ୍ଦ୍ରଜିତ୍ ସରକାର ଲୋକଙ୍କ ସ୍ୱାସ୍ଥ୍ୟ ସହିତ ଖେଳୁଥିବା ଅଭିଯୋଗ ହୋଇଛି । ଖରାପ ଇଞ୍ଜିନ ତେଲ ଜଳିଲେ କର୍କଟ ସୃଷ୍ଟିକାରୀ ପଦାର୍ଥ ଏବଂ କ୍ଷତିକାରକ ଧୂଆଁ ବାହାରିଥାଏ । ଏହି ଧୂଆଁ ରୋଷେଇ ଘରର ପରିବେଶକୁ ବିଷାକ୍ତ କରିବା ସହ ଖାଦ୍ୟରେ ମିଶି ପେଟ ରୋଗ, ଶ୍ୱାସଜନିତ ସମସ୍ୟା ଏବଂ ଦୀର୍ଘମିଆଦୀ ରୋଗର କାରଣ ହୋଇଥାଏ । କିନ୍ତୁ ହୋଟେଲ ମାଲିକ ଜଣକ ଏସବୁକୁ ଖାତିର ନକରି କିଛି ଲାଭବାନ ହେବା ଆଶାରେ ଲୋକଙ୍କ ଜୀବନକୁ ବିପଦକୁ ଠେଲିଦେଉଥିବା ଜଣାପଡ଼ିଛି । ଏହି ତେଲକୁ ଖାଦ୍ୟ ତିଆରିରେ ବ୍ୟବହାର କରିବା ଖାଦ୍ୟ ନିରାପତା ଆଇନ ଅନୁଯାୟୀ ଅପରାଧ ହୋଇଥିବା ବେଳେ ଉକ୍ତ ତେଲରୁ ବାହାରୁଥିବା ଧୂଆଁ ତୀବ୍ର ବିଷାକ୍ତ ଏବଂ ଦୁର୍ଗନ୍ଧଯୁକ୍ତ ହୋଇଥିବାରୁ ଆଖ ପାଖ ପରିବେଶକୁ ପ୍ରଦୂଷିତ କରିବା ସହ ଖାଦ୍ୟର ଗୁଣବତା ଉପରେ ପ୍ରଭାବ ପକାଉଛି । ଏହାସହ ଉକ୍ତ ହୋଟେଲରେ ଅତ୍ୟନ୍ତ ଅପରିଷ୍କାର ପରିବେଶ ଏବଂ ଆବର୍ଜନା ଭିତରେ ଖାଦ୍ୟ ପ୍ରସ୍ତୁତ କରାଯାଉଥିବା ଦେଖିବାକୁ ମିଳୁଥିବା ବେଳେ ଅନେକ ସମୟରେ ଖାଦ୍ୟକୁ ଆକର୍ଷଣୀୟ କରିବା ପାଇଁ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ରଙ୍ଗ ମିଶାଯାଉଥିବା ଜଣାପଡିଛି । ଖାଦ୍ୟ ସୁରକ୍ଷା ଅଧିକାରୀମାନେ ଏଭଳି ହୋଟେଲ ଗୁଡିକ ଉପରେ କଡା ନଜର ରଖିବା ସହ ଉଚିତ ଜରିମାନା ଆଦାୟ କରିବା ପାଇଁ ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି । ଏନେଇ ହୋଟେଲ ମାଲିକଙ୍କୁ ପଚାରିବାରୁ ସେ ବର୍ତ୍ତମାନ ଏଲପିଜି ଗ୍ୟାସ୍ ସଙ୍କଟ ଯୋଗୁଁ ଉକ୍ତ ତେଲ ବ୍ୟବହାର କରି ରୋଷେଇ କରୁଥିବା କହିଛନ୍ତି । ଏ ସମ୍ପର୍କରେ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦୀନବନ୍ଧୁ ମହାନନ୍ଦିଆଙ୍କୁ ଯୋଗାଯୋଗ କରିବାରୁ ସେ ଉକ୍ତ ବିଷୟ ଉପରେ କୌଣସି ଧାରଣା ନଥିବା କହି ସେ ବିଷୟରେ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ କହିଥିଲେ ।

# ପୌରପାଳିକାର ଓଡ଼ିଆ ପକ୍ଷ-୨୦୨୬ ଉଦ୍‌ଯାପିତ

**ଚୌଦ୍ୱାର, ନ୍ୟୁଜ ବ୍ୟୁରୋ**

ଚୌଦ୍ୱାର ପୌରପାଳିକା ଆନୁକୁଲ୍ୟରେ ଦୀର୍ଘ ୧୫ଦିନ ଧରି ଚାଲିଥିବା ଓଡିଆ ପକ୍ଷ ୨୦୨୬ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଗାନ୍ଧୀଛକସ୍ଥିତ ପୌରଟାଉନହଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌରାଧକ୍ଷା ମାନସୀ ସ୍ୱାର୍ଣ୍ଣପ୍ରଭା ସାମଲ,କାଉନସିଲର ସୁବ୍ରତ କୁମାର ସାମଲ, ଅଜୟ କୁମାର ବେହେରା, ଅର୍ଜୁନୀ ବେହେରା,ଦିଲ୍ଲିପ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ ।ଏହି ଅବସରରେ ଅଧ୍ୟାପକ ପ୍ରଫୁଲ୍ଲ କୁମାର ସାହୁ, ଶିକ୍ଷାବିତ୍ ଭାଗବତ ରାଉତ, ରବିନ୍ଦ୍ର କୁମାର ସାହୁ, ପାଲା ଗାୟକ ଶିରୋମଣି ଉତ୍କଳ ପ୍ରତିଭା ସିଦ୍ଧେଶ୍ୱର ନାୟକ ପ୍ରମୁଖଙ୍କୁ ପୌରପାଳିକା ତରଫରୁ ସମ୍ବର୍ଦ୍ଧନା ଅର୍ପଣ କରାଯାଇଥିଲା । ଓଡିଆ ଅସ୍ମୀତା ସମ୍ପର୍କିତ ତର୍କ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଚୌଦ୍ୱାର ମହାବିଦ୍ୟାଳୟର ଛାତ୍ର ସାନ୍ ସୁବୁଧିରାୟ,ସଂଘମିତ୍ରା ରଥ ଆଦିଙ୍କୁ ମଧ ପୁରସ୍କୃତ କରାଯାଇଥିଲା । ବାଣୀଭୁଷଣ ମହାନ୍ତିଙ୍କ ସଂଯୋଜନାରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଓଡ଼ିଆ ପକ୍ଷର ବିଭିନ୍ନ ଦିବସରେ ପୌରପାଳିକା ପକ୍ଷରୁ ସଫେଇ, ପାଲା ପରିବେଷଣ, ପାରମ୍ପରିକ ପୋଷାକ ପରିଧାନ, ବର୍ଣ୍ଣବୋଧ ଓ ଶିଶୁ ଲେଖା ଉତ୍ସବ ଆଦି ବହୁବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୌରପାଳିକାର ତପନ କୁମାର ସାହୁଙ୍କ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶାନୁସରେ ଝାରସୁଗୁଡ଼ା ସହରରେ ଭାରୀ ଯାନ ଚଳାଚଳ ଉପରେ କଟକଣା

**ଝାରସୁଗୁଡ଼ା, ନ୍ୟୁଜ ବ୍ୟୁରୋ**

ସହରର କେତେକ ମୁଖ ରାସ୍ତାରେ ବଢୁଥିବା ଦୁର୍ଘଟଣାକୁ ରୋକିବା ଏବଂ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଭାରୀ ାନ ଚଳାଚଳ ଉପରେ କଟକଣା ଜାରି କରାଯାଇଛି । ଝାରସୁଗୁଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ କୁଣାଲ ମୋତିରାମ ଚହ୍ୱାଣ ମୋଟର ଯାନ ଅଧିନିୟମ, ୧୯୮୮ର ଧାରା ୧୧୫ ଅନୁଯାୟୀ ଏହି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି କରିଛନ୍ତି । ସରକାରୀ ନିର୍ଦ୍ଦେଶ ଅନୁଯାୟୀ, ଅର୍ଡା ଛକ ରୁ ସର୍କିଟ ହାଉସ ଛକ ମଧ୍ୟରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ନୂତନ ବସଷ୍ଟାଣ୍ଡ, ଡିପିଓ ଛକ ଏବଂ ଓଏମପି ଛକ ଦେଇ ଯାଉଥିବା ରାସ୍ତାରେ ଭାରୀ ଯାନ ଚଳାଚଳକୁ ସୀମିତ କରାଯାଇଛି । ଏହି ରାସ୍ତାଟି ଅତ୍ୟଧିକ ଦୁର୍ଘଟଣା ପ୍ରବଣ ହୋଇପଡ଼ିଥିବାରୁ ଏବଂ ନୂତନ ବସଷ୍ଟାଣ୍ଡର ସୁପରିଚାଳନା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆମ୍ବୁଲାନ୍ସ ଯାତାୟାତରେ ପେରି କୌଣସି ବାଧା ସୃଷ୍ଟି ନହୁଏ, ସେଥିପାଇଁ ଏହି ନିଷ୍ପତ୍ତି ନିଆଯାଇଛି । ଏହି ନିୟମ ଅନୁସାରେ, ୧୬,୨୦୦ କିଲୋଗ୍ରାମ କିମ୍ବା ତା'ଠାରୁ ଅଧିକ ଓଜନ ବିଶିଷ୍ଟ ସମସ୍ତ ଭାରୀ ଯାନ (ଭର୍ତ୍ତି କିମ୍ବା ଖାଲି) ଉପରୋକ୍ତ ରାସ୍ତାରେ ଚଳାଚଳ କରିପାରିବେ ନାହିଁ। ଏହି କଟକଣା ୧ ଏପ୍ରିଲ ୨୦୨୬ ରୁ ୩୦ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ବଳବତ୍ତର ରହିବ। ବିକଳ୍ପ ବ୍ୟବସ୍ଥା ସ୍ୱରୁ, ଏହି ସମସ୍ତ ଭାରୀ ଯାନଗୁଡ଼ିକ ଅର୍ଡା ଛକରୁ ସର୍କିଟ ହାଉସ ଛକ ର୍ଯ୍ୟନ୍ତ ରାଜ୍ୟ ରାଜଥ-୧୦ ଏବଂ ନୂତନ ଷ୍ଟାଡିୟମ ଦେଇ ଯାତାୟାତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସମ୍ପର୍କରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆରକ୍ଷୀ ଅଧୀକ୍ଷକ ଏବଂ ପରିବହନ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅବଗତ କରାଯାଇଛି। ଟ୍ରାଫିକ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ଜନସାଧାରଣ ଓ ଯାନବାହନ ମାଲିକମାନେ ପ୍ରଶାସନକୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

# ଅଙ୍ଗନଦୀ ଗର୍ଭରେ ଜଳାଶୟ ପ୍ରକଳ୍ପ କେବେ ?

**ବଲାଙ୍ଗିର, ନ୍ୟୁଜ ବ୍ୟୁରୋ**

ଆଗଲପୁର ବ୍ଲକର ଜୀବନ ଜୀବିକା କୁହା ଯାଉଥିବା ଅଙ୍ଗନଦୀ ଖରା ପୁର୍ବରୁ ଶୁଖିଲା ପଡିଛି । ଦଶନ୍ଧି ପୂର୍ବେ ବର୍ଷ ତମାମ ନଦୀରେ ଧାର ବୋହୁଥିଲା । ଫଳରେ ଆଗଲପୁର ବ୍ଲକର ୩୫ଟି ଗାଁରୁ ଉର୍ଦ୍ଧ ଓ ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକର ୧୫ଟି ଗାଁ କୁ ଚାଷ ଓ ପିଇବା ପାଇଁ ପର୍ଯ୍ୟାପ୍ତ ପାଣି ମିଳୁଥିଲା । ହେଲେ ବର୍ତ୍ତମାନ ଶୀତରୁ ସ୍ରୋତ ଶୁଖି ଯାଉଛି । ଦୀର୍ଘ ବର୍ଷ ହେଲା ଅଂଚଳବାସୀ ଅଙ୍ଗ ନଦୀରେ ବ୍ୟାରେଜ ନିର୍ମାଣ ପାଇଁ ଦାବୀ କରି ଆସୁଛନ୍ତି । ଗତ ସାଧାରଣ ନିର୍ବାଚନ ପୁର୍ବ ରୁ ରାଜ୍ୟ ସରକାର ଆଗଲପୁର ବ୍ଲକ କୁଟାସିଂହା ନିକଟରେ ଅଙ୍ଗନଦୀରେ ୨୪୭. ୫୦ କୋଟି ଟଙ୍କା ବ୍ୟୟରେ ନଦୀଗର୍ଭ ଜଳ ସଂରକ୍ଷଣ ପ୍ରକଳ୍ପ ପାଇଁ ଅର୍ଥ ମଂଜୁର କରିଥିଲେ। ବର୍ତମାନର ସ୍ଥାନୀୟ ବିଧାୟକ ଓ ଭିଭାଗୀୟ ଅଧିକାରୀ ମଧ୍ୟ ପ୍ରସ୍ତାବିତ ସ୍ଥାନକୁ ପରିଦର୍ଶନ କରିଯାଇଛନ୍ତି । ହେଲେ ଏହା ଭିତରେ ୨ ରୁ ଅଧିକ ବର୍ଷ ବିତି ଯାଇଥିଲେ ବି ପ୍ରକଳ୍ପ କାମ ଆରମ୍ଭ ହୋଇନାହିଁ । ଆଗକୁ ହେବକୁ ନାହିଁ ତାହା ମଧ୍ୟ ସନ୍ଦେହ ଘେରରେ । ସୂଚନା ଯୋଗ୍ୟ ଯେ ଅଙ୍ଗ ନଦୀରେ ନଦୀଗର୍ଭ ଜଳାଶୟ ପ୍ରକଳ୍ପ ନିର୍ମାଣ ହେଲେ ଆଗଲପୁର ବ୍ଲକ କୁଟାସିଂହା, କଣ୍ଡାପାଲି, ତେନ୍ତୁଳି ଗାଁ, ଡୁଙ୍ଗୁରିପାଲି, ସେମେଲାମୁଣ୍ଡା, ହରଭଙ୍ଗା, ମୁରଶୁଣ୍ଡ, ସାଲେଭଟା ଆଦି ୨୦ ଟି ଗାଁ ଓ ଡୁଙ୍ଗୁରିପାଲି ବ୍ଲକ ର କପାଶିରା, ଡାହୁକବୁଡ଼, ଭାଟବାହାଲୀ, ତମମୁରା, ଦିଗଶିରା, ଚେରୁପାଲି ଆଦି ୧୦ରୁ ଅଧିକ ଗାଁ ର ଜନସାଧାରଣ ପାନୀୟ ଜଳ ପାଇବା ସହିତ ପାଖାପାଖି ୩୦ ହଜାର ହେକ୍ଟର ଜମିକୁ ପାଣି ମାଡିବା ନେଇ ଆକଳନ କରା ଯାଇଛି । ଏବଂ ଏହା ସହିତ ଭୁତଳ ଜଳସ୍ତର ବୃଦ୍ଧି ହେବା ସହ ମାଛ ଚାଷ, ପଶୁ ପାଳନ ଆଦି କ୍ଷେତ୍ରରେ ସହାୟକ ହେବ । ଏଠାରେ ସୂଚନା ଯୋଗ୍ୟ ଯେ ପୂର୍ବ ସରକାର ସମୟ ରେ ଏହି ପ୍ରକଳ୍ପ ପାଇଁ ଅନୁଦାନ ଆସିଛି । ତେଣୁକରି ତୁରନ୍ତ କାମ ଆରମ୍ଭ କରିବାକୁ ଅଂଚଳବାସୀ ଦାବୀ କରିଛନ୍ତି ।

# ନୀଳଚକ୍ର ସାହିତ୍ୟ ସଂସଦ ତରଫରୁ ବିଷୁବ ମିଳନ ଉତ୍ସବ

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ସ୍ଥାନୀୟ ପାରିଜାତ ପେଲେସର ସମ୍ମିଳନୀ କକ୍ଷରେ ନୀଳଚକ୍ର ସାହିତ୍ୟ ସଂସଦ, ଭାବସମ୍ରାଟ ଓ ବୌଦ୍ଧଚକ୍ର, ତ୍ରୈମାସିକ ସାହିତ୍ୟ ପତ୍ରିକାର ବିଷୁବମିଳନ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବର ପ୍ରାରମ୍ଭିକ ପର୍ବରେ ଚିତ୍ତରଞ୍ଜନ ଦାଶଙ୍କ ସଭାପତିତ୍ୱରେ ପ୍ରଫେସର ପ୍ରଶାନ୍ତ କୁମାର ମହାପାତ୍ର, ପ୍ରାକ୍ତନ ଅଧ୍ୟକ୍ଷ ମୁଖ୍ୟ ଅତିଥି, ପ୍ରଫେସର ଡମ୍ବରୁଧର ଭୋଇ, ବିଶିଷ୍ଟ ଅତିଥି,ଡକ୍ଟର ଶରତ ଚନ୍ଦ୍ର ପତି, ଓଡ଼ିଆ

ପ୍ରାଧ୍ୟାପକ, ମୁଖ୍ୟବକ୍ତା, ଡକ୍ଟର କଳ୍ପତରୁ ନାୟକ,ଓଡିଆ ଅଧ୍ୟାପକ, ସମ୍ମାନିତ ଅତିଥି, ଦୁଃଖିଶ୍ୟାମ ବେହେରା, ପ୍ରାବନ୍ଧିକ,ସମ୍ମାନିତ ଅତିଥି, କମଳକାନ୍ତ ଦଳବେହେରା, ସମ୍ମାନିତ ଅତିଥି ଓ ଡକ୍ଟର (ଇଂ) ସୟ କୁମାର ପଣ୍ଡା ଆଲୋଚକ ଭାବେ ଯୋଗଦେଇଥିଲେ। ଏହି ପର୍ବରେ ସୁଶାନ୍ତ କୁମାର ମହାପାତ୍ର, ଶିଶୁ ସାହିତ୍ୟିକ ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନର କବିତା ପାଠୋତ୍ସବରେ ଡକ୍ଟର ଦେବେନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ବ୍ରହ୍ମାନନ୍ଦ ଥାଟି ମୁଖ୍ୟ ଅତିଥି, ହୃଷିକେଶ ପ୍ରଧାନ ସମ୍ମାନିତ ଅତିଥି ଥିବାବେଳେ ସତ୍ୟନାରାୟଣ ସାହୁ, ଉପସଭାପତି ସନ୍ତୋଷ କୁମାର କର୍ଣ୍ଣ, ଜିଲ୍ଲା ସଂଯୋଜକ ଗୋପାଳ ଅମାତ, ପ୍ରମୋଦିନୀ ବାଇ, ଚନ୍ଦ୍ରକା' ନାୟକ, ହୃଦାନନ୍ଦ ପ୍ରଧାନ ମଞ୍ଚାସୀନ ହୋଇଥିଲେ। ୩୦ଗୋଟି କବିତା ପାଠ କରାଯାଇଥିଲା। ଡକ୍ଟର ଶରତ ଚନ୍ଦ୍ର ପତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯିବା ସହ ହୃଷିକେଶ ପ୍ରଧାନ, ସାହିତ୍ୟିକଙ୍କ ରଚିତ 'ବିବିଧା' କବିତା ପୁସ୍ତକ ଉନ୍ମୋଚିତ ହୋଇଥିଲା। ହୃଷିକେଶ ପ୍ରଧାନ ପୁସ୍ତକର ଆତ୍ମସ୍ୱର ପ୍ରକାଶ କରିଥିବା ବେଳେ ସୁଶାନ୍ତ କୁମାର ମହାପାତ୍ର କବିତା ପୁସ୍ତକର ସମୀକ୍ଷା କରିଥିଲେ।

# ହନୁମାନ ମନ୍ଦିର ପ୍ରତିଷ୍ଠା ଅବସରରେ ୩୧ ୟୁନିଟ ରକ୍ତ ସଂଗ୍ରହ

**ବରଗଡ଼, ନ୍ୟୁଜ ବ୍ୟୁରୋ**

ଜିଲ୍ଲା ପଦମପୁର ଅନ୍ତର୍ଗତ ସର୍ଗିବାହାଲ ସ୍ଥିତ ବିଶି ପାଲି ଗ୍ରାମରେ ଶ୍ରୀ ଶ୍ରୀ ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅବସରରେ ବିଶି ପାଲି ଗ୍ରାମବାସୀ ଓ ନିଷ୍ଠା ପରିବାରର ମିଳିତ ଆନୁକୁଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ବରେଣ୍ୟ ଅତିଥି ଭାବରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଶିରୀଶ କୁମାର ବହିଦାର, ଗୋକୁଲା ନନ୍ଦ ସାହୁ ଯୋଗ ଦେଇ ଫିତା କାଟି ଆନୁଷ୍ଠାନିକ ଭାବରେ ଶିବିରର ଶୁଭାରମ୍ଭ କରିଥିଲେ। ଏହି ଶିବିରରୁ ପଦମପୁର ରକ୍ତ ଭଣ୍ଡାର ଦ୍ୱାରା ସର୍ବମୋଟ ୩୧ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି ଶିବିରକୁ ମନ୍ଦିର ପ୍ରତିଷ୍ଠା କମିଟି ସଭାପତି କୁଳମଣୀ ସାହୁ, ଅଶୋକ ସାହୁ, ବେଣୁଧର ସାହୁ ଦୁର୍ଯୋଧନ ସାହୁ , ବିଶି ପାଲି ଗ୍ରାମବାସୀ, ମନ୍ଦିର ପ୍ରତିଷ୍ଠା କମିଟି ଓ ନିଷ୍ଠା ପରିବାରର ସଦସ୍ୟମାନେ ସୁପରିଚାଳନା କରିଥିଲେ। ପରିଶେଷରେ ରକ୍ତ ଦାନ ଶିବିର

ଆୟୋଜନ ପାଇଁ ମନ୍ଦିର ପ୍ରତିଷ୍ଠା କମିଟିଙ୍କୁ ରାବଣ ଦରବାରରେ ଆମ ନିଷ୍ଠା ପରିବାର ତରଫରୁ ଏକ ସ୍ମୃତି ଫଳକ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ରକ୍ତ ଦାତା ସହଯୋଗୀ ଶୁଭେଚ୍ଛୁ ବିଶେଷ କରି ବିଶି ପାଲି ଗ୍ରାମବାସୀ ଓ ମନ୍ଦିର ପ୍ରତିଷ୍ଠା କମିଟିଙ୍କୁ ନିଷ୍ଠା ପରିବାର ତରଫରୁ ବହୁତ ବହୁତ ଧନ୍ୟବାଦ ଓ କୃତଜ୍ଞତା।

# ମହିଳା ସଶକ୍ତୀକରଣ ନେଇ ସରକାରଙ୍କ ପଦକ୍ଷେପକୁ ଜିଲ୍ଲାପାଳଙ୍କ ପ୍ରଶଂସା

**ବାଲେଶ୍ୱର, ନ୍ୟୁଜ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ପ୍ରଶାସନ ଦ୍ୱାରା 'ନାରୀ ଶକ୍ତି ବନ୍ଦନ' ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ଆଗାମୀ ଦିନରେ ଖୁବ୍ ଶୀଘ୍ର ନାରୀ ଶକ୍ତି ବନ୍ଦନ ଅଧିନିୟମ ବିଲ ସଂସଦରେ ପାରିତ ହେବ । ଏହା ଦ୍ୱାରା ନାରୀମାନେ ସାଧାରଣ ନିର୍ବାଚନରେ ୩୩% ସଂରକ୍ଷଣ ପାଇପାରିବେ । ଏହି ଶୋଭାଯାତ୍ରା ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନରୁ ବାହାରି ଆୟୁଷ୍ମାନ କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ହୋଇଥିଲା । ଏଠାରେ ଆଜିକାର ମୁଖ୍ୟ ଅତିଥି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ଓଡ଼ିଶା ସରକାରୀ ଦଳର ଉପ ମୁଖ୍ୟ ସଚେତକ ତଥା ବିଧାୟକ, ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସ ଓ ବିଧାୟକ ସଦର ମାନସ କୁମାର ଦତ୍ତ ପତାକା ହଲାଇ ସଭାଯାତ୍ରା କୁ ଆରମ୍ଭ କରିଥିଲେ । ଏହି ସମୟରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ନାରୀ ନେତ୍ରୀ ମମତା ମହାପାତ୍ରଙ୍କ ସମେତ ଜିଲ୍ଲା ପ୍ରଶାସନର ଅଧିକାରୀ ମାନେ ଉପସ୍ଥିତ ଥିଲେ । ଏହା ନାରୀ ସଶକ୍ତିକରଣ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ । ଏହି

ଶୋଭାଯାତ୍ରା ରେ ବାଲେଶ୍ୱର ସଂସଦୀୟ କ୍ଷେତ୍ରର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨୦୦୦ ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନେ ସାମିଲ ଥିଲେ । ନାରୀ ମାନଙ୍କର ସଶକ୍ତିକରଣ ଉପରେ ନାରା ଦେଇ ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନେ ଆୟୁଷ୍ମାନ କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ଚାଲି ଚାଲି ଯାଇଥିଲେ । ଆୟୁଷ୍ମାନ କଲ୍ୟାଣ ମଣ୍ଡପ ଠାରେ ସଭାଯାତ୍ରା ପହଞ୍ଚିବା ପରେ ସେଠାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଏହା ଏକ ନାରୀ ସଶକ୍ତିକରଣ କାର୍ଯ୍ୟକ୍ରମ ହୋଇଥିବାରୁ ସମସ୍ତ ପୁରୁଷ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କଳାପରେ ସେମାନେ ମଞ୍ଚ ତଳେ ବସିଥିଲେ । କେବଳ ନାରୀ ଶକ୍ତି ହିଁ ମଞ୍ଚାସୀନ ଥିଲେ । ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼ଃ ମଧୁସ୍ମିତା ସାମନ୍ତରାୟ, ଅଧ୍ୟକ୍ଷା, ବାଲେଶ୍ୱର ପୌରପାଳିକା ସବିତା ସାହୁ, ନାରୀ ନେତ୍ରୀ ମମତା ମହାପାତ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଜ୍ୟୋସ୍ନା ମହାନ୍ତି, ପ୍ରିନ୍ସିପାଲ ଝାନସି ଜେନା ପ୍ରମୁଖ ମଞ୍ଚାସୀନ ଥିଲେ । ଜିଲ୍ଲାପାଳ ଶ୍ରୀ ମୟୂର ବିକାଶ ମହୋଦୟ ନାରୀ ସଶକ୍ତିକରଣ ପ୍ରତି ରାଜ୍ୟ ସରକାର ଓ କେନ୍ଦ୍ର ସରକାର ନେଇଥିବା ପଦକ୍ଷେପ ଗୁଡ଼ିକର ଭୂୟସୀ ପ୍ରଶଂସା କରିଥିଲେ । ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଲୁଚିକି ରହିଥିବା ନାରୀ ଶକ୍ତିକୁ ଜାଗରଣ କରିବା ପାଇଁ ସଭାରେ ଉପସ୍ଥିତ ଥିବା ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନଙ୍କୁ ପରାମର୍ଶ ଦେଇଥିଲେ । ଆଗାମୀ ଦିନରେ ଖୁବ୍ ଶୀଘ୍ର କେନ୍ଦ୍ର ସରକାରଙ୍କ ଦ୍ୱାରା ନାରୀ ଶକ୍ତି ବନ୍ଦନ ଅଧିନିୟମ ବିଲ ସଂସଦରେ ଆଗତ କରାଯିବ। ଏ ସମ୍ପର୍କରେ ସାଂସଦ ଶ୍ରୀଷଡଙ୍ଗୀ ପୁଙ୍ଖାନୁପୁଙ୍ଖ ଭାବେ ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନଙ୍କୁ ବୁଝାଇଥିଲେ। ପୂର୍ବରୁ ରାଜ୍ୟ ଓ କେନ୍ଦ୍ର ସରକାର ନାରୀ ଜାତିର ବିକାଶ ପାଇଁ ଅନେକ ଯୋଜନା ମାନ ଆଣିଛନ୍ତି । ସେଗୁଡିକ ହେଲା ବେଟି ବଚାଓ ବେଟି ପଢ଼ାଓ, ପ୍ରଧାନ ମନ୍ତ୍ରୀ ଉଜ୍ଜଳା ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା, ସୁଭଦ୍ରା ଯୋଜନା ଇତ୍ୟାଦି ।

# 'ଶିକ୍ଷାଗତ ସଂଘର୍ଷ ମାଧ୍ୟମରେ ସମାଜରେ ପରିବର୍ତ୍ତନ ହୋଇପାରିବ'

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ମାନବବାଦୀ ହେତୁବାଦୀ ସଂଗଠନ ପକ୍ଷରୁ ଭାରତରତ୍ନ ଡକ୍ଟର ବାବା ସାହେବ ଆମ୍ବେଦକରଙ୍କ ୧୩୬ ତମ ଜୟନ୍ତୀ ଉପଲକ୍ଷେ। 'ସାମ୍ପ୍ରତିକ ପରିସ୍ଥିତିରେ ବାବାସାହେବ ଆମ୍ବେଦକରଙ୍କ ବିଚାରଋ ବିଷୟରେ ଏକ ଆଲୋଚନା ଚକ୍ର ଶକ୍ତିନାଗର ୪ ର୍ଥ ଲାଇନ ସ୍ଥିତ ସହୀଦ ଭଗତ ସିଂ ପାଠାଗାର ଠାରେ କରାଯାଇଛି। ପୁଷ୍ପମାଲ୍ୟଦେଇ ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ଏକ ସାଧାରଣ ସଭା ଇ.ଟି.ରାଓଙ୍କ ସଂଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ରାହୁଲ ଖିଲାରେ ଯୋଗଦେଇଥିଲେ। ସଙ୍ଗଠନର ସମ୍ପାଦକ କେ. ନନ୍ଦେଶ୍ୱ ସେନାପତି ଆମ୍ବେଦକରଙ୍କ ସମାଜିକ, ଅର୍ଥନୈତିକ, ରାଜନୈତିକ ସଂସ୍କାର ଗୁଡିକ ବିଷୟରେ ସଂକ୍ଷିପ୍ତ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଖିଲାର କହିଥିଲେ ଯେ ଜୀବିତ ଥିଲାବେଳେ ଭଲ ପାଉନଥିବା ଲୋକେ ଆଜି ସେମାନେ ଭଲ ପାଉଥିବାର ଛଳନା କରୁଛନ୍ତି। ଆମ୍ବେଦକର ପ୍ରଥମେ କର୍ମରତ ମହିଳା କର୍ମଚାରୀଙ୍କୁ ପ୍ରସବ କାଳୀନଛୁଟି ଦେବା ବ୍ୟବସ୍ଥା କରିଥିଲେ ଓ ହିନ୍ଦୁକୋଡ଼ ବିଲରେ ମହିଳା ମାନଙ୍କୁ ସମ୍ପତ୍ତିଗତ ଅଧିକାରର ବ୍ୟବସ୍ଥା କରିଥିଲେ । ସମାନ କାମକୁ ସମନ ଦରମାର ବ୍ୟବସ୍ଥା କରିଥିଲେ। ଆଜି କିନ୍ତୁ ନ ସମାନ କାମକୁ ସମାନ ଦରମା ପାଇବା ସ୍ୱପ୍ନ ହୋଇଯାଇଛି । ସେ ଶିକ୍ଷାର ଉନ୍ନତି ପାଇଁ କହୁଥିଲେ 'ଶିକ୍ଷିତ ହୁଅ, ସଂଗଠିତ ହୁଅ, ସଂଘର୍ଷଋ କରିବା ଫଳରେ ସାମାଜିକ ପରିବର୍ତ୍ତନ ହୋଇପାରିବ ବୋଲି କହିଥିଲେ କିନ୍ତୁ ଶିକ୍ଷା କ୍ଷେତ୍ରରେ ନୂତନ ଶିକ୍ଷା ନୀତି ସଂପୂର୍ଣ୍ଣ ପରିପନ୍ଥୀ ବୋଲି କହିଥିଲେ। ଯୁବ ବନ୍ଧୁମାନେ ଆଗେଇ ଆସି ଏହି କାର୍ଯ୍ୟକ୍ରମକକୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଥିଲେ। ଆମ ସଙ୍ଗଠନର ସଦସ୍ୟ ଅବନୀ ଗୟା, ରାଜ୍ବାଳା ତ୍ରିପାଠୀ, ଡି.ମୋହନ ରାଓ, ସୁନେଜ କୁମାର ପାଣିଗ୍ରାହୀ ବୃନ୍ଦାବନ ଖଟେଇ, ବକ୍ତବ୍ୟ ରଖିଥିଲେ। ଗାୟତ୍ରୀ ପାଣିଗ୍ରାହୀ, ସ୍ୱପ୍ନ ସାହୁ, ପ୍ରାତାପ ଚନ୍ଦ୍ର ପ୍ରଧାନ, ସୁଶାନ୍ତ ପ୍ରଧାନ, ରାଜବାଳା ତ୍ରିପାଠୀ, ମହର୍ଷି ସିଂ, ଟି.ଗଣେଶ, ସନ୍ତୋଷ ମିଶ୍ର, ମୟ ଖିଲାର, ପ୍ରଶିକା ଖିଲାର, ଆଲୋକ ପ୍ରଧାନ, ମିହିର ପାତ୍ର, ଗଣାପତି ବେହେରା ଆଦି ବୁଦ୍ଧି ଜୀବୀ ଉପସ୍ଥିତ ଥିଲେ। ଉପସଭାପତି କିଶୋର ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

32 YEARS

# ସମ୍ବାଦ କଳିକା

ଭୁବନେଶ୍ୱର, ୨୧ ଅପ୍ରେଲ ୨୦୨୬ ମଙ୍ଗଳବାର

## ସିବିଏସ୍‌ଇ ପରୀକ୍ଷାରେ ଶତ ପ୍ରତିଶତ ନମ୍ବର ରଖି ଜିଲ୍ଲା ପାଇଁ ସୁନାମ ଆଣିଲେ କୁମାର ଅଭିନବ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ୍ ସରଗଜ ଗ୍ରାମର କୁମାର ଅଭିନବ ମିଶ୍ର ସିବିଏସ୍‌ଇ ମାଟ୍ରିକ୍ ପରୀକ୍ଷାରେ ଶତ ପ୍ରତିଶତ ନମ୍ବର ରଖିବା ସହ ଜିଲ୍ଲାର ଗୌରବ ବଢ଼ାଇଛନ୍ତି । ଏହା ଜଣାପଡ଼ିବା ପରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଫୋନ୍ ଯୋଗେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଜିଲ୍ଲାରେ ଛାତ୍ର ଛାତ୍ରୀ ତଥା ଶିକ୍ଷାବିତ୍ ମହଲରୁ କୁମାର ଅଭିନବଙ୍କୁ ଶୁଭେଚ୍ଛାର ସୁଅ ଛୁଟିବା ସହ ଖୁସିର ମାହୋଲ ଦେଖାଯାଇଛି । ସେ ବଲାଙ୍ଗୀର ସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୨ରେ ଅଧ୍ୟୟନ କରୁଥିବାବେଳେ ୫୦୦ ରୁ ୫୦୦ ମାର୍କ ଶତ ପ୍ରତିଶତ ନମ୍ବର ରଖିବା ସହ ନିଜର ବିଦ୍ୟାଳୟ ତଥା ସୁବର୍ଣ୍ଣପୁର ଜିଲ୍ଲା ପାଇଁ ସୁନାମ ଆଣିଛନ୍ତି । ସେ ମୁଖ୍ୟ ୫ ଗୋଟି ବିଷୟରେ ୯୯.୬ ଶତକଡା ଏବଂ ଅପସ୍‌ନାଲ୍ ଅର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଇସ) ଶତ ପ୍ରତିଶତ ରଖିଥିବାରୁ ସିବିଏସ୍‌ଇର ବ୍ୟବସ୍ଥା ଅନୁଯାୟୀ ସର୍ବଶ୍ରେଷ୍ଠ ୫ଟି ବିଷୟରେ ମୋଟ୍ ୫୦୦ରୁ ୫୦୦ ଶତ ପ୍ରତିଶତ ମାର୍କ ହାସଲ କରିଛନ୍ତି । ତରଭା ବ୍ଲକ୍ ସରଗଜ ଗ୍ରାମର ଜ୍ୟୋତ୍ସ୍ନାରାଣୀ ତ୍ରିପାଠୀ ଓ ପ୍ରଶାନ୍ତ କୁମାର ମିଶ୍ରଙ୍କ ପୁଅ ଅଟନ୍ତି କୁମାର ଅଭିନବ । ସେ ଏହାର ସମସ୍ତ ଶ୍ରେୟ ସ୍କୁଲର ସମସ୍ତ ଶିକ୍ଷକ ତଥା ତାଙ୍କୁ ପ୍ରେରଣା ଯୋଗାଇଥିବା ଗୁରୁଜନ ତଥା ସାଙ୍ଗଙ୍କୁ ଓ ପରିବାରବର୍ଗଙ୍କୁ ଦେଇଛନ୍ତି । ପ୍ରଶାନ୍ତ ମିଶ୍ରଙ୍କ ସପରିବାର ବଲାଙ୍ଗୀରରେ ରହୁଥିବାବେଳେ ପ୍ରଶାନ୍ତ ତରଭା ବ୍ଲକ ସରଗଜ ପଞ୍ଚାୟତ ଅନ୍ତର୍ଗତ ଜୁରାବନ୍ଧ ୟୁପି ସ୍କୁଲରେ ଶିକ୍ଷକ ଅଛନ୍ତି ଏବଂ ଜ୍ୟୋତ୍ସ୍ନାରାଣୀ ବଲାଙ୍ଗୀର ଠିକାଦାରପଡ଼ା ୟୁପି ସ୍କୁଲରେ ଶିକ୍ଷୟିତ୍ରୀ ଭାବେ କାମ କରୁଛନ୍ତି ।

## ବାରବାଟୀ ଫୁଡ଼କୋର୍ଟ ଅନିୟମିତତା ଅଭିଯୋଗ:ସ୍ପଷ୍ଟୀକରଣ ରଖିଲା ସିଏମ୍‌ସି

**କଟକ, ନ୍ୟୁଜ୍ ବ୍ୟୁରୋ**

ବାରବାଟୀ ଫୁଡକୋର୍ଟ ପାଇଁ ଦୋକାନ ଆବଣ୍ଟନ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ନେଇ ସ୍ଥାନୀୟ ବିଧାୟିକାଙ୍କ ଅଭିଯୋଗ ପରେ ସ୍ପଷ୍ଟୀକରଣ ରଖିଛି ସିଏମ୍‌ସି । ଶନିବାର ମେୟର ଏବଂ କମିଶନର ମିଳିତ ପ୍ରେସ୍‌ମିଟ୍ କରି ଏହା ଉପରେ ସ୍ପଷ୍ଟୀକରଣ ରଖିଛନ୍ତି । ମେୟର କହିଛନ୍ତି ଆବଣ୍ଟନ ପ୍ରକ୍ରିୟା ପୂରା ସ୍ୱଚ୍ଛତାର ସହ ହୋଇଛି । ଏହି ପ୍ରକ୍ରିୟା ଅର୍ବାନ ନିୟମକୁ ମାନି କରାଯାଇଛି । ତେବେ କମିଶନର ମଧ ସମାନ କଥା ଦୋହରାଇଛନ୍ତି । ସିଏମ୍‌ସି କମିଶନର କିରଣଦୀପ କୌର ସହୋତା କହିଛନ୍ତି, ଏହି ପ୍ରକ୍ରିୟାରେ କୌଣସି ଅନିୟମିତତା ହୋଇନାହିଁ । କୌଣସି ବ୍ୟବସାୟୀ ମଧ ଏନେଇ ଅଭିଯୋଗ କରିନାହାଁନ୍ତି । ଯଦି କାହାର ସମସ୍ୟା ରହିଥିବ ଟୋଲ୍ ଫ୍ରି ନମ୍ବରରେ ଯୋଗାଯୋଗ କରିପାରିବ ବୋଲି କମିଶନର ସ୍ପଷ୍ଟ କରିଛନ୍ତି । ଏହି ଘଟଣାକୁ ନେଇ ମେୟର-ବିଧାୟକ ମୁହାଁମୁହିଁ ହୋଇଛନ୍ତି । ସିଏମ୍‌ସି ମେୟର ସୁବାସ ସିଂ ଏବଂ ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦୋଷ ବାରବାଟୀ ଫୁଡକୋର୍ଟକୁ ନେଇ ପୁଣି ତୁତୁ ମେଁ ମେଁ ହୋଇଛନ୍ତି । ଏମିତିକି ଉଭୟ ଉଭୟଙ୍କୁ ବ୍ୟକ୍ତିଗତ ଆକ୍ଷେପ କରିବାକୁ ମଧ ପଛାଇନାହାନ୍ତି । ପ୍ରେସ୍‌ମିଟ୍‌ରେ ସୋଫିଆ ସିଏମ୍‌ସି ଦ୍ୱାରା ପ୍ରସ୍ତୁତ ହୋଇଥିବା ଫୁଡକୋର୍ଟ ଆବଣ୍ଟନ ଏସ୍‌ଓପିକୁ ଚିରି ଫିଙ୍ଗି ଦେଇଥିଲେ । ସିଧାସଳଖ ମେୟରଙ୍କୁ ଟାର୍ଗେଟ୍ କରି କହିଥିଲେ ଦୁର୍ନୀତିଗ୍ରସ୍ତ ମେୟର ନିଜ ଲୋକଙ୍କୁ ଦୋକାନ ଆବଣ୍ଟନ କରିଛନ୍ତି । ଅନ୍ୟପଟେ ସୁବାଷ ମଧ ସୋଫିଆଙ୍କୁ କଡା କାଉଣ୍ଟର କରିଥିଲେ । କଟକ ବାରବାଟୀ ଷ୍ଟାଡିୟମ୍ ନିକଟରେ ହୋଇଥିବା ଫୁଡକୋର୍ଟ ଆବଣ୍ଟନରେ ବଡ ଧରଣର ଦୁର୍ନୀତି ହୋଇଥିବା ଅଭିଯୋଗ ଆଣିଛନ୍ତି ସୋଫିଆ । ଏମିତିକି ସିଧାସଳଖ ମେୟର ସୁବାସ ସିଂକୁ ଟାର୍ଗେଟ୍ କରିଛନ୍ତି ସୋଫିଆ କହିଛନ୍ତି ସିଏମ୍‌ସିରେ ଦୁର୍ନୀତିରେ ବୁଡି ରହିଛନ୍ତି ମେୟର ସୁବାସ ସିଂ, ଆଉ ଏହି ଫୁଡ୍ କୋର୍ଟ ଆବଣ୍ଟନରେ ମଧ ସେ ନିଜେ ସଂପୃକ୍ତି । ତାଙ୍କ ନିଜ ଲୋକଙ୍କୁ ଫୁଡକୋର୍ଟ ଦୋକାନ ଘର ଆବଣ୍ଟନ କରିଥିବା ସହ ବାକିଥିବା ଦୋକାନ ପାଇଁ ଯେଉଁ ଏସ୍‌ଓପି କରିଛନ୍ତି ତାହା କିଛି ବ୍ୟବସାୟୀଙ୍କୁ ସୁହାଇଲାଭଳି । ପୂର୍ବରୁ ଯେଉଁ ସର୍ଭେ ହୋଇଛି ତାହା ଠିକ୍ ହୋଇନାହିଁ ଅନେକ ବ୍ୟବସାୟୀ ଏଥିରୁ ବାଦ୍ ପଡ଼ିଛନ୍ତି ଏବଂ ନୂଆ ଏସ୍‌ଓପି ଯେଉଁ କରିଛନ୍ତି ସେଥିରେ ଫୁଡ ଲାଇସେନ୍ସ, ଟ୍ରେଡ୍ ଲାଇସେନ୍ସ, ଆୟକର ରିଟର୍ଣ୍ଣ ଦେଉଥିବା ବ୍ୟବସାୟୀ ରହିପାରିବେ । ଏଭଳି ହେଲେ ଅନେକ ନୂଆ ଓ ଛୋଟ ବ୍ୟବସାୟୀ ନିରାଶ ହେବେ । ସେପଟେ ବିଧାୟିକା ସୋଫିଆ ମେୟର ସୁବାସ ସିଂଙ୍କୁ ଦୁର୍ନୀତି ଗ୍ରସ୍ତ କହିବା ପରେ ଏହାର କଡା ଜବାବ ଦେଇଛନ୍ତି ମେୟର । ସୋଫିଆଙ୍କ ପରିବାର ଦୁର୍ନୀତିରେ ବୁଡି ରହିଛନ୍ତି ସେ ଦୁର୍ନୀତି ବାବଦରେ କଣ କହିବେ । ତାଙ୍କ କାମ ପ୍ରତ୍ୟେକ ଦିନ ସିଏମ୍‌ସି ବିରୋଧରେ କହିବା । ସିଏମ୍‌ସି କମିଶନରଙ୍କ ଅଧକ୍ଷତାରେ ଫୁଡ୍ କୋର୍ଟ ଆବଣ୍ଟନ କମିଟି ଗଠନ ହୋଇଛି । ଦୁଇଜଣ ପୂର୍ବତନ ବିଚାରପତି ମଧ କମିଟିରେ ଅଛନ୍ତି । ସମସ୍ତ ୪୫ ଦୋକାନୀଙ୍କୁ ସ୍ୱଚ୍ଛତାର ସହ ଆବଣ୍ଟନ କରାଯାଇଛି ବୋଲି ମେୟର କହିଛନ୍ତି ।

## ଦାଦନ ଖଟିବାକୁ ଯାଇ ଯୁବକ ନିଖୋଜ

**ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ**

ପରିବାରର ପେଟ ପୋଷିବା ପାଇଁ ଦାଦନ ଖଟିବାକୁ ଘରୁ ଗୋଡ଼ କାଢ଼ିଥିଲେ। ହେଲେ ଅଧା ବାଟରୁ ନିଖୋଜ ହେଲେ। ନିଖୋଜ ଯୁବକ ଜଣକ ହେଉଛନ୍ତି ଚମ୍ପୁଆ ଏନ୍‌ଏସି ଅନ୍ତର୍ଗତ ୱାର୍ଡ ନଂ ଛଅ ଏଲ୍‌ଆଇସି କଲୋନୀର ବାଦଲ ନାଏକଙ୍କ ପୁଅ ନିଖିଳ ନାଏକ (୩୦)। ନିଖିଳ ଗତ ୧୩ ତାରିଖ ସୋମବାର ଦିନ ଛଅ ଜଣଙ୍କ ସହିତ ଦାଦନ ଖଟିବାକୁ ବାଙ୍ଗାଲୋର ଯିବା ପାଇଁ ଘରୁ ଗୋଡ କାଢିଥିଲେ। ଚମ୍ପୁଆରୁ ଭୁବନେଶ୍ୱର ଯାଇ ସେଠାରୁ ବାଙ୍ଗାଲୋର ଯାଉଥିବା ପ୍ରଶାନ୍ତି ଏକ୍ସପ୍ରେସ୍ ଟ୍ରେନ୍ ନଂ (୧୮୪୬୩)ରେ ସାଧାରଣ ବର୍ଗରେ ଚଢ଼ିଥିଲେ। ତେବେ ସେବେଠାରୁ ତାଙ୍କର ମୋବାଇଲ୍ ସ୍ୱିଚ୍ ଅଫ୍ ଦେଖାଇବା ସହ ତାଙ୍କର ପତା ମିଳୁନାହିଁ। ତାଙ୍କ ସାଙ୍ଗରେ ଯାଇଥିବା ଛଅ ଜଣ ମଧ ତାଙ୍କ ସମ୍ପର୍କରେ କିଛି ସ୍ପଷ୍ଟ ସୂଚନା ଦେଇପାରୁନାହାନ୍ତି। ସେମାନଙ୍କ କହିବା ଅନୁସାରେ ନିଖିଳ ଟ୍ରେନ୍‌ରୁ କୁଆଡେ ହଜିଯାଇଛନ୍ତି। ତେବେ ତାଙ୍କର ନିଖୋଜକୁ ଆଠ ଦିନ ବିତିଥିବା ବେଳେ ତାଙ୍କର କୌଣସି ଖୋଜ ଖବର ମିଳିପାରୁ ନାହିଁ। ନିଖିଳ ଘରର ଏକମାତ୍ର ରୋଜଗାରିଆ ପୁଅ ତଥା ସଦସ୍ୟ ହୋଇଥିବାରୁ ତାଙ୍କ ନିଖୋଜରେ ତାଙ୍କର ବିଧବା ମାଆଙ୍କ ସମେତ ପତ୍ନୀ ଓ ଦୁଇ ସନ୍ତାନ ଭାଙ୍ଗି ପଡ଼ିଛନ୍ତି। ନିଖିଳଙ୍କ ନିଖୋଜ ନେଇ ଆଠ ଦିନ ହେବ ଘରେ ଚୁଲି ଜଳିନଥିବା ବେଳେ ପରିବାର ଲୋକେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡ଼ିଛନ୍ତି। ନିଖିଳଙ୍କୁ ଫେରାଇ ଆଣିବା ପାଇଁ ପରିବାର ଲୋକେ ଚମ୍ପୁଆ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ୩୦ କେଜି ବାର୍‌ହା ମାଂସ ଜବତ:୩ ଅଟକ

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡ଼ା ଜିଲ୍ଲା କୋଲାବିରା ଫରେଷ୍ଟ ରେଞ୍ଜ ଲଇକେରା ଥାନା ଅଘରିଆ ବାଗଡିହି ନିକଟସ୍ଥ ଗେଲ ଇଣ୍ଡିଆ ଅଫିସ ନିକଟରେ ମଙ୍ଗରାମୁଣ୍ଡା ନାଳରେ ଅତର୍କିତ ଚଢ଼ଉ କରି ବାରାହା ମାଂସ ଜବତ କରିବା ସହ ୩ ଜଣ ଶିକାରୀଙ୍କୁ ଅଟକ ରଖିଛି । ଗିରଫ ଅଭିଯୁକ୍ତମାନେ ହେଲେ ଅଘରିଆ ବାଗଡିହି ଗ୍ରାମର ବିକାଶ କିସାନ (୩୦), କିର୍ମିରା ନିକଟସ୍ଥ ମାଲୁପଡ଼ାର ଅର୍ଜୁନ ନାଏକ (୩୨) ଓ କାଙ୍କମାଲ ଗ୍ରାମର ପରମାନନ୍ଦ କାଲୋ (୫୯) । ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ୩ ଜଣଙ୍କ ସହ ଅନ୍ୟ କେତେକ ଯୁବକ କୁଲେଇମୁରା ନିକଟ ଜଙ୍ଗଲରୁ ଶୁକ୍ରବାର ରାତିରେ ଏକ ବାର୍‌ହା ଶିକାର କରି ଶନିବାର ମଙ୍ଗରକୁଣ୍ଡ ନାଳରେ ବିକ୍ରୟ ପାଇଁ ମାଂସ କାଟୁଥିଲେ । ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଶିକାରୀମାନେ ହାବୁଡ଼ରେ ପଡ଼ିଥିଲେ । ପୋଲିସକୁ ଦେଖି ବହୁ ଯୁବକ ଫେରାର ହୋଇଯାଇଥିଲେ । ମାତ୍ର ପୋଲିସ ୩ ଜଣଙ୍କୁ ଧରିବାରେ ସଫଳ ହୋଇଥିଲା । ପୋଲିସ ଘଟଣାସ୍ଥଳରୁ ପ୍ରାୟ ୩୦ କେଜି ବାର୍‌ହା ମାଂସ, ବର୍‌ହାର କଟା ମୁଣ୍ଡ, ୩ଟି ମୋଟର ସାଇକଲ, ୨ଟି ବଡ ଛୁରୀ ଜବତ କରିଥିଲା । ପୋଲିସ କୋଲାବିରା ବନ ବିଭାଗକୁ ସୂଚନା ଦେବାପରେ ରେଞ୍ଜର ସୁଦାମ ଜଗଦଲାଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ରମାକାନ୍ତ ନାୟକ ଥାନାକୁ ପହଞ୍ଚି ନିଜ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ କରିଛନ୍ତି ।

## ଡକାୟତି ଓ ଲୁଟ୍ ଘଟଣାରେ ପୋଲିସର ନିଷ୍କ୍ରିୟତାକୁ ବିରୋଧ

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ପୁଇଁତଲା ଥାନା ବୁରକାବାହାଲ ଗାଁ ନାଳଖଣ୍ଡି ନିକଟରେ ସଶସ୍ତ୍ର ଡକାୟତି ହୋଇଥିବା ନେଇ ଅଭିଯୋଗ ହୋଇଛି । ଦୁର୍ବୃତ୍ତଙ୍କ ଆକ୍ରମଣରେ ଆଟଗାଁର ନବୀନ ଦଳେଇ ଓ ଅରବିନ୍ଦ ଦଳେଇଙ୍କ ସହ ଏମାନଙ୍କୁ ଖୋଜିବାକୁ ଯାଇଥିବା ବାପା ରାମ ଦଳେଇ ଗୁରୁତର ହୋଇ ବଲାଙ୍ଗିର ଭୀମଭୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ପୋଲିସର ନିଷ୍କ୍ରିୟତାରୁ ଲୁଟ୍, ଡକାୟତି ଭଳି ଘଟଣା ଘଟୁଥିବା ଅଭିଯୋଗ କରି ଆଟଗାଁରେ ଉତ୍ତେଜନା ପ୍ରକାଶ ପାଇଛି । ସୂଚନାରୁ ପ୍ରକାଶ ଯେ, ଆଟଗାଁର ଦୁଇ ଭାଇ ନବୀନ ଦଳେଇ, ଅରବିନ୍ଦ ଦଳେଇ ଓ ଅମର କୁଅଁର ତିନି ଜଣ ଶୁକ୍ରବାର ରାତି ପ୍ରାୟ ୯ଟାରେ ବାଇକ୍‌ରେ ବୁରକାବାହାଲ ଗାଁରୁ ନିଜ ଗାଁକୁ ଫେରୁଥିଲେ, ବୁରକାବାହାଲ ନାଳଖଣ୍ଡି ନିକଟରେ ୮-୧୦ ଜଣ ଦୁର୍ବୃତ୍ତ ଲୁହାରଡ଼ ଓ ମାରଣାସ୍ତ୍ରରେ ଏହି ତିନି ଜଣଙ୍କୁ ଅତର୍କିତ ଆକ୍ରମଣ କରି ୨୦ ହଜାର ଟଙ୍କା ଲୁଟି ନେଇଥିଲେ । କିଛି ସମୟ ଧରି ନବୀନ ଓ ଅରବିନ୍ଦ ଘରକୁ ନଫେରିବାରୁ ବାପା ରାମ ଦଳେଇ ଏମାନଙ୍କୁ ଖୋଜିବାକୁ ବୁରକାବାହାଲ ନାଳଖଣ୍ଡି ପଟେ ଯାଇଥିଲେ । ଦୁର୍ବୃତ୍ତମାନେ ରାମଙ୍କୁ ମଧ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ । ପରେ ରାମଙ୍କ ବଡ଼ପୁଅ ସତ୍ୟବାନ ଘଟଣାସ୍ଥଳରେ ପହଞ୍ଚିବାରୁ ଗାଁରୁ ଅଧିକ ଲୋକ ଆସୁଥିବା ସନ୍ଦେହ କରି ଦୁର୍ବୃତ୍ତମାନେ ଫେରାର୍ ହୋଇଯାଇଥିଲେ । ରାମ ଓ ନବୀନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଗାଁକୁ ଅଣାଯିବା ପରେ ଏନେଇ ପୁଇଁତଲା ପୋଲିସକୁ ସୂଚନା ଦିଆଯାଇଥିଲା । ପୋଲିସ ଗାଁରେ ପହଞ୍ଚି ରାମ ଓ ପୁଅ ନବୀନଙ୍କୁ ବଲାଙ୍ଗିର ଭୀମଭୋଇ ଚିକିତ୍ସାଳୟରେ ଭର୍ତ୍ତି କରିଛି । ଅନ୍ୟପଟେ, ଦୁର୍ବୃତ୍ତଙ୍କ ଆକ୍ରମଣରେ ରାମଙ୍କ ଅନ୍ୟପୁଅ ଅରବିନ୍ଦ ମଧ ଆହତ ହୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି । ପୁଇଁତଲା ପୋଲିସ ନିଷ୍କ୍ରିୟ ହୋଇପଡ଼ିଥିବାରୁ ଅଞ୍ଚଳରେ ଚୋରି, ଲୁଟ୍, ଡକାୟତି ଭଳି ଅପରାଧ ବୃଦ୍ଧି ପାଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହାକୁ ନେଇ ଗାଁରେ ରାତି ପ୍ରାୟ ୧୦ଟା ସମୟରେ ଏକ ବୈଠକ ବସିଥିବା ଜଣାପଡ଼ିଛି । ଅନ୍ୟପଟେ, ପୁଇଁତଲା ପୋଲିସ ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଥିବା ଜଣାପଡ଼ିଛି ।

## ବିଜେଡ଼ିର ୧୨ ଘଣ୍ଟିଆ ବନ୍ଦ ସଫଳ:କଂଗ୍ରେସର ସମର୍ଥନ

**ରାଇରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ବ୍ଲକ ସ୍ଥିତ କାକବନ୍ଧ ଆଶ୍ରମ ସ୍କୁଲରେ ବିଷାକ୍ତ ଖାଦ୍ୟ ଖାଇ ଜଣେ ଛାତ୍ରୀ ମୃତ୍ୟୁ ଓ ୧୫୦ରୁ ଉର୍ଦ୍ଧ୍ୱ ଅସୁସ୍ଥ ଘଟଣାରେ ବିଜେଡ଼ି ପକ୍ଷରୁ ୧୨ଘଣ୍ଟିଆ ମୟୂରଭଞ୍ଜ ହରତାଳ ବା ବନ୍ଦ ଡାକରା ଫଳରେ ସମଗ୍ର ଜିଲ୍ଲାରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। କଂଗ୍ରେସ ଦଳ ମଧ ବନ୍ଦ ଡାକରାକୁ ପୂର୍ଣ୍ଣ ସମର୍ଥନ ଜଣାଇ ରାଜରାସ୍ତାକୁ ଓହ୍ଲାଇଥିଲା । ବିଜେଡ଼ି ତରଫରୁ ବିଜୁ ଜନତା ଦଳ ମୟୂରଭଞ୍ଜ-୨ର କାର୍ଯ୍ୟକାରୀ ସଭାପତି ରାଇସେନ ମୁର୍ମୁ, ପୌରପାଳିକା ଅଧକ୍ଷ ଅଭିଷେକ ପଟ୍ଟନାୟକ, ପୂର୍ବତନ ବିଧାୟକ ସାଇବା ଶୁସୀଲ ହାଁସଦା, ବିଜେଡ଼ି ମହିଳା ବରିଷ୍ଠ ନେତ୍ରୀ ତନୁଜା ମହାନ୍ତ, ଉପାଧକ୍ଷ ମମିତା ଚୌଧୁରୀଙ୍କ ସମେତ ବହୁ କର୍ମୀ ଉପସ୍ଥିତ ରହି ପିକେଟିଂ କରି ରାଇରଙ୍ଗପୁର ବନ୍ଦ ପାଳନ କରିଥିଲେ। ରାଇରଙ୍ଗପୁରରେ ବିଜେଡ଼ି ନେତା ଓ କର୍ମୀଙ୍କ ପିକେଟିଂ ଯୋଗୁଁ ଗାଡି ମଟର ଚଳାଚଳ ବନ୍ଦ ରହିବା ସହ କିଛି ସମୟ ପାଇଁ ଟାଟା-ବାଦାମପାହାଡ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରାଇରଙ୍ଗପୁର ଉପଖଣ୍ଡର ରାଇରଙ୍ଗପୁର ପୌରପାଳିକା ସମେତ ରାଇରଙ୍ଗପୁର ବ୍ଲକ, ବିଶୋଇ ବ୍ଲକ, ବାଦାମପାହାଡ ବ୍ଲକ, ତିରିଂ ବ୍ଲକ, ବହଳଦା ବ୍ଲକ, ବିଜିତଲା ବ୍ଲକ ଓ ଯାମଦା ବ୍ଲକରେ ବନ୍ଦର ବେଶ୍ ପ୍ରଭାବ ଦେଖିବାକୁ ମିଳିଛି। ଏଠାରେ ସୂଚନାଯୋଗ୍ୟ ଯେ, ଅନୁସୂଚିତ ଜାତି, ଜନଜାତି, ସଂଖ୍ୟା ଲଘୁ ଉନ୍ନୟନ ବିଭାଗରେ ପରିଚାଳିତ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଆବାସିକ ଶିକ୍ଷାନୁଷ୍ଠାନରେ ଘଟଣାର ପୁନରାବୃତ୍ତି ନହେବା, ଘଟଣାର ନ୍ୟାୟିକ ତଦନ୍ତ ସହିତ ଜଡ଼ିତ ଅଧିକାରୀଙ୍କ ବିରୋଧ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ, ମୃତ ଛାତ୍ରୀର ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ସହାୟତା ସହିତ ବାପା କିମ୍ବା ମା'ଙ୍କୁ ସରକାରୀ ଚାକିରୀ ଯୋଗାଇ ଦେବା ନେଇ ଦୁଇ ଦଳର ଦାବି ଓ ଆଭିମୁଖ୍ୟ ସମାନ ଥିବାରୁ ଡବଲ୍ ଇଞ୍ଜିନ ସରକାରଙ୍କ ବିରୋଧରେ ଏହି ଆନ୍ଦୋଳନ ମିଳିତ ଭାବେ ପ୍ରଦର୍ଶନ କରାଯାଉଛି ବୋଲି ଉଭୟ ଦଳର ନେତୃବୃନ୍ଦ କହିଛନ୍ତି ।

## ତହସିଲଦାରଙ୍କୁ ଟ୍ରାକ୍ଟର ଚଢ଼ାଇ ହତ୍ୟା ଉଦ୍ୟମ ଘଟଣା:୧୦ ଅଭିଯୁକ୍ତ ଗିରଫ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଶନିବାର ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡାଙ୍କୁ ଟ୍ରାକ୍ଟର ଚଢାଇ ଆକ୍ରମଣ ଘଟଣା ଅଭିଯୋଗରେ ଟ୍ରାକ୍ଟର ମାଲିକ, ଡ୍ରାଇଭର ଓ ଜମିମାଲିକଙ୍କ ସମେତ ୧୦ ଗିରଫ । ୭ଟି ଟ୍ରାକ୍ଟର ଓ ଦୁଇ ଜେସିବି ମେସିନ୍ ଜବତ କରିଛି କୋରେଇ ପୋଲିସ । ଯାଜପୁର ଜିଲ୍ଲାରେ ବେନିୟମ ବେପିକର ଭାବରେ ରାଜନୀତି ବାହୁ ଛାୟା ତଳେ ରହି ଖଣି ଲଘୁ ସମ୍ପଦ ବାଲି, ମାଟି, କଳା ପଥର ଓ ମୋରମ୍ ଲୁଟ୍ ଚରମ ସୀମାରେ ପହଞ୍ଚିଲାଣି । ମାଫିଆମାନେ ଚନ୍ଦ୍ର ସୂର୍ଯ୍ୟ ମାନୁନାହାନ୍ତି। ଏହାର ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲାର ବ୍ୟାସନଗର ତହସିଲର ମାଟି ମାଫିଆଙ୍କ ଆକ୍ରମଣରେ ତହସିଲଦାର ଶିକାର ହୋଇଛନ୍ତି । ରବିବାର ଅପରାହ୍ନରେ ଯାଜପୁର ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ର ଓ କୋରେଇ ଥାନ ଅଧିକାରୀ ରାକେଶ ତ୍ରିପାଠୀଙ୍କ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଲେ

ଯେ, ଶନିବାର ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡାଙ୍କୁ ଟ୍ରାକ୍ଟର ଚଢାଇ ହତ୍ୟା ଆକ୍ରମଣ ଘଟଣାରେ କୋରେଇ ପୋଲିସ ବିଭିନ୍ନ ସ୍ଥାନ ଛଡ଼ଉ କରି ବାଲି, ମାଟି, ମାଫିଆ ୧୦ ଜଣଙ୍କୁ ଗିରଫ କରାଯାଇଛି। ୭ଟି ଟ୍ରାକ୍ଟର ଓ ଦୁଇଟି ଜେସିବି ମେସିନ୍ ଜବତ କରିଛନ୍ତି । ଆସାମୀ ମାନଙ୍କୁ ଯାଜପୁର ରୋଡ କୋର୍ଟକୁ ଚାଲାଣ କରାଯିବ । ଘଟଣା ମୁତାବକ, ସମ୍ପାକପ ପଞ୍ଚାୟତର ମିନା ବଜାର ଛକ ଅନତି ଦୂରରେ ବେଆଇନ୍ ମାଟି ଖୋଳାଯାଉଥିଲା । ଖବରପାଇ ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡା, ତୁଳତୀ ଆରଆଇ ଇତିଶ୍ରୀ ସେନାପତି ଘଟଣାସ୍ଥଳରେ ପହଞ୍ଚିଥିଲେ । ଅଧିକାରୀଙ୍କୁ ଦେଖି ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଚମ୍ପଟ୍ ମାରିଥିଲେ । ଏକ ଟ୍ରାକ୍ଟର ତହସିଲଦାରଙ୍କୁ ଧକ୍କା ମାରିଥିଲା ଫଳରେ ତହସିଲଦାର ତଳେ ପଡିଯାଇ ଗୁରୁତର ହୋଇଥିଲେ । କୋରେଇ ପୋଲିସ ତହସିଲଦାରଙ୍କୁ କୋରେଇ ଗୋଷ୍ଠୀ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଇ କଟକ ବଡ଼ମେଡିକାଲ ପଠାଇଥିଲା । ଖବରପାଇ କୋରେଇ ଥାନ ଅଧିକାରୀ ରାକେଶ ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ତୁଳତି ଆରଆଇଙ୍କ ଏତଲାକୁ ଭିତ୍ତି କରି ଏକ ମକଦ୍ଦମା ରୁଜୁ କରିଥିଲେ । ଯାଜପୁର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଦୁଇଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ କୋରେଇ ଥାନ ଅଧିକାରୀ ରାକେଶ ତ୍ରିପାଠୀଙ୍କ ନେତୃତ୍ୱରେ କଳିଙ୍ଗନଗର, କୋରେଇ, ଆନନ୍ଦପୁର ପ୍ରଭୃତି ବିଭିନ୍ନ ସ୍ଥାନ ଚଢ଼ଉ କରି ମାଫିଆ ମାନଙ୍କୁ ଗିରଫ କରାଯାଇଛି ।

## ଶିଖରଚଣ୍ଡୀ ପାହାଡ଼ରେ ପୁଣି ଦନ୍ତା ହାତୀ ଆତଙ୍କ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଶିଖରଚଣ୍ଡୀ ପାହାଡ଼ରେ ପୁଣି ଦନ୍ତା ହାତୀ ଆତଙ୍କ ଦେଖାଦେଇଛି । ୨ଟି ଦନ୍ତା ହାତୀ ପାହାଡ଼ରେ ଦୁଇ ଦିନ ହେଲା ଡେରା ପକାଇଛନ୍ତି । ଆମ୍ବ ଖାଇବା ଅନ୍ୱେଷଣରେ ଆସି ପାହାଡ଼ରେ ଅଛନ୍ତି ୨ ଦନ୍ତା । ଦୁଇ ଦନ୍ତାଙ୍କ ନାମ ବଡ଼ ଫେରେକଟା ଓ ସାନ ଫେରେକଟା । ଜନବସତି ମୁହାଁ ନହେବା ଲାଗି ବନ ବିଭାଗ ପାଟ୍ରୋଲିଂ କରୁଛି । ଭୁବନେଶ୍ୱର ୱାଇଲ୍ଡଲାଇଫ୍ ରେଞ୍ଜରଙ୍କ ନେତୃତ୍ୱରେ ୨ଟି ଟିମ୍ ନଜର ରଖିଛନ୍ତି । ଏଠାରେ ସୂଚନାଯୋଗ୍ୟ, ଏହା ପୂର୍ବରୁ ଡିସେମ୍ବର ମାସରେ ହାତୀ ଏଠାକୁ ଆସିବା ଯୋଗୁ କିଛି ଦିନ ପାଇଁ ଶିଖରଚଣ୍ଡି ମନ୍ଦିରକୁ ବନ୍ଦ ରଖାଯାଇଥିଲା ।

## ବ୍ୟବସାୟୀଙ୍କ କବ୍‌ଜାରେ କେନ୍ଦ୍ରାପଡ଼ା ସହରର ମୁଖ୍ୟ ରାସ୍ତା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ସହରର ମୁଖ୍ୟରାସ୍ତା ତିନିମୁହାଣୀ ଠାରୁ ଇଚ୍ଛାପୁର ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବ୍ୟବସାୟୀଙ୍କ କବ୍‌ଜାରେ ରହିଛି । ସ୍ଥାନୀୟ ବାସିନ୍ଦାମାନେ ମୁଖ୍ୟରାସ୍ତାକୁ ଦୁଇ/ତିନି ଫୁଟ୍ ମାଡି ବଡବଡ ଅଟ୍ଟାଳିକା ତିଆରିକରି ଭଡାସୂତ୍ରରେ ଦେଇଥିବା ବେଳେ ଆଉ କେତେକ ଘର ମାଲିକ ନିଜେ ବ୍ୟବସାୟ କରୁଛନ୍ତି । ମୁଖ୍ୟ ରାସ୍ତାଟି ଅଣଓସାରିଆ ଥିଲାବେଳେ ଏହି ବ୍ୟବସାୟୀମାନେ ୩/୪ ଫୁଟର ରାସ୍ତା ଉପରେ ଦୋକାନ ଲେଖାଥିବା ସାଇନ୍‌ବୋର୍ଡ ରଖିବା ସହିତ ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରତ୍ୟେକ ବ୍ୟବସାୟୀ ପ୍ରାୟ ୧୦ ରୁ ୨୦ ମୋଟର ସାଇକେଲ୍ ରଖୁଛନ୍ତି । ଯାହାଫଳରେ ସହରର ମୁଖ୍ୟ ରାସ୍ତାରେ ଯାତାୟାତ କରିବା ସମ୍ପୂର୍ଣ୍ଣ ଅସମ୍ଭବ ହୋଇପଡିଛି ।

ଏପରିକି ଜରୁରୀକାଳୀନ ଗାଡି, ଦମକଳ, ଆମ୍ବୁଲାନ୍ସ ଏପରିକି ସ୍କୁଲ୍ ଗାଡି ଘଣ୍ଟାଘଣ୍ଟା ଧରି ଛିଡା ହୋଇରହୁଛି । ବ୍ୟବସାୟୀମାନେ କୋଟିକୋଟି ଟଙ୍କାର ବ୍ୟବସାୟ କରୁଥିବାବେଳେ ନିଜର ଗାଡି ରଖିବା ପାଇଁ ଇଞ୍ଚେ ଜାଗା ଛାଡିନାହାନ୍ତି । ପୋଲିସ୍ ପ୍ରଶାସନ ନିରବରହିଥିବା ବେଳେ ଜନସାଧାରଣ ଅକଥନୀୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ବିଷୟରେ ବାରମ୍ବାର ଜିଲ୍ଲାପାଳଙ୍କୁ ଅଭିଯୋଗ କରାଯାଉଥିଲେ ମଧ ଜିଲ୍ଲା ପ୍ରଶାସନ ତରଫରୁ ଏହି ବ୍ୟବସାୟୀମାନଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ କରାଯାଉନାହିଁ । ଏପରିକି ପୁରୁଣା ବସ୍‌ଷ୍ଟାଣ୍ଡ ଠାରୁ ଜିଲ୍ଲା କାର୍ଯ୍ୟାଳୟକୁ ଯିବାପାଇଁ ରାସ୍ତା ସମ୍ପୂର୍ଣ୍ଣ ଅବରୋଧ ରହୁଛି । ଏହି ବାଟ ଦେଇ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ପୋଲିସର ବରିଷ୍ଠ ଅଧିକାରୀମାନେ ଯାତାୟାତ କରୁଥିବାବେଳେ ଏମାନେ ମଧ ଏହି ରାସ୍ତା ଅବରୋଧକାରୀମାନଙ୍କ ପ୍ରତି କୌଣସି ପଦକ୍ଷେପ ନେଉନାହାଁନ୍ତି । କେନ୍ଦ୍ରାପଡା ପୌରସଂସ୍ଥାକୁ ଏ ବିଷୟରେ ବାରମ୍ବାର ଅଭିଯୋଗକଲେ ମଧ ପୌର ନିର୍ବାହୀ ଅଧିକାରୀ ଓ ପୌର ଅଧକ୍ଷା ନୀରବଦ୍ରଷ୍ଟା ସାଜିଛନ୍ତି । ବିଶେଷକରି କେନ୍ଦ୍ରାପଡାର କାକଟ ଠାରୁ ସାନ୍ତସାହି ପୋଲ ପର୍ଯ୍ୟନ୍ତ ରାସ୍ତାକୁ ବ୍ୟବସାୟୀମାନେ ସମ୍ପୂର୍ଣ୍ଣ ଭାବରେ ନିଜ କବ୍‌ଜାରେ ରଖି ରାସ୍ତାକୁ ଘଣ୍ଟାଘଣ୍ଟା ବନ୍ଦ କରୁଛନ୍ତି । ଚାରିଚକିଆ ଯାନ ଗୁଡିକ ରାସ୍ତା ଉପରେ ରଖି ଜିନିଷ ଅନ୍‌ଲୋଡ କରୁଛନ୍ତି । ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ବ୍ୟବସାୟୀମାନଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି ।

## ସମ୍ବଲପୁର ସଂଗ୍ରହାଳୟକୁ ଆସିଲା ପ୍ରାଗ୍ ଐତିହାସିକ ଯୁଗର ଅସ୍ତ୍ର ଓ ଉପକରଣ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁର ଚାପ୍ଟର ଇନ୍‌ଟାକ୍ ପକ୍ଷରୁ ବୀର ସୁରେନ୍ଦ୍ର ସାଏ ସଂଗ୍ରହାଳୟରେ ଆବାହକ ଦୀପକ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ବିଶ୍ୱ ଐତିହ୍ୟ ଦିବସ ଅବସରରେ ସଂଗ୍ରହାଳୟକୁ ପ୍ରାଗ୍ ଐତିହାସିକ ଯୁଗର ଅସ୍ତ୍ର ଓ ଉପକରଣ ପ୍ରଦାନ କରାଯାଇଛି । ଏଥିସହିତ ବରପାଲିର କିଛି ଟେରାକୋଟା ସାମଗ୍ରୀ ସଂଗ୍ରହାଳୟରେ ସଂଯୁକ୍ତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ତଥା ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ଅଧାପକ ଡଃ. ଅତୁଲ କୁମାର ପ୍ରଧାନ ବିଶ୍ୱ ଐତିହ୍ୟ ଦିବସର ତାତ୍ପର୍ଯ୍ୟ ତଥା ସ୍ଥାନୀୟ ଅଞ୍ଚଳ ପରିପ୍ରେକ୍ଷୀରେ ଏହାର ମହତ୍ତ୍ୱ ସମ୍ପର୍କରେ କହିଥିଲେ । ଇନଟାକ୍‌ର ସଦସ୍ୟ ଲେଖକ ଧ୍ରୁବ ପ୍ରସାଦ ପଣ୍ଡା ଐତିହ୍ୟ ଟାଞ୍ଜିବୁଲ ଓ ଇନଟାଞ୍ଜିବୁଲ- ଦୁଇ ପ୍ରକାରର ହୋଇଥିବା ଦର୍ଶାଇ ତାର ବ୍ୟାଖ୍ୟା କରିଥିଲେ। ପର୍ଯ୍ୟଟନ ବିଭାଗର ସହ ନିର୍ଦ୍ଦେଶକ ରବିନ୍ଦ୍ର କୁମାର ଦଳାଇ ଐତିହ୍ୟର ମହତ୍ତ୍ୱ, ସଂରକ୍ଷଣ ଓ ଉପଯୋଗିତା ବାବଦରେ କହିଥିଲେ । ସଭାପତି ଶ୍ରୀ ପଣ୍ଡା ପଶ୍ଚିମ ଓଡ଼ିଶାରେ ପ୍ରାଗ୍ ଐତିହାସିକ ଯୁଗ ଠାରୁ ଆରମ୍ଭ କରି ଆଧୁନିକ ଯୁଗ ପର୍ଯ୍ୟନ୍ତ ଥିବା ସଭ୍ୟତାର ନିରନ୍ତରତା ଏବଂ ଐତିହ୍ୟର ବିବିଧତା ସମ୍ପର୍କରେ କହିଥିଲେ । ବୀର ସୁରେନ୍ଦ୍ର ସାଏ ସଂଗ୍ରହାଳୟରେ କ'ଣ ସବୁ ରହିଛି ସେ ସମ୍ପର୍କରେ ମଧ ସୂଚାଇଥିଲେ। ଏଥିସହ ସଂଗ୍ରହାଳୟ ପାଇଁ ଅଧିକ ସାମଗ୍ରୀ ଯୋଗାଇଦେବାକୁ ସେ ନିବେଦନ କରିଛନ୍ତି। ଅଧାପକ ଡ. ଅତୁଲ କୁମାର ପ୍ରଧାନ ଏବଂ ଇତିହାସ ଗବେଷକ ଚୂଡ଼ାମଣି ରଣା ଖ୍ରୀଷ୍ଟପୂର୍ବ ଦୁଇ ଲକ୍ଷ ବର୍ଷରୁ ଦଶ ହଜାର ବର୍ଷ ତଳର ପ୍ରସ୍ତର ଯୁଗୀୟ ଅସ୍ତ୍ର ଓ ଉପକରଣ ସଂଗ୍ରହାଳୟକୁ ଉପହାର ସ୍ୱରୂପ ପ୍ରଦାନ କରିଛନ୍ତି। ଏହା ବାରପାହାଡରେ ଝାଉଁ ନଦୀ ଅବବାହିକାରୁ ପ୍ରାପ୍ତ ହୋଇଛି । ଡଃ. ପ୍ରଧାନ ଓ ଶ୍ରୀ ରଣା ଘୋଷଣା କରିଛନ୍ତି ଯେ, ସେମାନେ ସଂଗ୍ରହାଳୟକୁ ଆହୁରି ଅଧିକ ପ୍ରାଗ୍ ଐତିହାସିକ ଯୁଗୀୟ ଉପକରଣ, ତାଳପତ୍ର ପୋଥି ତଥା ଅନ୍ୟାନ୍ୟ ଜିନିଷ ଦେବେ ।

## ଆଜିର ଭଲମନ୍ଦ

**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**

(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)

ମୋବାଇଲ-୯୩୩୭୬୯୩୦୨୨

csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୧।୦୪।୨୦୨୬, ବୈଶାଖ ଦି୮ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ ୫।୨୭।୨୯ ଚନ୍ଦ୍ରୋଦୟ- ଦିଘ ୮।୨୯।୧୮**

ପଞ୍ଚମୀ ରାଘ ୧।୨୩ ପର୍ଯ୍ୟନ୍ତ । ମୃଗଶିରା ନକ୍ଷତ୍ର ରାଘ ୧।୧୫୮ ପର୍ଯ୍ୟନ୍ତ, **ବୃଷ ଚନ୍ଦ୍ର-** ଦିଘ ୧।୦୩ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର, ମୀନ ରାଶିର । ଦିଘ ୧।୦୩ ଗତେ ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ବିଛା ରାଶିର । ଦିଘ ୧।୦୩ ଗତେ କନ୍ୟା ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବେଲ, ପଣସ ରାଘ ୧।୨୩ ଗତେ ନିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୩୮ ଗତେ ଦିଘ ୧୦।୩୨ ମଧ୍ୟେ । ଦିଘ ୧।୦୩ ଗତେ ଦିଘ ୧।୨୦ ମଧ୍ୟେ । **ପର୍ବୋତ୍ସବ-** ଆଦି ଶଙ୍କରାଚାର୍ଯ୍ୟ ଜୟନ୍ତୀ ।

**ମେଷ:** ଅନେକ ଦିନର ଆଶା ଆପଣଙ୍କର ପୂର୍ଣ୍ଣ ହେବ। ମାଙ୍ଗଳିକ କାମ ସକାଶେ ଯାତ୍ରା କରିବେ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ଘରେ ସୁଖ ଶାନ୍ତି ଅବ୍ୟାହତ ରହିବ ।



**ବୃଷ:** କର୍ମକ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ଦେଖାଦେଇପାରେ । ବନ୍ଧୁଙ୍କ ସହଯୋଗ ପାଇ ଉପକୃତ ହୋଇପାରନ୍ତି । ରୋଜଗାର ଭଲ ହେବ। ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।



**ମିଥୁନ:** ଶରୀର ସୁସ୍ଥ ରହିବ। କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଶୁଭ ଖବର ପାଇ ଆନନ୍ଦିତ ହେବେ। ଆର୍ଥିକ ସ୍ଥିତି ଭଲ ରହିବ। ପାରିବାରିକ ଜୀବନ ସୁଖମୟ ହେବ ।



**କର୍କଟ:** ପାରିବାରିକ ସୁଖ ଅବ୍ୟାହତ ରହିବ। ବ୍ୟବସାୟ ମଧ୍ୟମ ଧରଣର ଚାଲିବ। ଧନ ଲାଭ ହେବ। ଶୁଭ ଖବର ପ୍ରାପ୍ତ ହେବ। ପରୋପକାରୀ ହେବେ। ଦେହ ଓ ମନ ଭଲ ରହିବ ।



**ସିଂହ:** ଚାକିରୀ କ୍ଷେତ୍ରରେ କର୍ମତତ୍ପରତା ପ୍ରକାଶ ପାଇବ। ମାଲିମୋକଦ୍ଦମାରେ ଶୁଣାଣି ଆପଣଙ୍କ ସାପେକ୍ଷ ଜନିତ ହେବ। ଆୟ ଓ ବ୍ୟୟ ସମାନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ପାରିବାରିକ ଅଶାନ୍ତି ଦେଖାଦେବ। ବେପାର ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦେଖାଦେବାର ସୂଚନା ।



**ତୁଳା:** ବନ୍ଧୁଙ୍କ ସହଯୋଗ ପାଇ ଉପକୃତ ହେବେ। କାର୍ଯ୍ୟ କ୍ଷେତ୍ରରେ ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ଆୟରେ ଉନ୍ନତି ଦେଖାଦେବ । ଶରୀର ସୁସ୍ଥ ରହିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବାର ସୂଚନା ।



**ବିଛା:** ଆଜି ଆପଣଙ୍କର ଘାତଚନ୍ଦ୍ର। ଏଣୁ ସାବଧାନତା ଅବଲମ୍ବନୀୟ। କର୍ମକ୍ଷେତ୍ରରେ ଅସଫଳତା ଦେଖାଦେବ। ଖର୍ଚ୍ଚର ପରିମାଣ ଅଧିକ ହେବ। ଘରେ କଳହ ଓ ଅଶାନ୍ତି ଦେଖାଦେବ । ମନ ଅସ୍ଥିର ରହିବ ।

**ଧନୁ:** ବ୍ୟବସାୟରେ ଲାଭବାନ୍ ହେବେ। ମାଙ୍ଗଳିକ କାର୍ଯ୍ୟ ସହିତ ଦେବ ଦର୍ଶନର ସୁଯୋଗ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ଘରେ ଖୁସିର ବାତାବରଣ ରହିବ। ମନ ଭଲ ରହିବ ।



**ମକର:** ଶୁଭ ଖବର ପାଇ ଆନନ୍ଦିତ ହେବେ। ଶତ୍ରୁ ନାଶ ହେବେ। ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ପାଇ ଉପକୃତ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ଗୃହେ ଆନନ୍ଦ ଦେଖାଦେବ । ଶରୀର ସୁସ୍ଥ ରହିବ ।



**କୁମ୍ଭ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହେବେ । ପରିବାରରେ ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ହୋଇପାରନ୍ତି । ଆୟ ଓ ବ୍ୟୟର ପରିମାଣ ସ୍ଥିର ରହିବ। ମନ ଅସ୍ଥିର ରହିବ ।

**ମୀନ:** ଅନେକ କ୍ଷେତ୍ରରେ ବିଜୟୀ ହେବେ। ଅଟକି ରହିଥିବା କାମ ଆରମ୍ଭ ହେବ। ରୋଜଗାର ଭଲ ହେବ। ଆଜି ବନ୍ଧୁ ମିଳନ ହେତୁ ଆନନ୍ଦ ଆସିବ। ପାରିବାରିକ ଜୀବନ ସୁଖମୟ ହେବ ।

## ଯୁବକଙ୍କୁ ଅପହରଣ ଓ ହତ୍ୟା ଅଭିଯୋଗ:୨ ଅଟକ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ସୋରଡ଼ା ଥାନା ଅନ୍ତର୍ଗତ ଦାରିଙ୍ଗବାଡ଼ି ଘାଟିରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତକଙ୍କ ନାମ ରାଜଦୀପ ସାହୁ । ତାଙ୍କ ଘର ପୋଲସରା ଥାନା ଅନ୍ତର୍ଗତ ମାଳତେନ୍ତୁଳିଆ ଗ୍ରାମରେ ବୋଲି ଜଣାପଡିଛି । ରାଜଦୀପ ଗତ ଗୁରୁବାର ଠାରୁ ଘରୁ ନିଖୋଜ ଥିଲେ। ବୁଲିବାକୁ ଯାଉଛି କହି ସେ ଘରୁ ଯାଇଥିଲେ ହେଲେ ଆଉ ଫେରିନଥିଲେ । ତାଙ୍କୁ ଅପହରଣ କରାଯାଇଥିବା ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ତାଙ୍କ କ୍ଷତାକ୍ତ ମୃତଦେହ ସୋରଡ଼ା ଥାନା ଅନ୍ତର୍ଗତ ଦାରିଙ୍ଗବାଡ଼ି ବଡଘାଟିରୁ ପୋଲିସ ଉଦ୍ଧାର କରିଥିଲା । ଶବ ଚିହ୍ନଟରେ ତାହା ରାଜଦୀପଙ୍କର ବୋଲି ଜଣାପଡିଥିଲା । ବିଳମ୍ବିତ ରାତିରେ ରାଜଦୀପଙ୍କ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଅନ୍ତିମ ସଂସ୍କାର କରାଯାଇଥିଲା । ରାଜଦୀପଙ୍କୁ ଅପହରଣ ପରେ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି ପରିବାର ଲୋକ । ତେବେ କିଏ ଓ କାହିଁକି ତାଙ୍କୁ ହତ୍ୟା କରିଛି ତାହା ଅଦ୍ୟାବଧି ସ୍ପଷ୍ଟ ହୋଇନାହିଁ । ଘଟଣାରେ ପୋଲିସ ରାଜଦୀପଙ୍କ ଜଣେ ସମ୍ପର୍କୀୟ ଭାଇ ଓ ସାଙ୍ଗଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୨।୦୪।୨୦୨୬, ବୈଶାଖ ଦି୯ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ ୫।୨୫।୪୭ ଚନ୍ଦ୍ରୋଦୟ- ଦିଘ ୯।୩୩।୨୨**

ଷଷ୍ଠୀ ରାଘ ୧୦।୫୦ ପର୍ଯ୍ୟନ୍ତ । ଆର୍ଦ୍ରା ନକ୍ଷତ୍ର ରାଘ ୧୦।୧୬ ପର୍ଯ୍ୟନ୍ତ, **ମିଥୁନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** କନ୍ୟା ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ନିମ୍ବ ରାଘ ୧୦।୫୦ ଗତେ ତାଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୯ ଗତେ ଦିଘ ୭।୧୦ ମଧ୍ୟେ । ଦିଘ ୧୦।୧୨ ଗତେ ଦିଘ ୧୧।୨୧ ମଧ୍ୟେ । **ପର୍ବୋତ୍ସବ-** ରାମାନୁଯାଚାର୍ଯ୍ୟ ଜୟନ୍ତୀ।

ସମ୍ପାଦକୀୟ

32 YEARS

ସମ୍ବାଦ କଳିକା

# ସନ୍ଦିଗ୍ଧ ବ୍ୟାଙ୍କ୍ କଲକୁ ଚିହ୍ନଟ କରିବାର ନୂଆ ଉପାୟ

ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ ପାଇଁ ଏକ ପ୍ରମୁଖ ଅପଡେଟ୍ ଆସୁଛି। ଆଣ୍ଡ୍ରଏଡ୍ ୟୁଜରଙ୍କୁ ଠକେଇ ଓ ଫେକ୍ କଲରୁ ରକ୍ଷା କରିବା ପାଇଁ ଗୁଗଲ ଏକ ନୂଆ ଫିଚର ଆଣିବାକୁ ପ୍ରସ୍ତୁତି କରୁଛି, ଯାହା କି ସନ୍ଦିଗ୍ଧ ବ୍ୟାଙ୍କ୍ କଲକୁ ଚିହ୍ନଟ କରିବାରେ ସାହାଯ୍ୟ କରିବ। ଆଜିକାଲି ସାଇବର ଠକ ଏମିତି ନମ୍ବରରୁ ସବୁ କଲ୍ କରୁଛନ୍ତି, ତାହା ଦେଖିବାକୁ ପୂରା ଅସଲି ଲାଗିଥାଏ , ଯେମିତି ବ୍ୟାଙ୍କ୍ କିମ୍ବା ସରକାରୀ ହେଲ୍ପଲାଇନ୍। ୟୁଜରଙ୍କୁ ଲାଗେ କି କଲ୍ ଭରସାଯୋଗ୍ୟ, କିନ୍ତୁ ବାସ୍ତବରେ ଏହା ଏକ ସ୍କାମ ହୋଇଥାଏ। ଭାରତରେ ଅଧିକାଂଶ ଲୋକ କେବେ ନା କେବେ ଏହିପରି କଲର ସମ୍ମୁଖୀନ ହୋଇ ଥିବେ। ଆଲଫାବେଟର କମ୍ପାନୀ ଗୁଗଲ ଏକ ନୂଆ ଭେରିଫାଏଡ୍ କଲର ସିଷ୍ଟମ ପ୍ରସ୍ତୁତ କରୁଛି, ଯାହାକୁ ଗୁଗଲ ପ୍ଲେ ସର୍ଭିସେସ୍ ମାଧ୍ୟମରେ ରୋଲଆଉଟ୍ କରାଯିବ। ଏହାର ଫାଇଦା ଏହା ହେବ ଯେ, ଏହି ଫିଚର କୌଣସି ଏକ କଲିଂ ଆପ୍ ଯାଏ ସୀମିତ ରହିବ ନାହିଁ , ବରଂ ପୂରା ସିଷ୍ଟମରେ କାମ କରିବ। ଏବେସୁଦ୍ଧା ଆଣ୍ଡ୍ରଏଡରେ ଭେରିଫାଏଡ୍ କଲ୍ ନାମକ ଫିଚର ଉପଲବ୍ଧ ଥିଲା, କିନ୍ତୁ ଏହା କେବଳ ଗୁଗଲର ଫୋନ୍ ଆପ୍ ଯାଏ ସୀମିତ ଥିଲା। ନୂଆ ଅପଡେଟ୍ ପରେ ଏହି ସୁରକ୍ଷା ସବୁ କମ୍ପାନୀ ଗୁଡ଼ିକର ଫୋନରେ ମିଳିବ, ତାହା ଭିଭୋ ହେଉ କି ଅପୋ କିମ୍ବା ସାମସଙ୍ଗ, ରିୟଲମି କିମ୍ବା ୱାନପ୍ଲସ୍। ଏହି ନୂଆ ଫିଚରର ବିଶେଷ ଫୋକସ ଡିଏନଓ ( ଡୁ-ନଟ୍-ଓରିଜିନେଟ୍) ନମ୍ବରରେ ହେବ। ଏହା ଏମିତି ନମ୍ବର ହୋଇଥାଏ , ଯାହା କେବଳ କଲ୍ ରିସିଭ୍ କରିବା ପାଇଁ ତିଆରି କରାଯାଏ, ଯାହାକୁ ବ୍ୟାଙ୍କ କିମ୍ବା ସରକାରୀ ସଂସ୍ଥା ଏଥିରୁ କେବେ କଲ୍ ଆସିବା ଉଚିତ୍ ନୁହେଁ। କିନ୍ତୁ ସ୍କାମରମାନେ ଏହି ସବୁ ନମ୍ବରର ଭୁଲ ବ୍ୟବହାର କରି ୟୁଜର୍ସଙ୍କୁ ଧୋକା ଦିଅନ୍ତି। ନୂଆ ସିଷ୍ଟମ ଏମିତି ନମ୍ବରକୁ ଚିହ୍ନଟ କରି ପ୍ରଥମେ ଆଲର୍ଟ କରିଦେବ। ଯେବେ ବି କୌଣସି ସନ୍ଦିଗ୍ଧ କଲ୍ ଆସିବ, ଆପଣଙ୍କର ଫୋନ୍ ତାରୁ ପୂର୍ବରୁ ଥିବା ଡାଟାବେସ୍ ସହ ମ୍ୟାଚ୍ କରିବ। ଯଦି ନମ୍ବର ଫେକ୍ କିମ୍ବା ସନ୍ଦିଗ୍ଧ ଜଣାପଡ଼େ, ତ କଲ୍ ଉଠାଇବା ପୂର୍ବରୁ ହିଁ ସତର୍କ ସୂଚନା ମିଳିପାରେ। ଏମିତି କି ଆପଣଙ୍କ ଫୋନରେ ଇନଷ୍ଟାଲ ବ୍ୟାଙ୍କ୍ ଆପ୍ ମଧ୍ୟ ଏହି ସିଷ୍ଟମକୁ ଜରୁରୀ ସୂଚନା ଦେଇପାରେ।

# କାହାକୁଲୋ କେବେ ସେହି ଦେଇଛି ଧରା – ୧

ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ଅଳ୍ପ କେତେବର୍ଷ ତଳର କଥା। ନଦୀଆ ନବଦ୍ୱୀପ ଗୌଡ଼ୀୟ ମଠର ମହନ୍ତ ମହାରାଜ ବିରୁପାକ୍ଷ ବାବାଙ୍କ ଭୁବନେଶ୍ୱର ଆଗମନର ବହୁଳ ପ୍ରଚାର ସହର ସାରା ହୋଇଥିଲା। ତାଙ୍କର ଫଟୋଥିବା ବଡ଼ ଛପା ପ୍ରଚାରପତ୍ରମାନ ପାଚେରୀ ଓ ଘରମାନଙ୍କର କାନ୍ଥରେ ଶୋଭା ପାଇବାସହ କେତେଟା ଟେମ୍ପୋଗାଡ଼ିକୁ ଭଡ଼ାରେ ନେଇ ଉଦ୍ୟୋକ୍ତାମାନେ ତାଙ୍କ ଆଗମନକୁ ସହରସାରା ପ୍ରଚାର କରି ଚାଲିଥିଲେ। ଛପା ନିମନ୍ତ୍ରଣ ପତ୍ର ବି ଉଦ୍ୟୋକ୍ତାମାନଙ୍କଠାରୁ ସହରର କେତେକ ଜଣାଶୁଣା ବ୍ୟକ୍ତିମାନଙ୍କ ପାଖକୁ ପଠାଯାଇଥିଲା। ସଭାର ସ୍ଥାନ ଥିଲା ଇଉନିଟ୍-୩ର ପ୍ରଦର୍ଶନୀ ପଡ଼ିଆ। ସେଥିପାଇଁ ସେଠାରେ ହୋଇଥିଲା କାରୁକାର୍ଯ୍ୟ ଭରା ତମ୍ବୁ ତିଆରି ମଣ୍ଡପ। କାର୍ଯ୍ୟକ୍ରମ ଅନୁସାରେ ସଭାକାର୍ଯ୍ୟ ସକାଳ ୮.୩୦ରୁ ଆରମ୍ଭ ହେଉଥିଲେ ବି ମହନ୍ତ ମହାରାଜଙ୍କ ଦୀକ୍ଷାନ୍ତ ଭାଷଣ ଥିଲା ଠିକ୍ ସନ୍ଧ୍ୟା ୬ଘଟିକାରେ। କଥାଟା ବହୁଦିନ ତଳର ହେଲାଣି ତେଣୁ ତାରିଖଟା ମନେ ନାହିଁ। ନିମନ୍ତ୍ରଣ ପତ୍ରରେ ୫.୩୦ ଭିତରେ ଆସନ ଗ୍ରହଣ କରିବା ସହ ଛୋଟ ପିଲାମାନଙ୍କୁ ସାଥିରେ ନ ନେବାପାଇଁ ନିର୍ଦ୍ଦେଶ ଥିଲା। ଗୋଟିଏ ନିମନ୍ତ୍ରଣପତ୍ର ଦେଖାଇ ଦୁଇଜଣ ମାତ୍ର ଭିତରକୁ ଯାଇପାରିବାର ସେଥିରେ ବି ଲେଖାଥିଲା। ଯଦି ଏପରି କଟକଣା ତେବେ ସହର ସାରା ପ୍ରଚାର କରିବାର ଆବଶ୍ୟକତା ବା କ'ଣ ଥିଲା? ସଭାରେ ବକ୍ତୃତାର ବିଷୟବସ୍ତୁ ଥିଲା "ମୃତ୍ୟୁ ପରର ଜୀବନ"। ଏପରି କଥା ଶୁଣିବା ତଥା ବାବାଙ୍କୁ ଦେଖିବା ପାଇଁ କାହାର ବା ମନ ନହେବ? ତେଣୁ ଯଥା ସମୟରେ ଯିବାକୁ ମୋର ବି ମନ ଆଗେଇଲା। ଆଉ କାହାକୁ ନଡାକି ଡ୍ରାଇଭରକୁ ସାଥିରେ ଧରି ଯଥା ସମୟରେ ସେଠାର ଭିଡ଼ ଭିତରେ ପଶିଲି। ଫାଟକ ପାଖରେ ଏତେ ଭିଡ଼ ଥିଲା ଯେ ଭିତରକୁ ପଶିବା ମୁସ୍କିଲ। ମୁଁ ଜାଣିଥିବା ସଚିବାଳୟରୁ କେତେଜଣ ଅବସର ନେଇଥିବା ଅଫିସର ଫାଟକ ମୁହଁଟାରେ ହାତରେ ଫୁଲମାଳମାନ ଧରି ଠିଆ ହୋଇଥିଲେ। ପୋଲିସ ଓ ଜଣେ ମାଜିଷ୍ଟ୍ରେଟ ଭିଡ଼ ନିୟନ୍ତ୍ରଣ କରିବା ନିମନ୍ତେ ଯତ୍‌ପରୋନାସ୍ତି ଉଦ୍ୟମରେ ଥିବାର ଦେଖିଲି। ଯାହାହେଉ ବହୁଦିନ ପରେ ଜଣେ ସିଦ୍ଧବାବାଙ୍କୁ ଭୁବନେଶ୍ୱର ସହରବାସୀ ଦେଖିବେ ଏହା କମ୍ ବଡ଼ କଥା ନୁହେଁ। ମୁଁ ବି ସେଠାକୁ ଯିବାରେ ନିଜକୁ ଧନ୍ୟ ମନେ କରୁଥିଲି। ସଭାରେ ଶୁଣିବା ଓ ମହାତ୍ମାଙ୍କୁ ଦେଖିବା କମ୍ ସୌଭାଗ୍ୟର କଥା ନୁହେଁ। ଉଦ୍ୟୋକ୍ତାମାନେ ହାତବନ୍ଧା ଘଣ୍ଟାମାନ ବାରମ୍ବାର ଦେଖୁଥାନ୍ତି। ବାବାଙ୍କର ଆସିବାର ବେଳ ହୋଇଗଲା। ସ୍ୱେଚ୍ଛାସେବୀ ଓ ପୋଲିସ ଭାଇମାନଙ୍କର ହୁଇସିଲମାନ ବାଜି ଉଠିବାରୁ ବାବାଙ୍କ ଆସିବାର ସଙ୍କେତ ମିଳିଗଲା। ବାବା ଗୋଟାଏ ଧଳା ବିଦେଶୀ ଗାଡ଼ିର ଆଗ ସିଟ୍‌ରେ ବସିଥିଲେ। ତାଙ୍କ ଗାଡ଼ି ପଛରେ ପ୍ରାୟ ୨୦ଖଣ୍ଡ ବିଭିନ୍ନ ରଂଗର ଗାଡ଼ି ଆସୁଥିବାର ଦେଖିଲି। ଗେଟ୍ ପାଖରେ ବାବା ବସିଥିବା ଗାଡ଼ି ଲାଗିଲା ମାତ୍ରେ ଠେଲାପେଲା ଆରମ୍ଭ ହୋଇଗଲା। ଯେହେତୁ ମୁଁ ଭିତରକୁ ଯାଇପାରୁ ନଥିଲି ଡ୍ରାଇଭର ମୋତେ ଜୋର୍‌କରି ଧରି ଠିଆ ହୋଇଥାଏ। ବାବାଙ୍କ ଗଳାରେ ଫୁଲ ଦେବା ଓ ଗୋଡ଼ ଛୁଇଁବାରେ ବହୁ ଠେଲାପେଲାର ପ୍ରତିଦ୍ୱନ୍ଦ୍ୱିତା ବି ଚାଲିଥିଲା। ଯାହାହେଉ ଆଶୀର୍ବାଦ ଢଙ୍ଗରେ ଉପରକୁ ଦୁଇହାତ ଟେକି ସେ ଗାଡ଼ି ଭିତରୁ ବାହାରି ଆସିଲେ। ସେତେବେଳେ ବାବାଙ୍କ ଜୟ ଜୟକାର ଧ୍ୱନିରେ ଗଗନ ପବନ ଉଚ୍ଛୁଳି ପଡୁଥିଲା। ତାଙ୍କ ଗଳାରୁ ଛିଡ଼ି ତଳେ ପଡ଼ିଯାଉଥିବା ଫୁଲମାଳ ଓ ସେଥିରୁ ଖସିପଡୁଥିବା ଫୁଲଗୁଡ଼ାକୁ ସାଉଁଟି ରଖିବା ପାଇଁ ବି ହେଉଥିଲା ପ୍ରତିଦ୍ୱନ୍ଦ୍ୱିତା। ଦେଖିଲି କେତେଟା କାତିଛଡ଼ା ପୁରୁଣା ଅଫିସର ଫୁଲସବୁକୁ ସାଉଁଟିବାରେ ଏତେ ବ୍ୟସ୍ତ ଥାଆନ୍ତି ଯେ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି କରାଉଥିବା ଦଇତା ସେବାୟତମାନଙ୍କୁ ବି ଲାଜ ଲାଗିବ। ବାବାଙ୍କୁ ପାଛୋଟି ନେବାପରେ ତାଙ୍କ ପଛେ ପଛେ ଲୋକମାନେ ଠେଲାପେଲା ହୋଇ ଭିତରକୁ ପଶିଗଲେ। ସେତେବେଳେ କେହି କାହାକୁ ମାନୁ ନଥିଲେ। ନିମନ୍ତ୍ରଣପତ୍ରରେ ଲେଖାଥିବା ଦୁଇ ସଂଖ୍ୟାକୁ କିଏ ବା ପଚାରେ? ଭିଡ଼ରେ ବାବା ଯାଉଥିବାବେଳେ ଆଗରେ ଲମ୍ବ ଦଣ୍ଡବତମାନ ପକାଇ ଲୋକେ ତାଙ୍କର ଗତିକୁ ଟିକେ ରୋକି ଦେଉଥିଲେ। ଯାହାହେଉ ଧିରେ ଧିରେ ସେ ପେଣ୍ଡାଲ ଉପରକୁ ଚଢ଼ିଗଲେ। ହରିବୋଲ ହୁଳହୁଳି ଧ୍ୱନିରେ ହଲ ଭିତରଟା ପୂରି ଉଠୁଥିଲା। ବାବାଙ୍କର କୌଣସି ଗୌରିକ ବସ୍ତ୍ରର ପରିଧାନ ନଥିଲା। ଧଳା ଶାନ୍ତିପୁରୀ ଲୁଗାସହ ସେହି ରଙ୍ଗର ପଞ୍ଜାବୀ ସେ ପିନ୍ଧିଥିଲେ। ସେତେବେଳକୁ ବାବାଙ୍କ ଗଳାରେ ଦୋହଲୁଥିବା ଫୁଲମାଳଗୁଡ଼ାକ ଆଉ ଦେଖିବାକୁ ନଥିଲା। ଯାହାହେଉ ଡ୍ରାଇଭର ବାବୁର ସାହାଯ୍ୟ ନେଇ ପଛରେ ଖାଲିଥିବା ଗୋଟାଏ ଚୌକିକୁ ଆବୋରି ନେଲି। ପ୍ଲାଷ୍ଟିକ୍ ତିଆରି ଚୌକିଟା ନକନକ ହେଉଥିଲା। ମୋର ୯୦କେ.ଜି.ର ଶରୀରଟାକୁ ତାହା ସମ୍ଭାଳି ପାରିବ କି ନାହିଁ ଏହା ହିଁ ଥିଲା ମୋ ଆଗରେ ପ୍ରଶ୍ନ। ଏପରି ଅବସ୍ଥା ଦେଖି ଖୁଣ୍ଟକଡ଼ରେ ବସିଥିବା ଝିଅଟିଏ ତାର ବସିଥିବା ଚୌକିଟିରେ ମୋତେ ବସାଇବାକୁ ଇସାରା ଦେଇ ସେଠାରୁ ଉଠିଗଲା। ମୁଁ ଝିଅର ଭଦ୍ରତାରେ ଖୁସି ହୋଇ ତାହାର ବସିଥିବା ଚୌକିରେ ଯାଇ ବସିପଡ଼ିଲି। ଖୁଣ୍ଟଟା ବି ମୋ ଶରୀର ପଛ ଭାଗର ଆଶ୍ରୟ ନେଇଗଲା। ମୁଁ ସହରରେ ଟିକେ ଜଣାଶୁଣା ଲୋକଥିଲି। ମୋ ଦୁଇପାଖ ଓ ଆଗରେ ବସିଥିବା କେତେକ ବି ମୋତେ ନମସ୍କାର ଜଣାଉଥିଲେ। ନମସ୍କାରଗୁଡ଼ାକ ପଡୁଥିବା ହେତୁ ମୋର ବ୍ୟକ୍ତିତ୍ୱଟା ସହଜରେ ଜଣା ପଡ଼ିଯାଉଥିଲା। ଉଦ୍ୟୋକ୍ତାମାନଙ୍କ ଭିତରେ ଥିବା ମୋର ଲେଖାଯୋଖାରେ ଦୁଇଟା ଶଳାଙ୍କ ନଜରକୁ ମୁଁ ଆସିଗଲି। ସେମାନେ ମୋତେ ଦେଖି ଆଗକୁ ଯିବାପାଇଁ ଇଙ୍ଗିତ ଦେଲେ। ମୁଁ ନାହିଁ କରିବାରୁ ସେମାନଙ୍କର ବଳପ୍ରୟୋଗ ବି ଆରମ୍ଭ ହୋଇଗଲା। ତାଙ୍କ ଦେଖାଦେଖି ସେହି ମାର୍କାର ଆଉ ତିନିଟା ବି ସେମାନଙ୍କ ସାଥିରେ ଯୋଗଦେଇ ମୋତେ ଆଗ ଧାଡ଼ିକୁ ପୁରା ଟେକିନେଲେ। ସେଠାରେ ବି ଜାଗା ନଥିଲା। ତେବେ ଯେତେବେଳେ ଆୟୋଜକମାନଙ୍କ ଭିତରେ ସେମାନେ ଅଛନ୍ତି ତାଙ୍କର କଥାକୁ ନ ମାନିବ ବା କିଏ? ମୋତେ ଗୋଟାଏ ମଜବୁତିଆ କାଠ ତିଆରି ଚେୟାରରେ ବସାଇ ସେମାନଙ୍କ ଭିତରୁ ଜଣେ ବି ମୋ ପାଖରେ ଖାଲିଥିବା ଚୌକିରେ ବସିଗଲା। ତେବେ ଟେକା ହୋଇ ସେଠାକୁ ଯିବା ଓ ଆଗଧାଡ଼ିରେ ଜବରଦସ୍ତ ବସାଯିବାରେ ମୋର ଲୋକ ଦେଖାଣିଆ ପତିଆରଟା ସେତେବେଳକୁ ଦର୍ଶକମାନଙ୍କ ଭିତରେ ବେଶ୍ ଉଙ୍କି ମାରିଲାଣି। ମଞ୍ଚ ଉପରେ ଥିଲେ ପୁଷ୍ପ ବିମଣ୍ଡିତ ଶ୍ରୀଜଗନ୍ନାଥଙ୍କ ସହ ମା କାଳୀଙ୍କର ଫଟୋ ବିଗ୍ରହମାନ। ପ୍ରଭୁଙ୍କ ଆଗରେ ପିତଳ ରୁଖାର ଦୀପ ଜଳୁଥିଲା। ଉଦ୍‌ଘାଟନ ଉତ୍ସବର ପ୍ରଥମରୁ କେତେଜଣ ବଙ୍ଗ ଲଳନାଙ୍କ ମୁହଁରୁ ଭାସିଆସିଲା ରବୀନ୍ଦ୍ର ସଙ୍ଗୀତର ସୁଲଳିତ ସ୍ୱର ସହ ବାବାଙ୍କର ଗୁଣ କୀର୍ତ୍ତନ ଓ ଭଜନ। ତା ପରେ ଆରମ୍ଭ ହେଲା ପାଦ ପୂଜା। ଶୁଭ ଶଙ୍ଖ, ହରିବୋଲ ହୁଳହୁଳିରେ ମଣ୍ଡପ ଉପର ଉଚ୍ଛୁଳି ଉଠୁଥିଲା। କେତେକ ଲୋକପ୍ରତିନିଧି ଓ ଚାକିରିରୁ ଅବସର ନେଇଯାଇଥିବା ଅଫିସରମାନେ ସେହି ଅଭ୍ୟର୍ଥନାରେ ବି ସାମିଲ ହୋଇଥିଲେ। ଚାକିରି ଜୀବନଟା ସଚିବାଳୟ ପରିସରରେ କଟାଇ ଦେଇଥିବା, କାହାରିକୁ ଜୀବନରେ ସାମାନ୍ୟତମ ସାହାଯ୍ୟ ନ କରିଥିବା, ଭୁବନେଶ୍ୱର ସହରରେ ୭ଟି କୋଠାସହ ପାଖ ଗ୍ରାମମାନଙ୍କରେ ୩ଏକର ଧାନ ଜମିର ମାଲିକାନାର ଜଣେ ଜାତି ଓ କାତିଛଡ଼ା ଅର୍ଥାତ୍ ଅବସର ପାଇଥିବା ଆଇ.ଏ.ଏସ୍ ଅଫିସର ବାବାଙ୍କ ପାଦ ଦୁଇଟାକୁ ଜାବୁଡ଼ି ଧରି କେବଳ ମୁଣ୍ଡିଆ ମାରୁଥିଲେ। ଆଖିରୁ ତାଙ୍କର ଝରି ପଡୁଥିଲା ଲୁହ। ସେହି ଅଫିସରଟି ମୋର ଅତି ପରିଚିତ ଥିବାରୁ ମୁଁ ତାଙ୍କ କାରନାମା ସମ୍ପର୍କରେ ଆଗରୁ ବହୁ କଥା ଜାଣିଥିଲି। ତେଣୁ ମଣ୍ଡପ ଉପରେ ତାଙ୍କର ସେପରି ଅଭିନୟଟା ଦେଖି ମୋତେ ବି ହସ ଲାଗିଲା। ମଣ୍ଡପରୁ ଓହ୍ଲାଇ ଆସିବା ପରେ ସେ ମୋ ପାଖକୁ ଆସିଗଲେ। ଯଥା ରୀତି ସମ୍ମାନ ଆଦାନ ପ୍ରଦାନ ପରେ ମୋ ପାଖ ସିଟ୍‌ରେ ସେ ବସିଗଲେ। ଦେଖିଲି ତାଙ୍କ ପ୍ୟାଣ୍ଟର ଦୁଇପକେଟ ଫୁଲରେ ଭରିଯାଇଛି। ପଚାରିଲି ଏସବୁ ଫୁଲଗୁଡ଼ାଏ କ'ଣ ସାର୍? ତାଙ୍କର ଉତ୍ତର ଥିଲା ବାବାଙ୍କ ପ୍ରସାଦ। ଏହାପରେ ଉଦ୍‌ଘୋଷିକା ବାବାଙ୍କ ପରିଚୟ ଦର୍ଶକମାନଙ୍କୁ ଦେବାପରେ ଆରମ୍ଭ ହେଲା ତାଙ୍କର ପ୍ରଚାରିତ "ମୃତ୍ୟୁ ପର ଜୀବନର ଗତିପଥ" ସମ୍ପର୍କୀୟ ସାରଗର୍ଭକ ଭାଷଣ। ବାବା ଶ୍ରୀମଦ୍‌ଭଗବଦ୍ ଗୀତା ଦ୍ୱିତୀୟ ଅଧ୍ୟାୟର ଶ୍ଳୋକ ବାସାଂସି ଜିର୍ଣ୍ଣାନୀ.... ଯଥା ବିହାୟ"ରୁ ଆରମ୍ଭ କରି ତାହାର ଅନ୍ୱୟସହ ଅର୍ଥ ସବୁକୁ ପ୍ରାଞ୍ଜଳ ଭାବରେ କହି ଚାଲିଲେ। ବାଜିଉଠିଲା ତାଳି ପରେ ତାଳି। ବାବା ପ୍ରଥମେ ଭାଷଣଟାକୁ ବଙ୍ଗଳାରେ ଆରମ୍ଭ କରି ପରେ ହିନ୍ଦୀକୁ ଗଲେ। ଗୀତାରେ ସେ ସମ୍ପର୍କୀୟ ଆହୁରି କେତେକ ଶ୍ଳୋକର ଆବୃତ୍ତି କରି ବାଖ୍ୟା ବି କରୁଥିଲେ। ସ୍ୱର୍ଗ ଓ ନର୍କ, ଗରୁଡ଼ପୁରାଣ ସହ ଉପନିଷଦର ବହୁ କଥା ଓ ତଥ୍ୟମାନ ବି ଶ୍ରୋତାମାନଙ୍କ ଆଗରେ ଉପସ୍ଥାପନା କଲେ। ଭୂତ, ପ୍ରେତ, ଡାହାଣୀ, ଚିରଗୁଣି, ବେତାଳ, ବ୍ରହ୍ମରାକ୍ଷସ ସମ୍ପର୍କରେ ବହୁ କଥା ଶୁଣାଇଲେ। ମଞ୍ଚ ତଳେ ବସିଥିବା ଭକ୍ତମାନଙ୍କର ତାଳିମାଡ଼ରେ ସଭାଘରଟା କମ୍ପି ଯାଉଥିଲା। ମଝିରେ ବି ହରିସଂକୀର୍ତ୍ତନ ଚାଲିଥିଲା। ବାବାଙ୍କ ମୁହଁକୁ ମୁଁ ବାରମ୍ବାର ଚାହୁଁଥିଲି। ମୋର କିଛି ଜାଣିବାର ଅଛି ଭାବି ବାବା ବି ମୋତେ ପାଖକୁ ଯିବାକୁ ଇସାରା ଦେଲେ। ଆଣ୍ଠୁରେ କଷ୍ଟ ଯୋଗୁ ମଞ୍ଚ ଉପରକୁ ଉଠିବା ମୋ ପକ୍ଷରେ ସମ୍ଭବ ନଥିଲା।

ପଛରେ ବସିଥିବା ଦଳେ ପିଲାଙ୍କ ପକ୍ଷରୁ ହୋ ହାଲ୍ଲା ଆରମ୍ଭ ହେଉଥିବା କାନରେ ପଡ଼ିଲା। ପଛକୁ ଚାହିଁ ଦେଖିଲି ପ୍ରାୟ ୬ଜଣ ପର୍ଯ୍ୟନ୍ତ ଯୁବକ କଣ କହୁଥିଲେ ଶୁଣାଯାଉ ନଥିଲେ ବି ସେମାନଙ୍କ ମଧ୍ୟରୁ ଜଣକୁ ଆସିବା ପାଇଁ ବାବା ମାଇକ୍‌ରେ ଘୋଷଣା କଲେ। ସେ ସବୁ କୁଆଡ଼େ ଥିଲେ ହେତୁବାଦୀ ଦଳର। ବାବାଙ୍କ କଥା ନ ଶୁଣି ସେମାନେ ସମସ୍ତେ ଆସି ମଞ୍ଚ ତଳେ ଠିଆ ହୋଇ ଆରମ୍ଭ କଲେ "ଆଚ୍ଛା ବାବା କୁହନ୍ତୁ, ମଣିଷ ମରିଯିବା ପରେ ଯଦି ଭୂତ ବା ପ୍ରେତ ହେଲା ତେବେ ଜନ୍ଦା, ପିମ୍ପୁଡ଼ିଠାରୁ କୁକୁଡ଼ା, ଛେଳିଗୁଡ଼ାକର ମଲାପରେ କଣ ହେଉଛନ୍ତି ଇତ୍ୟାଦି ବହୁ ଅବାଗିଆ ପ୍ରଶ୍ନ।" ଏହିସବୁ ବି ଥିଲା ବଡ଼ ଅବୁଝା। ସେ ସବୁର ଉତ୍ତର କଣ ହୋଇପାରେ ତାହା ବି ସମସ୍ତଙ୍କ ମନ ମଧ୍ୟରେ ଗୁଞ୍ଜରୀ ଉଠିଲା। ଏପରି ପ୍ରଶ୍ନରେ ବାବା ବି ହଡ଼ବଡ଼େଇ ଗଲେ। ସେତେବେଳକୁ ଉଦ୍ୟୋକ୍ତାମାନେ ବି ପ୍ରଶ୍ନକର୍ତ୍ତାମାନଙ୍କ ଆଗରେ ଆସି ପହଞ୍ଚି ଯାଇଥିଲେ। ବାବାଙ୍କଠାରୁ କୌଣସି ପ୍ରକାର ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଟୋକାଗୁଡ଼ାକ ତାଙ୍କ ଜିଦ୍‌ରେ ଅଟଳ ରହି ସେହି ସମ୍ପର୍କୀୟ ପ୍ରଶ୍ନଗୁଡ଼ାକ ବାରମ୍ବାର ପଚାରୁଥାନ୍ତି। ଶ୍ରୋତା ଭକ୍ତମାନଙ୍କ ମଧ୍ୟରେ ଗୁଞ୍ଜରଣ ବି ଆରମ୍ଭ ହୋଇଗଲାଣି। ଆସ୍ତେ ଆସ୍ତେ ପାଟିତୁଣ୍ଡ ବଢୁଛି ତ କମୁନାହିଁ। ଉଦ୍ୟୋକ୍ତାମାନେ ବି ହତାଶ। ଗଣ୍ଡଗୋଳ ସମ୍ଭାବନାରେ କେତେଜଣ ଉଦ୍ୟୋକ୍ତା ଓ ପୋଲିସ ମଞ୍ଚ ଉପରଟାକୁ ଆଗରୁ ଆବୋରି ନେଇଯାଇଥିଲେ। କାଳେ ଶ୍ରୋତା ତଥା ବଗୁଲିଆ ଟୋକାଦଳ ମଞ୍ଚ ଉପରକୁ ଉଠି ଗଣ୍ଡଗୋଳ ଆରମ୍ଭ କରିଦେବେ, ଏହା ହିଁ ଥିଲା ସେମାନଙ୍କର ଆଶଙ୍କା।

ମୋ ପାଖରେ ତଥା ମଞ୍ଚ ତଳେ ବୁଲୁଥିବା ମୋର କେତେଟା ଶାଳକ ମୋତେ ଏହାର ଉତ୍ତର ଦେବାପାଇଁ ଉପରକୁ ଯିବା ନିମନ୍ତେ ବହୁ ଅନୁରୋଧ କଲେ। ସେମାନଙ୍କର ନିଶ୍ଚିତ ଧାରଣା ଥିଲା ଯେ ମୁଁ ଏହାର ଠିକ୍ ଉତ୍ତର ଦେଇପାରିବି। ଦେଖିଲି ପରିସ୍ଥିତି କ୍ରମଶଃ ଗଣ୍ଡଗୋଳ ଆଡକୁ ଯାଉଛି। ବଗୁଲିଆ ଟୋକାଗୁଡ଼ାକ ପାଟିତୁଣ୍ଡ ଯୋର୍‌ରେ ଆରମ୍ଭ କରିଦେଲେଣି ସେମାନଙ୍କ ସଂଖ୍ୟା ବି ବହୁତ। ମୁଁ ବା କି ଉତ୍ତର ଦେଇ ସେମାନଙ୍କୁ ବୁଝାଇବି ତାହା ବି ଭାବିବାକୁ ହେଲା। ଯଦି ମୋ କଥାରେ ସେମାନେ କିଛି ନ ବୁଝନ୍ତି ତେବେ ମୋତେ ବି ଅପଦସ୍ତ ହେବାକୁ ପଡ଼ିବ। ସେମାନେ ବାବାଙ୍କୁ ଛାଡ଼ି ମୋ ଆଡ଼କୁ ନିଶ୍ଚୟ ମାଡ଼ିଆସିବେ। ଏପରି ଚିନ୍ତାରେ ପଡ଼ିଥିବା ବେଳେ ମୋ ନାମକୁ ମାଇକ୍‌ରେ ଘୋଷଣା କରିଦିଆଗଲା। ଏପରି ଅପ୍ରତ୍ୟାଶିତ ଘୋଷଣାରେ ମୁଁ ବି ହତଚକିତ ହୋଇପଡ଼ିଲି। ଉପରକୁ ଉଠିବାର ଶକ୍ତି ନଥିଲେ ବି ମୋତେ ଟୋକାଗୁଡ଼ାକ ଟେକି ନେଇଗଲେ। ମୋତେ ଦେଖି କିଛି ସମୟ ପାଇଁ ଭକ୍ତ ତଥା ଶୋତୃମଣ୍ଡଳି ଚୁପ୍ ହୋଇଗଲେ। ମୁଁ କିଏ ଓ କାହିଁକି ସେଠାରେ ଆସି ଠିଆ ହେଲି ତାହା ମଧ୍ୟ ବଙ୍ଗ ଉଦ୍‌ଘୋଷିକା ଶୁଆକୁ ଘୋଷାଇଲା ଭଳି କହିଚାଲିଲେ। ଏଣେ ସମ୍ମୁଖରେ ଏତେ ଲୋକମାନଙ୍କୁ ଦେଖି ମୁଁ ବି ହଡ଼ବଡ଼େଇ ଗଲେଣି। ଶାଳକ ବୋଲାଉଥିବା ଦୁଇଜଣ ମଜବୁତିଆ ଟୋକା ମୋ ପଛରେ ଠିଆ ହୋଇ ରହିଥିଲେ। ସତେ ଅବା ଥିଲେ ସେମାନେ ମୋର ଅଙ୍ଗରକ୍ଷକ। ଭକ୍ତ ତଥା ଶୋତୃମଣ୍ଡଳୀର ନଜର ବି ମୋ ଉପରେ ଥିଲା। ଜୟ ଜଗନ୍ନାଥ କହି ମୋର ବକ୍ତବ୍ୟ ଆରମ୍ଭ କରିଦେଲି। ମୋ କହିବାର କଥା ଥିଲା ଯେ ଘୂର୍ଣ୍ଣାୟମାନ ଆକର୍ଷଣମଣ୍ଡଳ କିଭଳି ସମଗ୍ର ବିଶ୍ୱବ୍ରହ୍ମାଣ୍ଡକୁ ବ୍ୟାପୀ ରହିଛି ଓ ସେପରି ଶକ୍ତି ଯୋଗୁ ହିଁ ସମଗ୍ର ଜଗତ ପରିଚାଳିତ ହେଉଛି। ଜୀବ ଓ ଜଡ଼ଜଗତର ପ୍ରତ୍ୟେକରେ ସେହି ଆକର୍ଷଣର ସତ୍ତା ରହିଛି। ମୃତ୍ୟୁ ପରେ ପ୍ରତ୍ୟେକ ଜୀବରେ ଥିବା ସେପରି ସତ୍ତାର ଅଂଶ କିପରି ଆକର୍ଷିତ ହୋଇ ପୁଣି ସେହି ମହାଶକ୍ତିରେ ବିଲୀନ ହୋଇଯାଉଛି ଓ ନିଜର ପ୍ରାରବ୍ଧକୁ ନେଇ ପୁନଃ ଆକର୍ଷଣ ମଣ୍ଡଳର ଆବର୍ତ୍ତନ ଚକ୍ରରେ ଘୂରି ଫେରିଆସୁଛି ଇତ୍ୟାଦି। ସେ ସବୁ ଥିଲା ସମ୍ପୂର୍ଣ୍ଣ ଭାବରେ ବିଜ୍ଞାନ ଭିତ୍ତିକ। ସେପରି ଯୁକ୍ତିର ଓଲଟା ପ୍ରଶ୍ନ ସମ୍ଭବତଃ ଶୋତୃମଣ୍ଡଳୀ ମଧ୍ୟରେ ନଥିଲା। ସେତେବେଳକୁ ବାବା ପୁରା ଗମ୍ଭୀର ଭାବରେ ମୋ କଥାଗୁଡ଼ାକ ଶୁଣିଯାଉଥାନ୍ତି। ତାଙ୍କର ହସୁଥିବା ମୁହଁଟି ଅବଶ୍ୟ ସେତେବେଳକୁ ମଳିନ ପଡ଼ିଯାଇଥିଲା। ମୋ ଭାଷଣ ସରିଗଲା। ଘଣ୍ଟାକୁ ଚାହିଁ ଦେଖିଲି ମାତ୍ର ୩୨ମିନିଟ୍ ସମୟ ନେଇଛି। ମୋ କହିବାରେ କାହାରି କିଛି ପ୍ରଶ୍ନ ଅଛି କି ବୋଲି ଶେଷରେ ସମ୍ମୁଖରେ ବସିଥିବା ଶୋତୃ ମଣ୍ଡଳୀକୁ ପଚାରିଲି। ସେତେବେଳକୁ ପ୍ରଶ୍ନ ପଚାରୁଥିବା ବଗୁଲିଆ ଟୋକାଦଳ କୁଆଡ଼େ ପଳେଇଗଲେଣି। ଆଉ ଯେଉଁମାନେ ଥିଲେ ସେମାନେ ନିରୁତ୍ତର। କେବଳ ପରସ୍ପର ମୁହଁକୁ ଚାହୁଁଥିଲେ। କାହାଠାରୁ କିଛି ପ୍ରଶ୍ନ ଆସିଲା ନାହିଁ। ପାଖରେ ଠିଆ ହୋଇଥିବା ଦୁଇଟା ଶାଳକଙ୍କୁ ମୋତେ ନେଇ ବସାଇବାକୁ କହି ଧିରେ ଧିରେ ମଞ୍ଚ ତଳକୁ ଆଗେଇଗଲି। ମୋର ଜଣେ ଶାଳକ ମୋ କାନରେ ଚୁପ୍‌ରେ କହିଲା ବାବା ଟିକିଏ ତୁମକୁ ଦେଖା କରିବାକୁ ଚାହୁଁଛନ୍ତି। ମୁଁ ଉତ୍ତର ଦେଲି ପରେ। ଅନ୍ୟ କେତେଜଣଙ୍କ କହିବା ପରେ ସଭା ଭଙ୍ଗ ହେଲା। ଖବର ପଠାଇଦେଲି ଯେ ବାବାଙ୍କ ରହଣି ସ୍ଥାନରେ ଆସନ୍ତାକାଲି ପ୍ରାତଃ ୮ଘଟିକାରେ ମୋର ଭେଟ ହେବା ନିମନ୍ତେ। ଯେଉଁ ଆଡ଼ମ୍ବରରେ ବାବା ଆସିଥିଲେ ସେହିପରି ଜୟ ଜୟକାର ଧ୍ୱନୀରେ ସଭା ମଞ୍ଚରୁ ତାଙ୍କର ମେଲାଣି ପର୍ବ ଆରମ୍ଭ ହୋଇଗଲା। (କ୍ରମଶଃ...)

## ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

## ବିଶ୍ୱରୂପ ଦର୍ଶନ

# ଗୁରୁବନ୍ଦନା



ହେ ଗୁରୁ ତୁମେ ମଙ୍ଗଳମୟ ଦିଅ ଢାଳି କୃପାବାରି
ତୁମ୍ଭେତ ଅନନ୍ତ ତୁମ୍ଭେତ ଅଚ୍ୟୁତ ତୁମ୍ଭେ ଅଭିରାମହରି (୧)

ତୁମ୍ଭେ ମୁକ୍ତିଦାତା ତୁମ୍ଭେ ସୃଷ୍ଟିକର୍ତ୍ତା ତୁମ୍ଭେତ ପାଳନକାରୀ
ତୁମ୍ଭରି ଆଶିଷେ ଏ ଭବସଂସାରୁ ବନ୍ଧନରୁ ଯା'ନ୍ତି ତରି (୨)

ତୁମ୍ଭେତ ଆଲୋକ ତୁମ୍ଭେତ ଅନ୍ଧାର ସର୍ବମୟ ତୁମ୍ଭେ ହରି
ତୁମ୍ଭରି ଆଦେଶେ ଚନ୍ଦ୍ର ଦିବାକର ପୃଥିବୀରେ ଆ'ନ୍ତି ଘୂରି (୩)

ସଭିଙ୍କୁ ଦେଖାଅ ପାପପୂଣ୍ୟ ମାର୍ଗ ତୁମ୍ଭେ ଅନ୍ତର୍ଯ୍ୟାମୀ ହରି
ସେବିଣ ତୁମ୍ଭଙ୍କୁ ଧ୍ରୁବ, ପ୍ରହଲ୍ଲାଦ ସଂସାରେ ରଖିଲେ ଶିରି (୪)

ତୁମ୍ଭେ ମାତାପିତା ତୁମ୍ଭେ ଜ୍ଞାନଦାତା ଅଜ୍ଞାନ ତମସାହାରି
ତୁମ୍ଭେ ବ୍ରହ୍ମା ବିଷ୍ଣୁ ତୁମ୍ଭେ ମହେଶ୍ୱର କୃପାକର ହରହରି (୫)

ତୁମ୍ଭ ଦୟାବଳେ ପଙ୍ଗୁ ଲଂଘେ ଗିରି ଅନ୍ଧ ହୁଏ ଚକ୍ଷୁଧାରୀ
ବିପଦ ଆପଦେ ସାହା ହୁଏ ତୁମେ ମଙ୍ଗଳର ଅଧିକାରୀ (୬)

ନାହିଁ ଭେଦଭାବ ନାହିଁ ତ ଅଭାବ ଅଖିଳ ବ୍ରହ୍ମାଣ୍ଡ ହରି
ପ୍ରଭାତ ବନ୍ଦୁଛି ପଦପଙ୍କଜକୁ ଢାଳିଦେବ କୃପାବାରି ।(୭)

# ଖାଦ୍ୟ ନିରାପତ୍ତା ମାନଦଣ୍ଡ ଉପରେ ପ୍ରଶ୍ନ

ଆପଣଙ୍କ ମତାମତ

ମହାଶୟ,

ରାଜଧାନୀରେ ବର୍ତ୍ତମାନ ଯେଉଁ ଫଳ, ପରିବା, ଖାଦ୍ୟଜିନିଷ ମିଳୁଛି ତାହା ଆଦୌ ସ୍ୱାସ୍ଥ୍ୟକର ନୁହେଁ ବୋଲି ଜଣାପଡିଛି। ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରତି ଲୋକଙ୍କ ଆଶାକୁ ନିରାଶ କରୁଥିବା ଏପରି ଏକ ଘଟଣା ମୁଁ ଆପଣଙ୍କ ଅବଗତି ନିମନ୍ତେ ପ୍ରକାଶ କରୁଛି। ମୁଁ ନିଜେ ୪ ଦିନ ପୂର୍ବେ ଭୁବନେଶ୍ୱର ବଜାରରୁ ଅମୃତ ଭଣ୍ଡା ଖାଇବା ସ୍ୱାସ୍ଥ୍ୟ ପ୍ରତି ହିତକାରୀ ବୋଲି କିଣିଥିଲି। କିନ୍ତୁ କିଣିବାର ୪ ଦିନ ପରେ ଦେଖିଲି ସେହି ଅମୃତଭଣ୍ଡାର ନିଜ ସ୍ୱାସ୍ଥ୍ୟ ଅବସ୍ଥା ଅତ୍ୟନ୍ତ ଦୟନୀୟ ଓ ଆଶ୍ଚର୍ଯ୍ୟଜନକ। ଏଥିରେ କୃତ୍ରିମ ରାସାୟନିକ ସାର ପ୍ରୟୋଗ କରାଯାଇ ଥିବାର ଦୃଢ ସନ୍ଦେହ ହୁଏ। ଖାଲି ଅମୃତଭଣ୍ଡା କାହିଁକି ତରଭୁଜ, ସେଓ, ଲିଚୁ, ନାସପାତି ଏବଂ ବିଭିନ୍ନ ପରିବା, ଶାଗକୁ ମଧ୍ୟ ଏପରି ରଙ୍ଗୀନ କରାଯାଉଛି ଯାହା ଆଖିକୁ ସୁନ୍ଦର ଦେଖାଗଲେ ମଧ୍ୟ ସ୍ୱାସ୍ଥ୍ୟପ୍ରତି ହିତକାରୀ ନୁହେଁ। ଖାଦ୍ୟରେ ଏପରି ଅସୁରକ୍ଷିତ ପଦାର୍ଥ ବ୍ୟବହାର ନେଇ ସାଧାରଣ ଲୋକଙ୍କ ମନରେ ବାରମ୍ବାର ଚିନ୍ତା ବଢୁଛି। ଏପରି ଅନିୟମିତତା ଓ ବିଷ ପ୍ରୟୋଗ ବିରୋଧରେ ଖାଦ୍ୟ ନିରୀକ୍ଷକମାନଙ୍କ କାର୍ଯ୍ୟଭୂମିକା ଉପରେ ମଧ୍ୟ ସ୍ୱତଃ ପ୍ରଶ୍ନ ଉଠୁଛି। ଖାଦ୍ୟରେ ବିଷାକ୍ତପଦାର୍ଥ ପ୍ରୟୋଗ କରୁଥିବା ଲାଭାର୍ଥୀ ଅସାଧୁ ବ୍ୟବସାୟୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ଦାବି ହେଉଛି। ସେହିପରି, ମାନ୍ୟବର ବିଧାୟକ- ମଣ୍ଡଳ, ଏପରି ଅପରାଧ ରୋକିବା ପାଇଁ ଖାଦ୍ୟ ନିରାପତ୍ତା ଆଇନକୁ କଠୋରରୁ କଠୋରତର କରି ଖାଦ୍ୟ ଅପମିଶ୍ରଣକାରୀଙ୍କ ବିରୁଦ୍ଧରେ ଦଣ୍ଡ ବିଧାନ କରିବା ଆବଶ୍ୟକ ବୋଲି ଜନ ସାଧାରଣରେ ମତ ପ୍ରକାଶ ପାଇଛି। ଏହି ପରିସ୍ଥିତିରେ ପ୍ରଶ୍ନ ଉଠୁଛି—ଆମେ କେମିତି ପରିବେଶରେ ବଞ୍ଚୁଛୁ ଓ ଭବିଷ୍ୟତରେ, ବିଶେଷକରି ୨୦୩୬ ସୁଦ୍ଧା, ଆମ ସମାଜର ଅବସ୍ଥା କେମିତି ହେବ? ଆମ ରାଜ୍ୟ ସଶକ୍ତ ଓ ସମୃଦ୍ଧ ହେବ ତ? ?



**ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ**
**ରିଟାୟାର୍ଡ ଆଇଏଏସ, ନିଳାଦ୍ରୀବିହାର, ଭୁବନେଶ୍ୱର**

# ଧୈର୍ଯ୍ୟ ଏକ ଦୈବୀଶକ୍ତି



ସତୀଶ ବିଶ୍ୱାଳ
ଭୁବନପୁର, ମଧୁପୁରଗଡ, ଧର୍ମଶାଳା, ଯାଜପୁର, ମୋ- ୯୪୩୭୦୧୯୧୧୭

ମାଟିରେ ପଡିଥିବା ମଞ୍ଜିଟିକୁ କେହି ଗୁରୁତ୍ୱ ଦେଇ ନଥାନ୍ତି। ହେଲେ ଏହା ଅଦରକାରୀ ନୁହେଁ। ସମସ୍ତଙ୍କ ଅଗୋଚରରେ ଏହି ମଞ୍ଜି ବଂଚିବାକୁ ନିଜର ସାମର୍ଥ୍ୟ ଯୋଗାଡ କରେ। ପରେ ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ଭୂଇଁ ତଳେ ତଳେ ନିଜର ଚେର ବିସ୍ତାର କରି ଜୀବନ ଯୁଦ୍ଧ ଆରମ୍ଭ କରିଦିଏ। ଅନେକ ବର୍ଷର ଜୀବନ ଯୁଦ୍ଧରେ ସେ ମଞ୍ଜି କେତେବେଳେ ମହାଦ୍ରୁମରେ ପରିଣତ ହୁଏ, ତାହା କାହାକୁ ଜଣା ପଡି ନଥାଏ। ଯେଉଁ ବୃକ୍ଷଟି ଅକାଳରେ ଏବଂ ଯଥାଶିଘ୍ର ବଢିଥାଏ ତାହା ସାମାନ୍ୟ ତୋଫାନରେ ଭାଙ୍ଗିଯାଏ ଓ ନଷ୍ଟ ହୋଇଯାଏ। ହେଲେ ବର୍ଷ ବର୍ଷ ଧରି ଧୈର୍ଯ୍ୟର ସହ ବଢିଥିବା ବୃକ୍ଷଟି ଯେତେ ଝଡ ତୋଫାନ ଆସିଲେ ବି, ସେମିତି ଠିଆ ହୋଇ ରହିଥାଏ। ଅର୍ଥାତ କାନକୁ ଶୁଭୁଥିବା ଶବ୍ଦ, ଦେଖା ଯାଉଥିବା ସଫଳତା ବ୍ୟତୀତ ବାସ୍ତବ ଶକ୍ତି ଓ ସଫଳତା କିନ୍ତୁ ଅଦୃଶ୍ୟରେ ଥାଏ। ଯେମିତି ମଞ୍ଜିଟି ମହାଦ୍ରୁମରେ ପରିଣତ ହେବା ପାଇଁ ବାସ୍ତବ ଶକ୍ତି ମାଟି ତଳେ ଥିବା ଚେରରେ ଅଦୃଶ୍ୟରେ ଥାଏ। ପ୍ରକୃତିକୁ ମଧ୍ୟ ବିହନରୁ ବୃକ୍ଷ ସୃଷ୍ଟି କରିବା ପାଇଁ ଧୈର୍ଯ୍ୟର ଆବଶ୍ୟକ ଥାଏ। ସମୟ ସହିତ ଅପେକ୍ଷା କରିବାର ଧୈର୍ଯ୍ୟ ହିଁ ସଫଳତାର ଶକ୍ତି ପ୍ରଦାନ କରେ। ପ୍ରକୃତି କେବେ ବି କାହାକୁ ଶିଘ୍ର ବଢିବାକୁ ସୁଯୋଗ ଦିଏ ନାହିଁ। ଯଦି ବି କାହାକୁ ଶୀଘ୍ର ବଢିବାକୁ ଦିଏ, ତେବେ ତାକୁ ପୁଣି ଶୀଘ୍ର ଭାଙ୍ଗି ମାଟିରେ ମିଶାଇ ଦିଏ। ତାର ଚିହ୍ନ ବର୍ଣ୍ଣ ବି ରଖେ ନାହିଁ। ଏହା ପ୍ରକୃତିର ନିୟମ। ଭଗବାନଙ୍କ ସୃଷ୍ଟିରେ ସବୁକିଛି ସମୟ, ନିୟମ ଓ ଜଳବାୟୁ ଅନୁସାରେ ଅଭିବୃଦ୍ଧି ହୋଇଥାଏ।

ମଣିଷର ଉତ୍ତରୋତ୍ତର ଉନ୍ନତି ପାଇଁ 'ସହନଶୀଳତା' ଅତ୍ୟାବଶୀକ। ଏହି ସହନଶୀଳତା ଶବ୍ଦଟି 'ଧୈର୍ଯ୍ୟ'ର ସ୍ୱରୂପ। ଏହି ସହନଶୀଳତା ହିଁ ପରବର୍ତ୍ତୀ ସମୟରେ ମଣିଷକୁ ବଡ ଲଢେଇର ସାମର୍ଥ୍ୟ ପ୍ରଦାନ କରେ। ନିଜ ବିରୋଧରେ ହେଉଥିବା ସମସ୍ତ ପ୍ରକାର ଷଡଯନ୍ତ୍ର ଏବଂ ଅତ୍ୟାଚାରକୁ ବରଦାସ୍ତ କରିବା ଶକ୍ତିଶାଳୀ ବ୍ୟକ୍ତିର ବଡ ପରିଚୟ ହୋଇଥାଏ। ଶକ୍ତିଶାଳୀ ବ୍ୟକ୍ତି ଏ କ୍ଷେତ୍ରରେ ପ୍ରତିକ୍ରିୟା ନଦେଇ ନିଜର ଧୈର୍ଯ୍ୟ ରୂପକ ଶକ୍ତିର ଦମ ଦେଖାଇଥାଏ। ଅତ୍ୟାଚାରକୁ ସହିଯିବା ମଧ୍ୟ ଶକ୍ତିଶାଳୀ ବ୍ୟକ୍ତିର ବ୍ୟକ୍ତିତ୍ୱର ଏକ ନିଦର୍ଶନ। ଉଣା ଅଧିକେ ବିଶ୍ୱର ବହୁ ମହାମାନବ ଏହା ନିଜ କ୍ଷେତ୍ରରେ କରି ଦେଖାଇଛନ୍ତି। ଭଗବାନ ଯିଶୁଙ୍କ ଜୀବନୀ ଠାରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଅହିଂସା ଆନ୍ଦୋଳନ ଏ କ୍ଷେତ୍ରରେ ଗୋଟିଏ ଗୋଟିଏ ଦୃଷ୍ଟାନ୍ତ ମାତ୍ର। ଏଭଳି ଦୁଃସମୟରେ ଶକ୍ତିଶାଳୀ ବ୍ୟକ୍ତିର ଧୈର୍ଯ୍ୟ ହିଁ ଚିନ୍ତା କରି ପଦକ୍ଷେପ ନେବାର ସମୟ ଓ ସୁଯୋଗ ଦେଇଥାଏ। ଏହି ସମୟ ମଧ୍ୟରେ ସେ ସଠିକ ନିଷ୍ପତି ନେଇଥାଏ। ଏହାପରେ ଠିକଣା ସମୟରେ ସେ ସଠିକ ପ୍ରତିକ୍ରିୟା ଦେଇଥାଏ।

ହେଲେ ଦୁର୍ବଳ ବ୍ୟକ୍ତି ତତକ୍ଷଣାତ ପ୍ରତିକ୍ରିୟାଶୀଳ ହୋଇଥାଏ। ଅଧୈର୍ଯ୍ୟ ବ୍ୟକ୍ତି ନିଜର ଶକ୍ତିକୁ କଳି-ଝଗଡା ଓ ନୀତିହୀନ କାର୍ଯ୍ୟରେ ନଷ୍ଟ କରେ। ବ୍ୟକ୍ତି ଓ ସମାଜର ମଙ୍ଗଳ ପାଇଁ ତାକୁ ଯେତେ ପର୍ଯ୍ୟାପ୍ତ କ୍ଷମତା, ସୁଯୋଗ ଓ ସାଧନ ମିଳିଥିଲେ ମଧ୍ୟ ସେ ତାର ଦୁରୁପଯୋଗରେ ଆତ୍ମ ସନ୍ତୋଷ ଲାଭ କରେ। ଏହି ଧରଣର କ୍ଷମତାଶାଳୀ ବ୍ୟକ୍ତି ନିଜ କ୍ଷମତାର ଅପବ୍ୟବହାର କରି ତୁରନ୍ତ ଅଜସ୍ର ଧନ ସମ୍ପତ୍ତି କେବଳ ଅନୈତିକ ଉପାୟରେ ଅର୍ଜନ କରିବାର ନିଶାରେ ମତୁଆଲା ହୁଅନ୍ତି। ଏହି ରାକ୍ଷସ ପ୍ରକୃତିର ଇତିହାସକୁ ଭୟ ନଥାଏ। ନିଜ ପାଇଁ ସୁଖ ସମୃଦ୍ଧିର ଅନ୍ୟ ନାମ ଜୀବନ ବୋଲି ଧରିନିଏ। ଆତ୍ମା ଓ ପରମାତ୍ମା ଭିତରେ ଥିବା ସମ୍ପର୍କ ବୁଝେନାହିଁ। ଲୋକ ଦେଖାଣିଆ ଭାବେ ଭଗବାନଙ୍କ ଅସ୍ତିତ୍ୱକୁ ସ୍ୱୀକାର କରେ। କିଛି ସମୟ ପାଇଁ ଭୁଲିଯାଏ ଯେ, ବିଶ୍ୱର କାହିଁ କାହିଁ ପ୍ରବଳ ପ୍ରତାପୀ ଶକ୍ତିଶାଳୀ ଶାସକ ମାନଙ୍କ ଅସ୍ତିତ୍ୱ ଲୋପ ପାଇ ଯାଇଛି। ଏପରିକି ତାଙ୍କର ସାମ୍ରାଜ୍ୟ ଧରାଶାୟୀ ହୋଇଛି। ଆକାଶକୁ ଛୁଇଁଥିବା ଭଳି ତାଙ୍କର ସୁନାର ପ୍ରାସାଦ ବି ମାଟିରେ ମିଶି ଯାଇଛି। ସାଧାରଣ ଲୋକେ ଏହି ମାଟି ଉପରେ ମଳତ୍ୟାଗ କରିବାକୁ ବି ଘୃଣା କରିଥାନ୍ତି। ଏଭଳି କ୍ଷମତାଶାଳୀ ମାନେ କେବଳ ବର୍ତ୍ତମାନର ଲାଭ ଓ ଲୋଭକୁ ନେଇ ବଂଚନ୍ତି। ଲୋଭରୁ ମୃତ୍ୟୁ ବୋଲି ଯାହା କୁହାଯାଏ ତାହା ଠିକ ହୋଇପାରେ। ହେଲେ ମୃତ୍ୟୁ ତ ସମସ୍ତଙ୍କ ପାଇଁ ଦିନେ ଆସେ। କିନ୍ତୁ ଲୋଭରୁ ନିଜର 'ବ୍ୟକ୍ତିତ୍ୱର ମୃତ୍ୟୁ' ହୋଇଥାଏ। ଏହି ବ୍ୟକ୍ତିତ୍ୱର ମୃତ୍ୟୁ ହେଲେ ସମାଜ ଆଖିରେ ବ୍ୟକ୍ତି ନିନ୍ଦିତ ହୁଏ। ଫଳରେ ବର୍ତ୍ତମାନ ଠାରୁ ଇତିହାସ ତା ପାଇଁ ଅଧିକ ପୀଡା ଦେଇଥାଏ। ଏହି ପୀଡା ତାର ମଣିଷ ଜନମକୁ ନିରର୍ଥକ କରିଦିଏ।

ଧୈର୍ଯ୍ୟ ରଖୁଥିବା କ୍ଷମତାଶାଳୀ ବ୍ୟକ୍ତି ନିଜର ଶକ୍ତିକୁ ସୃଜନଶୀଳ କାର୍ଯ୍ୟରେ ବିନିଯୋଗ କରେ। ଏହି ସୃଜନଶୀଳତା କେବଳ ସମାଜର ବୃହତର ସ୍ୱାର୍ଥରକ୍ଷା ପାଇଁ ସମର୍ପିତ। ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଜଗତର କଲ୍ୟାଣ ପାଇଁ ସମର୍ପିତ ପ୍ରତ୍ୟେକ ବ୍ୟକ୍ତିଙ୍କ ସହ ମହାପ୍ରଭୁ ରହିଥାନ୍ତି। ପ୍ରଭୁ ବି ଧୈର୍ଯ୍ୟର ପରୀକ୍ଷା ନେଇଥାନ୍ତି। ମୁଁ ପ୍ରଭୁ ହୋଇ ବି ମୋତେ ଧୈର୍ଯ୍ୟ ଧରିବାକୁ ପଡିଛି ବୋଲି ଜଗତର ନାଥ ଜଗତବାସୀଙ୍କୁ ନିଜ କ୍ଷେତ୍ରରେ ବି ଦେଖାଇଛନ୍ତି। କଳିଯୁଗରେ ନିଜେ ଶ୍ରୀ ଜଗନ୍ନାଥ ମହାପ୍ରଭୁ ପ୍ରାୟ ବର୍ଷ ବର୍ଷ ପୂଜା ନପାଇ କେତେବେଳେ ପାତାଳି ତ କେତେବେଳେ ଅଜ୍ଞାତରେ ଲୁଚି ରହିଥିବାର ପ୍ରମାଣ ରହିଛି। ଏହା କୌଣସି ପୁରାଣ ନୁହେଁ ବରଂ ଇତିହାସ। ରାଜା ହେବାକୁ ଥିବା ଶ୍ରୀ ରାମଚନ୍ଦ୍ର ମହାପ୍ରଭୁ ରାତି ପାହିଲା ବେଳକୁ ବନବାସ ଯାଇଛନ୍ତି। ଭଗବାନଙ୍କ ପତ୍ନୀ ମା ଲକ୍ଷ୍ମୀଦେବୀଙ୍କ ସ୍ୱରୂପ ମା ସୀତାଦେବୀଙ୍କୁ ରାବଣ ବଣରେ ଘୋଷାଡି ଘୋଷାଡି ନେଇଛି। ନିଜେ ଭଗବାନ ଶ୍ରୀକୃଷ୍ଣଙ୍କ ପିତା, ମାତା ବର୍ଷ ବର୍ଷ ଧରି କାରାଗାରରେ ରହିଛନ୍ତି। ଅଭିମନ୍ୟୁ ବଦ୍ଧ, ପାଣ୍ଡବଙ୍କ ବନବାସ, ଦୌପଦୀଙ୍କୁ ଭରା ଦରବାରକୁ ଦୁଃଶାସନ ଘୋଷାଡି ଘୋଷାଡି ଆଣିବା ପର୍ଯ୍ୟନ୍ତ ହୃଦୟ ବିଦାରକ ଘଟଣାକୁ ପାଣ୍ଡବଙ୍କ ସାଥୀରେ ଥିବା ଶ୍ରୀକୃଷ୍ଣ ରୋକି ନାହାନ୍ତି। ସେଥିପାଇଁ ସେ ଦୁଷ୍ଟଙ୍କୁ ସଙ୍ଗେ ସଙ୍ଗେ ଦଣ୍ଡ ଦେଇ ନାହାନ୍ତି। ବରଂ ଧର୍ମକୁ ଯେତେବେଳେ ଅତ୍ୟାଚାର ହୋଇଛି, ଅଧର୍ମର ବିନାଶ ପାଇଁ ସେବେଠାରୁ ଓଲଟ ଗଣତି ଆରମ୍ଭ ହୋଇଛି। ନ୍ୟାୟ ଦେବାରେ ମଧ୍ୟ ଭଗବାନ ଧୈର୍ଯ୍ୟକୁ ପ୍ରଦର୍ଶନ କରିଛନ୍ତି। ନିଜର ଶ୍ରେଷ୍ଠ ସାଥୀ ସୁଦାମା ସର୍ବହରା ହେବା ପର୍ଯ୍ୟନ୍ତ ଶ୍ରୀକୃଷ୍ଣ ଅପେକ୍ଷା କରିଛନ୍ତି। ପ୍ରତିଟି କ୍ଷେତ୍ରରେ ମହାପ୍ରଭୁ ନିଜର , ନିଜ ଭକ୍ତ, ସାଥୀ ଓ ଅନୁଗତଙ୍କ ଧୈର୍ଯ୍ୟର ପରୀକ୍ଷା ନେଇଛନ୍ତି। ଆମେ କେହି ତ କହିପାରିବା ନାହିଁ ଏସବୁ କ୍ଷେତ୍ରରେ ଶ୍ରୀ ଜଗନ୍ନାଥ ମହାପ୍ରଭୁ, ଶ୍ରୀ ରାମଚନ୍ଦ୍ର, ମା ସୀତା ଦେବୀ, ଭଗବାନ ଶ୍ରୀକୃଷ୍ଣ, ପାଣ୍ଡବ, ଦୌପଦୀ, ସୁଦାମା କିଛି ଭୁଲ କରିଥିଲେ ବୋଲି ଦଣ୍ଡ ପାଉଥିଲେ। ସମାଜରେ ବଡ ପରିବର୍ତ୍ତନ ଆଣିବାକୁ ହେଲେ ଭଗତ ସିଂ ମାନଙ୍କୁ ଫାସୀ ଖୁଂଟରେ ଝୁଲିବାକୁ ପଡେ, ଜୟ ରାଜଗୁରୁ ମାନଙ୍କୁ ବରଗଛର ଦୁଇଡାଳରେ ଦୁଇ ଗୋଡକୁ ବାନ୍ଧି ଦେଇ ଶରୀରକୁ ଦୁଇଫାଳ କରି ଦିଆଯାଏ। ଏହା ବିଧିର ବିଧାନ। ଏ କ୍ଷେତ୍ରରେ ତ୍ୟାଗକୁ ହସି ହସି ସହୁଥିବା ପ୍ରତ୍ୟେକ ମଣିଷ ଭଲ ଭାବରେ ବୁଝିଥାଏ ଯେ, ତାର ଜନମ କେବଳ ଯନ୍ତ୍ରଣା ପାଇଁ। ଦେଶ ଓ ମାଟି ପାଇଁ ଏ ପ୍ରକାର ମଣିଷ ଅତ୍ୟାଚାରକୁ ନିଜର ସମ୍ପଦ ଓ ସୁଖ ବୋଲି ମନେକରେ। ନଚେତ ସେ ଏଭଳି କାର୍ଯ୍ୟ କରିବାର ଧୈର୍ଯ୍ୟ ପାଇ ନଥାଏ। ଧୈର୍ଯ୍ୟ ନଥିବା ମଣିଷ ନୀତିହୀନ ହୋଇଥାଏ। ନୀତିହୀନ ବ୍ୟକ୍ତି ଅତି ଶସ୍ତାରେ ନିଜର ନୈତିକତାକୁ ଜଳାଞ୍ଜଳୀ ଦେବାରେ ଆତ୍ମ ସନ୍ତୋଷ ଲାଭ କରେ। ସେ କେବଳ ଭଗବାନଙ୍କ ଉପସ୍ଥିତିକୁ ଅଷ୍ଟପ୍ରହରୀ କୁଞ୍ଜରେ କିମ୍ବା ଶ୍ରୀ ମନ୍ଦିର ପରି ପବିତ୍ର ତୀର୍ଥକ୍ଷେତ୍ରରେ ଉପଲବ୍ଧି ତ କରେ ନାହିଁ ବରଂ ଉପଲବ୍ଧ କରୁଥିବାର ମିଛ ଅଭିନୟ କରେ। ଅଷ୍ଟପ୍ରହରୀ କୁଞ୍ଜରେ ଜୋରରେ ଚିତ୍କାର କରି ହରିନାମ ଗାଇଲେ କିମ୍ବା ଶ୍ରୀ ମନ୍ଦିର ସମ୍ମୁଖରେ ହାତ ଟେକିଦେଲେ ମହାପ୍ରଭୁଙ୍କ ଭକ୍ତ ହୋଇଯାଏ ବୋଲି ଭାବି ନିଜକୁ ନିଜେ କେବଳ ଠକିଥାଏ। ତାର ଏହି ଠକିବା ଓ ପ୍ରବଂଚନା ମହାପ୍ରଭୁଙ୍କ ଅସ୍ତିତ୍ୱକୁ ଉପହାସ ନୁହେଁ ବରଂ ଅଟ୍ଟହାସ୍ୟ କରୁଥାଏ। ଆତ୍ମା ଭିତରେ ଥିବା ପରମାତ୍ମା ତାର ସମସ୍ତ କର୍ମକୁ ପ୍ରତି ମୁହୂର୍ତ୍ତରେ ନିକିତିରେ ତଉଲୁ ଥିବାର ଚରମ ସତ୍ୟକୁ ଭୁଲିଯାଏ।

ଧୈର୍ଯ୍ୟ – ସ୍ୱର୍ଗ ପରି ଅସୀମ ଏବଂ ସମୁଦ୍ର ପରି ଅଥଳ। ପୃଥିବୀ ମାଆ ପରି ସବୁ ଅତ୍ୟାଚାରକୁ ସହିଯାଏ। ଗୋଟିଏ ଗୋଟିଏ କ୍ଷେପଣାସ୍ତ୍ର କେତେ କିଲୋମିଟର ବ୍ୟାପୀ ଧ୍ୱଂସ ବିଧ୍ୱଂସ କରି ଦେଇପାରେ। ହେଲେ ବ୍ୟକ୍ତି ଓ ସମାଜର ବୃହତର ସ୍ୱାର୍ଥ ପାଇଁ କାର୍ଯ୍ୟ କରି ସମସ୍ତ ପ୍ରକାର ଅତ୍ୟାଚାରକୁ ଧୈର୍ଯ୍ୟର ଅସ୍ତ୍ରରେ ମୁକାବିଲା କରୁଥିବା ମଣିଷଟି ଲକ୍ଷ ଲକ୍ଷ ହୃଦୟରେ କେତେବେଳେ ମଣିଷରୁ ଦେବତା ପାଲଟି ଯାଇଥାଏ, ମୁକୁଟ ବହୀନ ସମ୍ରାଟ ହୋଇଯାଏ , ସେ ଖବର ତା ନିଜ ପାଖରେ ବି ନଥାଏ। ସମସ୍ତ ପ୍ରକାର ନକାରାତ୍ମକ ତତ୍ତ୍ୱର ଆଧାର ପରମାଣୁ ବୋମା। ହେଲେ ଧୈର୍ଯ୍ୟ ହେଉଛି ସମସ୍ତ ପ୍ରକାର ସକାରାତ୍ମକ ଶକ୍ତିର ଉତ୍ସ। ଧୈର୍ଯ୍ୟ ହିଁ ପରୀକ୍ଷା, ସାଧନା ଓ ସିଦ୍ଧି। ଧୈର୍ଯ୍ୟ ହେଉଛି ତପସ୍ୟାର 'ଓଁ କାର' ଶବ୍ଦ। ଏହି ତପସ୍ୟାକୁ କେବଳ ଭଗବାନ ଏବଂ ମଣିଷ ପରି ମଣିଷ ମାନେ ବୁଝିଥାନ୍ତି କିମ୍ବା ଅନୁଭବ କରିଥାନ୍ତି। ଏହା ଭିତରେ ରହିଛି ଅସରନ୍ତି ଅପାର ଶକ୍ତି ଓ ସାମର୍ଥ୍ୟ। 'ଧ' ରୁ ଧୈର୍ଯ୍ୟ, 'ଧ' ରୁ ଧର୍ମ। ଏହାକୁ ଯିଏ ନ ଧରିଛି, ପାପର ରାକ୍ଷାସ ତାର ସର୍ବନାଶ କରିଛି। ଯେଉଁଠାରେ ଶାରିରୀକ, ଆସୁରିକ ବଳ, କ୍ଷମତାର ଅନ୍ଧ ଅହଂକାର ହାରିଯାଏ, ସେଠାରେ ଧୈର୍ଯ୍ୟ ଓ ଧର୍ମର ଆଧାତ୍ମିକ, ମାନସିକ ଓ ଦୈବୀବଳ କାର୍ଯ୍ୟ କରେ। ସେହିଠାରୁ ଯେତେସବୁ ଅପୂର୍ବ, ଅଦ୍ଭୁତ ଐଶ୍ୱରିକ ଶକ୍ତିର ବିଗୁଲ ବାଜେ। ଧୈର୍ଯ୍ୟ କଷ୍ଟକର ହୋଇପାରେ କିନ୍ତୁ ଏହାର ଫଳ ସର୍ବଦା ମଧୁର ଓ ଶକ୍ତିଶାଳୀ। ଏହା କୌଣସି ପରାଜୟ ନୁହେଁ, ବରଂ ବିଜୟ ପାଇଁ ଏକ ପ୍ରସ୍ତୁତି।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୧ ଅପ୍ରେଲ ୨୦୨୬ ମଙ୍ଗଳବାର

# ନୂତନ ଶିକ୍ଷାବର୍ଷ ଆରମ୍ଭ:ଛାତ୍ର ଛାତ୍ରୀଙ୍କ ସ୍କୁଲ୍ ବ୍ୟାଗ୍ ଓଜନ କମୁନି

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲାରେ ଆରମ୍ଭ ହେଲା ନୂଆ ଶିକ୍ଷାବର୍ଷ । ଛାତ୍ର ଛାତ୍ରୀଙ୍କ ସ୍କୁଲ ବହି ଓଜନ କମୁନାହିଁ। ବ୍ୟାଗ୍ ଓଜନ ଯୋଗୁଁ ଛାତ୍ର ଛାତ୍ରୀଙ୍କ ବେକ ଓ ପିଠି ବଥା ବାହାରୁଥିବା ଅବିଭାବକମାନେ ଅଭିଯୋଗ କରିଛନ୍ତି । ସକାଳୁଆ ସ୍କୁଲ ହେଲେ ପାଳନ ହେଉନି ପିଲାଙ୍କ ସ୍କୁଲ ବ୍ୟାଗ ନିୟମ । କେବେ ପାଳନ ହେବ ସରକାରଙ୍କ ନିୟମ । କେବେ ପିଲାଙ୍କ ସ୍କୁଲ ବ୍ୟାଗ ଓଜନ କମିବ ଏ ନେଇ ଅଭିଭାବକମାନେ ଚିନ୍ତାରେ ପଡିଛନ୍ତି। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ୨୦୧୯ ବର୍ଷ ନୂତନ ଶିକ୍ଷାବର୍ଷରୁ ଏହା ପାଳନ ହେବା କଥା । କିନ୍ତୁ ସେତେବେଳେ ବ୍ୟାଗ୍ କଟକଣା ପାଳିତ ହୋଇପାରିନଥିଲା ଓ ପରବର୍ତ୍ତି ସମୟରେ କୋଭିଡ ୧୯ ଯୋଗୁଁ ପୁରା ୨ ବର୍ଷ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା । ୨୦୨୪-୨୫ରେ ବି ପାଳନ ହେଲାନାହିଁ । ଏବେ ୨୦୨୬ରେ ଶିକ୍ଷାନୁଷ୍ଠାନ ଖୋଲିଲା ସତ କିନ୍ତୁ ପିଲାଙ୍କ ବ୍ୟାଗ୍ କଟକଣା ଉପରେ ସରକାର କୌଣସି ପଦକ୍ଷେପ ନନେବା ଅଭିଭାବକଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି । ଏହା ଏକ ପ୍ରହସନ ବୋଲି ବହୁ ଅଭିଭାବକ ଅଭିଯୋଗ କରୁଛନ୍ତି । ତେବେ ୨୦୧୯ ମାର୍ଚ୍ଚ ୮ ତାରିଖ ଗାଇଡ୍ ଲାଇନ୍ ଅନୁସାରେ ପିଲାଙ୍କ ସ୍କୁଲ ବ୍ୟାଗ୍ ପରିବହନ ନିୟମକୁ କଡାକଡି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ଯେ, ଆଜି ଯାଏଁ ତାହା କାର୍ଯ୍ୟକାରୀ ହେଲାନାହିଁ । ଗାଇଡ୍ ଲାଇନ୍ ଅନୁଯାୟୀ, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ର ଛାତ୍ରୀଙ୍କ ପାଇଁ ସ୍କୁଲ ବ୍ୟାଗର ଓଜନ ୧.୫ କେଜି ରଖା

ଯାଇଥିବା ବେଳେ ତୃତୀୟରୁ ପଞ୍ଚମ ଶ୍ରେଣୀର ପିଲାଙ୍କ ପାଇଁ ୨ କେଜି ରୁ ୩ କେଜି ଷଷ୍ଠ ଓ ସପ୍ତମ ଶ୍ରେଣୀର ପିଲାଙ୍କ ପାଇଁ ୪ କେଜି ୮ମ ଓ ୯ମ ଶ୍ରେଣୀର ପିଲାଙ୍କ ପାଇଁ ୪.୫ କେଜି ଓ ୧୦ମ ଶ୍ରେଣୀ ପିଲାଙ୍କ ପାଇଁ ୫ କେଜି ଓଜନର ବ୍ୟାଗ୍ ବ୍ୟବହୃତ କରିପାରିବେ । ଏହା ଠାରୁ ଅଧିକ ଓଜନର ବ୍ୟାଗ୍ ନେବା ପାଇଁ କଟକଣା ଜାରୀ କରାଯାଇଛି । ପୂର୍ବରୁ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ପକ୍ଷରୁ ଜଣେ ପିଲାର ଓଜନ ଠାରୁ ସ୍କୁଲ ବ୍ୟାଗ୍ ଓଜନ ୧୦ ପ୍ରତିଶତ ଅଧିକ ହେବ ନାହିଁ ବୋଲି ଗାଇଡ୍ ଲାଇନ୍ କୋରାପୁଟ ଜିଲ୍ଲାର ଜୟପୁର, କୋରାପୁଟ, ସେମିଳିଗୁଡା, ଦାମନଯୋଡି, ବୋରିଗୁମ୍ମାରେ ସରକାରୀ ସ୍କୁଲ ବ୍ୟତୀତ ସ୍ଥାନୀୟ ଅଞ୍ଚଳରୁ ବହୁ ପିଲା ପ୍ରାଇଭେଟ୍ ସ୍କୁଲକୁ ପଢିବା ପାଇଁ ଯାଉଛନ୍ତି । ଏଥିରେ ପଢା ଖର୍ଚ୍ଚ ଅଧିକ ହେବା ଯେତିକି ବାଧୁନାହିଁ ପିଲାଙ୍କ ଓଜନଦାର ବହି ଭର୍ତି ବ୍ୟାଗ୍ ନେଇଯିବା ଅଧିକ କଷ୍ଟ ଦେଉଛି ବୋଲି ବହୁ ଅଭିଭାବକ ମତବ୍ୟକ୍ତ କରୁଛନ୍ତି । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଭିଭାବକ ତଥା ବୁଦ୍ଧିଜୀବୀ ମହଲରେ ଦାବି ହେଉଛି । ଏଥିପ୍ରତି ଜିଲ୍ଲା ଶିକ୍ଷା ବିଭାଗ ଗୁରୁତ୍ୱ ଦେବାକୁ ମତ ପ୍ରକାଶ ପାଇଛି ।

# କୃଷିରଥ ଓ ଆମ ବିହନ ରଥ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ମନ୍ତ୍ରୀ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝରସ୍ଥିତ ଜୁଡ଼ିଆ ଫାର୍ମରେ ଆୟୋଜିତ ଜିଲ୍ଲାସ୍ତରୀୟ କୃଷକ ଦିବସ ସମାରୋହରେ ଯୋଗଦେଇ ମନ୍ତ୍ରୀ, ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ, ଓଡ଼ିଶା ଗଣେଶ ରାମ ସିଂ ଖୁଣ୍ଟିଆ ଆଖିମୁଠି ଅନୁକୂଳ କରିଥିଲେ । ଏହି ଉତ୍ସବ ଉପଲକ୍ଷେ ଆୟୋଜିତ ସାଧାରଣ ସଭାରେ, ମନ୍ତ୍ରୀ ରାଜ୍ୟ ସରକାରଙ୍କ ବିଭିନ୍ନ କୃଷକ କଲ୍ୟାଣକାରୀ ଯୋଜନା ଓ ସରକାରଙ୍କ କାର୍ଯ୍ୟକ୍ରମ ବିଷୟରେ ଉଦ୍‌ବୋଧନ ଦେଇଥିଲେ । ସଭା ପ୍ରାରମ୍ଭରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, କେନ୍ଦୁଝରର ପୃଥୁରାଜ ମଣ୍ଡଳ ଅତିଥି ପରିଚୟ ପ୍ରଦାନ କରିବା ସହ ଉତ୍ସବ ପାଳନର ଆଭିମୁଖ୍ୟ ବିଷୟରେ ଉଦ୍‌ବୋଧନ ଦେଇଥିଲେ । ସ୍ୱାଗତ ସମ୍ବର୍ଦ୍ଧନା ପରେ ମନ୍ତ୍ରୀ ଚାଷୀ ଭାଇଭଉଣୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କାର୍ଯ୍ୟାଦେଶ ଓ ମହିଳା ଗୋଷ୍ଠୀଙ୍କୁ ମୂଳ ପାଣ୍ଠି ବଣ୍ଟନ କରିଥିଲେ । ଅନ୍ୟ ଅତିଥି ଭାବେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ୍.ଡି, ଅତିରିକ୍ତ ଜିଲ୍ଲାପାଳ, କେନ୍ଦୁଝର ମନ୍ଦରଧର ମହାଳିକ ଯୋଗଦେଇଥିଲେ ଓ ସଭାରେ ଉପସ୍ଥିତ ଥିବା କୃଷକ ଭାଇଭଉଣୀ, ସମ୍ପ୍ରସାରଣ କର୍ମୀ, ବୈଜ୍ଞାନିକ, କୃଷି ଓ ଆନୁସଙ୍ଗିକ କୃଷି ବିଭାଗର ଅଧିକାରୀମାନେ, କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର, କଟକ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ କୃଷକ ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବୋଧନକୁ ସିଧାସଳଖ ପ୍ରସାରଣ ମାଧ୍ୟମରେ ଉପଭୋଗ କରିଥିଲେ । ତତ୍ପରେ ମନ୍ତ୍ରୀ ଜିଲ୍ଲାରେ ପରିଭ୍ରମଣର କରି ସଚେତନତା ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ କୃଷି ରଥ ପରିକ୍ରମା ଓ ପ୍ରାରମ୍ଭିକ ଯୋଜନା ଭାବେ କାର୍ଯ୍ୟକାରୀ ହେଉଥିବା ଆମ ବିହନ ରଥର ଶୁଭାରମ୍ଭ କରିଥିଲେ । ଆମ ବିହନ ରଥ ଯୋଜନାରେ କେନ୍ଦୁଝର ବ୍ଲକର ରାମଚନ୍ଦ୍ରପୁର ଗ୍ରାମର ଗୌତମ ମହାନ୍ତ ଓ ଭାଲିଆଡ଼ିହି ଗ୍ରାମର ବୀଣା ନାଏକଙ୍କୁ ବିହନ ବସ୍ତା ପ୍ରଦାନ କରି ମନ୍ତ୍ରୀ ବିହନ ବିକ୍ରିର ଶୁଭାରମ୍ଭ କରିଥିଲେ । ଆମ ବିହନ ରଥ ନିମନ୍ତେ ଚୟନ ହୋଇଥିବା ବିହନ ବିକ୍ରେତା ସାହାରପଡା ବ୍ଲକ ସ୍ଥିତ ଶ୍ରେୟାଂଶି ଏଣ୍ଟେରପ୍ରାଇଜର୍ସର ସତ୍ତ୍ୱାଧିକାରୀ ଦେବ ପ୍ରସାଦ ମହାନ୍ତ ଆମ ବିହନ ରଥ ଶୁଭାରମ୍ଭ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସର୍ବଶେଷରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ସୁକାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମାରୋହରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକର ଶତାଧିକ କୃଷକ ଭାଇଭଉଣୀ ଭାଗ ନେଇଥିଲେ ।

## ନଦୀ ଘାଟରୁ ବାଲି ଚାଲାଣ:୧୩ ଟ୍ରାକ୍ଟର ଜବତ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ପୁରୁଷୋତମପୁର ଅଞ୍ଚଳ ଋଷିକୂଲ୍ୟା ନଦୀ ଘାଟରୁ ଚୋରାରେ ବାଲି ଚାଲାଣ ହେଉଥିବା ଖବରପାଇ ସକାଳେ ସ୍ଥାନୀୟ ରାଜସ୍ୱ କର୍ମଚାରୀ ଓ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ୧୩ଟି ଟ୍ରାକ୍ଟର ଜବତ କରିଛନ୍ତି । ଦୀର୍ଘ ଦିନ ହେଲା ଏହି ଅଞ୍ଚଳରୁ ଚୋରାରେ ବାଲିଚାଲାଣ ହେଉଥିବା ଫଳରେ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନି ହେଉଛି । ଅନ୍ୟପକ୍ଷରେ ବିପୁଳ ପରିମାଣରେ ବାଲି ଚାଲାଣ ଯୋଗୁ ନଦୀର ଜଳସ୍ତର ହ୍ରାସ ପାଉଥିବା ସାଧାରଣରେ ଅଭିଯୋଗ ହେଉଛି ।

# ୪ ଦିନ ଧରି ବିଦ୍ୟୁତ୍ ବିଭ୍ରାଟ:ଗରମରେ ଜନଜୀବନ ଅସ୍ତବ୍ୟସ୍ତ

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବିଦ୍ୟୁତ୍ ବିଭାଗ ସେକ୍ସନ ଅଧୀନ ପୋଖରାସାହ୍ଲେ ପଞ୍ଚାୟତର ବିଭିନ୍ନ ଗ୍ରାମରେ ବିଦ୍ୟୁତ୍ ସମସ୍ୟା ଚରମ ସୀମାକୁ ପହଞ୍ଚିଛି । ବିଗତ ଚାରି ଦିନ ଧରି ପ୍ରତିଦିନ ସକାଳ ୧୧ଟା ପରେ ବିଦ୍ୟୁତ୍ କାଟ୍ ହେଉଥିବା ସହ ସନ୍ଧ୍ୟା ବେଳେ ଲାଇନ୍ ଆସୁଥିବା ଅଭିଯୋଗ ହେଉଛି । ପ୍ରଚଣ୍ଡ ଗରମ ମଧ୍ୟରେ ଏହିଭଳି ବିଦ୍ୟୁତ୍ ବିଭ୍ରାଟ ଫଳରେ ଅଞ୍ଚଳବାସୀଙ୍କ ଦୈନନ୍ଦିନ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ପୋଖରାସାହ୍ଲେ, ମାଳିଡିହି, ଲରିଆପାଲି, ଗହ୍ମାପାଲି ଓ ଲୁଡୁଙ୍ଗ ଭଳି ଗ୍ରାମଗୁଡ଼ିକରେ ଏହି ସମସ୍ୟା ବ୍ୟାପକ ଭାବେ ଦେଖାଦେଇଛି । ଦିନରେ ତାପମାତ୍ରା ୪୩ ଡିଗ୍ରୀ ଉପରେ ରହୁଥିବା ବେଳେ ବିଦ୍ୟୁତ୍ ବନ୍ଦ ହେବାରୁ ଫ୍ୟାନ୍ ଓ ଅନ୍ୟାନ୍ୟ ବିଦ୍ୟୁତ୍ ଉପକରଣ ଚାଲୁନଥିବାରୁ ଲୋକମାନେ ଅସହ୍ୟ କଷ୍ଟ ଭୋଗୁଛନ୍ତି । ଗରମରେ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଅଞ୍ଚଳରେ ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଫଲ୍ଟ ଥିବା ସହ ବିଦ୍ୟୁତ୍ ବିଭାଗ ଦ୍ୱାରା ସଠିକ୍ ରକ୍ଷଣାବେକ୍ଷଣ ନହେବାରୁ ଏହି ସମସ୍ୟା ଦିନକୁ ଦିନ ବଢୁଛି । ଘଣ୍ଟମାଳରୁ ମାଳିଡିହି ମଧ୍ୟରେ ଅନେକ ପୁରୁଣା ଓ ବିପଦପୂର୍ଣ୍ଣ ଲୁହାର ବିଦ୍ୟୁତ୍ ଖୁମ୍ବ ରହିଛି, ଯାହାର କିଛି ତଳ ଭାଗ କଳଙ୍କ ଲାଗି ଦୁର୍ବଳ ହୋଇପଡ଼ିଛି । କେତେକ ସ୍ଥାନରେ ସଟ୍‌ସର୍କିଟ୍ ହୋଇ ଖୁମ୍ବ ତଳରେ ଗଛ ଲତା ପୋଡ଼ିଯାଇଥିବା ମଧ୍ୟ ଦେଖାଯାଇଛି ତଥା କେତେକ ସ୍ଥାନରେ ବିଦ୍ୟୁତ୍ ତାର ଗଛ ଶାଖାରେ ଲାଗିରହିଥିବାରୁ ବିପଦର ସମ୍ଭାବନା ବଢ଼ିଛି । ଅନ୍ୟପଟେ, ମାଳିଡିହି ଓ ଲରିଆପାଲି ଅଞ୍ଚଳରେ ଏବି ସ୍ୱିଚ୍ ନଥିବାରୁ ବିଦ୍ୟୁତ୍ ଫଲ୍ଟ ଚିହ୍ନଟ କରିବାରେ ବିଭାଗୀୟ କର୍ମଚାରୀଙ୍କୁ ଦୁର୍ଭୋଗ ସହିବାକୁ ପଡୁଛି । ଫଲ୍ଟ ଖୋଜିବା ପାଇଁ ୮ରୁ ୧୦ କିଲୋମିଟର ଅଞ୍ଚଳ ଘୁରିବାକୁ ପଡୁଥିବାରୁ ବିଦ୍ୟୁତ୍ ପୁନଃସ୍ଥାପନରେ ବିଳମ୍ବ ହେଉଛି । ଏହି ପରିସ୍ଥିତିକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସେମାନେ ଶୀଘ୍ର ସମସ୍ୟାର ସ୍ଥାୟୀ ସମାଧାନ ଦାବି କରିଛନ୍ତି । ଏନେଇ କୋଲାବିରା ବିଦ୍ୟୁତ୍ ସେକ୍ସନ ଅଧିକାରୀ କମଳ ଲୋଚନ ପାତ୍ର କହିଛନ୍ତି ଯେ, ପୋଖରାସାହ୍ଲେ ଅଞ୍ଚଳରେ ବିଦ୍ୟୁତ୍ ସମସ୍ୟା ଦୂର କରିବା ପାଇଁ ପଦକ୍ଷେପ ନିଆଯାଉଛି । ପ୍ରାୟ ୧୫ଟି ବିପଦପୂର୍ଣ୍ଣ ଖୁମ୍ବ ଚିହ୍ନଟ ହୋଇଥିବା ସହ ଶୀଘ୍ର ସେଗୁଡ଼ିକୁ ପରିବର୍ତ୍ତନ କରାଯିବ ଏବଂ ଲରିଆପାଲି ଓ ମାଳିଡିହିରେ ନୂତନ ଏବି ସ୍ୱିଚ୍ ଲାଗିବାକୁ ଯୋଜନା ରହିଛି । ବିଭାଗୀୟ ଏସ୍‌ଡିଓ ଆଲୋକ ସିଂ ମଧ୍ୟ କହିଛନ୍ତି ଯେ, ଅତିଶୀଘ୍ର ଏହି ଅଞ୍ଚଳର ବିଦ୍ୟୁତ୍ ସମସ୍ୟାର ସମାଧାନ କରାଯିବ ।

## ସରକାରୀ କର୍ମଚାରୀମାନଙ୍କ ପଦୋନ୍ନତି କମିଟି ବୈଠକ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲାର ପଦୋନ୍ନତି କମିଟି ବୈଠକ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ରଘୁରାମ୍ ଆର୍.ଆଇ.ଆର୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କମିଟି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା (ରାଜସ୍ୱ) ରବିନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସହ କମିଟିର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଜିଲ୍ଲାରେ ସରକାରୀ ଚାକିରି କରୁଥିବା ସରକାରୀ କର୍ମଚାରୀଙ୍କ ପଦୋନ୍ନତି ନିମନ୍ତେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଜିଲ୍ଲାର ୨୫ ଜଣ ସରକାରୀ କର୍ମଚାରୀଙ୍କୁ ପଦୋନ୍ନତି ମିଳିଛି । ଏମାନେ ହେଲେ ଅମିନରୁ ଆର୍.ଆଇ, ଆର୍.ଆଇ.ରୁ ସୁପରଭାଇଜର, କନିଷ୍ଠ କିରାଣୀରୁ ବରିଷ୍ଠ କିରାଣୀ ଓ ବରିଷ୍ଠ କିରାଣୀର ପଦୋନ୍ନତି ଆସନ୍ତା ସପ୍ତାହକ ମଧ୍ୟରେ ସରକାରୀ ନିର୍ଦ୍ଦେଶନାମା ବାହାରିବ ବୋଲି ଜଣାପଡିଛି । ଆୟୋଜିତ ଏହି ବୈଠକରେ ଜିଲ୍ଲାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## କୃତୀ ପ୍ରତିଭାଦ୍ୱୟଙ୍କୁ ଜିଲ୍ଲା ପ୍ରଶାସନ ଓ ବିଭିନ୍ନ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜାତୀୟସ୍ତର ତୀରନ୍ଦାଜ ପ୍ରତିଯୋଗିତାରେ ପଦକ ହାସଲ କରିଥିବା ବୁଟୁପାଲିର ଦୁଇ କୃତୀ ଭାଇଭଉଣୀ ଟେନିଶା ମେହେର ଓ ଦୁର୍ଗାଦତ୍ତ ମେହେରଙ୍କୁ ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାଏକ ସମ୍ବର୍ଦ୍ଧିତ କରି ଉଭୟଙ୍କୁ ଖେଳ ଉପକରଣ ଯୋଗେଇଦେବେ ବୋଲି କହିଛନ୍ତି । ଜିଲ୍ଲା ପୋଲିସ କାର୍ଯ୍ୟାଳୟ ଠାରେ ଆରକ୍ଷୀ ଅଧିକ୍ଷକ ରାହୁଲ ଗୋଏଲ କୃତୀ ପ୍ରତିଭା ଦ୍ୱୟ ଓ ତାଙ୍କ ପିତାମାତାଙ୍କୁ ଶୁଭେଚ୍ଛା ଜଣେଇ ଜିଲ୍ଲା, ରାଜ୍ୟ ଓ ଦେଶର ନାମ ରଖିବାକୁ ଉତ୍ସାହିତ କରିଥିଲେ । ସେହିପରି ବୌଦ୍ଧ ଜିଲ୍ଲା କ୍ରୀଡା ଅଧିକାରୀ ଜ୍ୟୋତି ରଞ୍ଜନ ଭୁଏ ଉଭୟଙ୍କୁ ଶୁଭେଚ୍ଛା ଜଣେଇବା ସହିତ ଜିଲ୍ଲାରେ କିପରି ତୀରନ୍ଦାଜ କ୍ରୀଡ଼ାର ଆହୁରି ଉନ୍ନତି ହୋଇପାରିବ ସେ ବିଷୟରେ ବୌଦ୍ଧ ଜିଲ୍ଲା ତୀରନ୍ଦାଜ ସଂଘର କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ । ବୌଦ୍ଧ ଗଡଜାତର ଶ୍ରୀରାମ ଲୀଳା ଯାତ୍ରାର ରାବଣ ବଧ ଦିନ ରାମଲୀଳା ନାଟ୍ୟ ସଂସଦର ସଭାପତି ମୃତ୍ୟୁଞ୍ଜୟ ମିଶ୍ରଙ୍କ ଦ୍ୱାରା ହୋଇଥିଲେ । ଜିଲ୍ଲା ଷ୍ଟାଡିୟମ୍‌ରେ ବୌଦ୍ଧ ଜିଲ୍ଲା ତୀରନ୍ଦାଜ ସଂଘ ତରଫରୁ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ ହୋଇଥିଲା । ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ କୁମାର ମିଶ୍ର ଯୋଗଦେଇ କୃତୀ ଭାଇଭଉଣୀଙ୍କୁ ସମ୍ବର୍ଦ୍ଧନା ଦେବା ସହିତ ଅନ୍ୟ ଛାତ୍ରଛାତ୍ରୀ ମାନଙ୍କୁ ଆଗାମୀ ଦିନରେ ଭଲ ଖେଳି ଜାତୀୟ ସ୍ତରରେ ବୌଦ୍ଧର ନାଁ ରଖିବାକୁ ପରାମର୍ଶ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଉଭୟ ଭାଇଭଉଣୀଙ୍କ ପିତା ଇନ୍ଦ୍ରମଣି ମେହେର ଓ ମାତା ସନ୍ତୋସିନୀ ମେହେରଙ୍କ ସହିତ ଜିଲ୍ଲା ତୀରନ୍ଦାଜ ସଂଘର ସଭାପତି ବସନ୍ତ କୁମାର ସାହୁ, ଉପ ସଭାପତି ବିଶ୍ୱ ପ୍ରକାଶ ସାହୁ, ସମ୍ପାଦକ ଅର୍ଜୁନ କୁଅଁର, କୋଷାଧ୍ୟକ୍ଷ ନିରଞ୍ଜନ ମେହେର, ସହ ସମ୍ପାଦକ ସିଦ୍ଧାର୍ଥ ଅଗ୍ରୱାଲ, ପରାମର୍ଶଦାତା ଦିଲୀପ କୁମାର ସାହୁ, ବିକାଶ ମେହେର ଓ ଛାତ୍ରଛାତ୍ରୀ ଅଭିଭାବକ ଉପସ୍ଥିତ ଥିଲେ ।

## 'ମନଭୂଇଁ' ପୁସ୍ତକ ପ୍ରକାଶିତ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ୍ ବାଉଁଶୁଣୀ ଅନ୍ତର୍ଗତ ବଉଦିଆପଡ଼ା ଗ୍ରାମର ଶିକ୍ଷକ ଚକ୍ରଧର ମେହେରଙ୍କ 'ମନଭୂଇଁ' ନାମକ ଏକ ପୁସ୍ତକ ପ୍ରକାଶ ପାଇଛି । ଟାଇମ୍ ପାସ୍ ପବ୍ଲିକେସନ୍ ଆୟୋଜନରେ ଅନୁଷ୍ଠିତ ବହି ବିଷୁବ ପୁସ୍ତକ ପର୍ବରେ ୧୦ ଜଣ ଲେଖକ ଓ କବିଙ୍କ ମଧ୍ୟରେ ସ୍ଥାନ ପାଇଛି ଚକ୍ରଧର ମେହେରଙ୍କ ପୁସ୍ତକ 'ମନଭୂଇଁ' । କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବରିଷ୍ଠ କବି ବଂଶୀଧର ଷଡ଼ଙ୍ଗୀ ଓ ପ୍ରକାଶକ ସରୋଜ ବଳଙ୍କ ଦ୍ୱାରା ପୁସ୍ତକଟି ଉନ୍ମୋଚନ ହୋଇଛି । ଶ୍ରୀ ମେହେର ପେସାରେ ଜଣେ ସରକାରୀ ଶିକ୍ଷକ କିନ୍ତୁ ନିଶା ତାଙ୍କର ଗଳ୍ପ ଓ କବିତା ଲେଖା । ପିଲାଟି ଦିନରୁ ମାଇଁଙ୍କ ଭାଗବତ ପାଠ ହଉକି ଗାଁ ରାମଲୀଳା ନାଟକର ଅଭିନୟ ବା ନଦୀପଠାରେ ସାଙ୍ଗମାନଙ୍କ ସହ ମଜାମସ୍ତିରୁ ଆରମ୍ଭ କରିଦିଅନ୍ତି ନିଜର ଲେଖାଲେଖି । ସମାଜ ଚାଲିଚଳନରେ ଘଟୁଥିବା ବିଭିନ୍ନ ଘଟଣାକୁ ନେଇ କବିତା ଲେଖନ୍ତି ଶ୍ରୀ ମେହେର । ବାଉଁଶୁଣୀ ଭଳି ଏକ କଳାସମ୍ପନ୍ନ ଗାଁରୁ କବିତା ଲେଖିବା ସହ ପ୍ରଥମଥର ତାଙ୍କର ପୁସ୍ତକ ଉନ୍ମୋଚିତ ହେବା ପରେ ଏବେ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଥିବା ବେଳେ ତାଙ୍କ ବହି ପଢ଼ିବା ପାଇଁ ଲୋକଙ୍କ ଆଗ୍ରହ ବଢୁଥିବା ଦେଖିବାକୁ ମିଳିଛି ।

## ଗାଁସାଥୀ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ୩ ଦଫା ଦାବିପତ୍ର ପ୍ରଦାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଗାଁସାଥୀ (ମେଟ୍) ସଂଘ କମିଟି ପକ୍ଷରୁ ତିନିଗୋଟି ଦାବି ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିବା ଜଣାପଡିଛି । ଏହି ଦାବିପତ୍ରରେ ଜିଲ୍ଲାରେ ସକ୍ରିୟ ଥିବା ଗାଁସାଥୀ (ମେଟ୍)ଙ୍କୁ ସରକାରଙ୍କ ଜନଗଣନା କାର୍ଯ୍ୟରେ ସାମିଲ୍ କରିବା ପାଇଁ ଦାବି କରିଛନ୍ତି । ବିଗତବର୍ଷ ମାନଙ୍କରେ ଗାଁସାଥୀ ମାନେ କାର୍ଯ୍ୟକରି ଏପର୍ଯ୍ୟନ୍ତ ପାରିଶ୍ରମିକ ପାଇନଥିବାରୁ ସେମାନଙ୍କର ପାରିଶ୍ରମିକ ଦେବାପାଇଁ ପ୍ରତ୍ୟେକ ବ୍ଲକକୁ ନିର୍ଦ୍ଦେଶ ଦେବାପାଇଁ ଦାବି କରିଛନ୍ତି । ୨୦୦୮ ମସିହାରେ ଗାଁ ସଂଗଠନ କ୍ଲବ ପକ୍ଷରୁ ଶିକ୍ଷାଗତ ଯୋଗ୍ୟତା ଭିତିରେ ଗାଁସାଥୀ (ମେଟ୍) ସରକାରଙ୍କ ଦ୍ୱାରା ନିଯୁକ୍ତି ପାଇଥିଲେ । ସରକାରଙ୍କର ପଞ୍ଚାୟତରାଜ ବିଭାଗର ଚିଠି ତରଫରୁ ୩୧.୦୭.୨୦୨୫ ତାରିଖ ପର୍ଯ୍ୟନ୍ତ ଆଳି ବ୍ଲକରେ କାର୍ଯ୍ୟ କରୁଥିବା ଗାଁସାଥୀ ମାନଙ୍କର ୪ ବର୍ଷର ବକେୟା ଦରମା ଏପର୍ଯ୍ୟନ୍ତ ପାଇନଥିବାରୁ ତୁରନ୍ତ ଏହି ଦରମା ପ୍ରଦାନ କରିବାକୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନାଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲାସଭାପତି ଅନିଲ କୁମାର ଲେଙ୍କା, ସମ୍ପାଦକ ବିଜୟ କୁମାର ବେହେରାଙ୍କ ସମେତ ପ୍ରଶାନ୍ତ କୁମାର ଦାସ, ବରଦାକାନ୍ତ ପାତ୍ର, ପ୍ରତାପ ଚନ୍ଦ୍ର ପଢିଆରୀ, ବାଇଧର ସେଠୀ, ରମେଶ ସାହୁ ପ୍ରମୁଖ ଉପସ୍ଥିତ ରହି ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ।

# ଭଗ୍ନ ଅବସ୍ଥାରେ ଭୋଜପୁର ଗ୍ରାମୀଣ ପାର୍କ

**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**

ପ୍ରହସନ ପାଲଟିଛି ରାଜ୍ୟ ସରକାରଙ୍କ ଗ୍ରାମୀଣ ପାର୍କ ଯୋଜନା । ପ୍ରତି ପଞ୍ଚାୟରେ ଗ୍ରାମୀଣ ପାର୍କ ନିର୍ମାଣ କରି ବାହାବା ନେଉଛନ୍ତି ରାଜ୍ୟ ସରକାର । ଲକ୍ଷ ଲକ୍ଷ ଟଙ୍କାରେ ନିର୍ମାଣ ହେଉଥିବା ନିର୍ମାଣଧୀନ ପାର୍କ ଭଙ୍ଗା ଦଦରା ଅବସ୍ଥାରେ ପଡ଼ିରହିଛି । ନେତା ବି ଚୁପ୍ ପ୍ରଶାସନ ବି ଚୁପ୍ । ଏ ଦୃଶ୍ୟ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଭୋଜପୁର ପଞ୍ଚାୟତରେ ଥିବା ଗ୍ରାମୀଣ ପାର୍କର ଦୃଶ୍ୟ । ଏହି ପାର୍କର ମୁଖ୍ୟ ଗେଟ୍ ଅର୍ଦ୍ଧ ନିର୍ମିତ ହୋଇ ଖୋଲା ରହିଥିବା ବେଳେ ଭିତର ଦୃଶ୍ୟ ଟିକେ ନଜର ପକାନ୍ତୁ । ପାର୍କ ମଧ୍ୟ ଭାଗରେ ଥିବା ଜଳ କୁଣ୍ଡର ମାର୍ବଲ ଭାଙ୍ଗି ଯାଇଥିବା ବେଳେ ପାର୍କ ଭିତରେ ଥିବା ଗଳି ରାସ୍ତା ମଧ୍ୟ ଭାଙ୍ଗି ଗଲାଣି । ଗାର୍ଡେନ୍ ବାଡ଼ରେ ଲାଗିଥିବା ଇଟା ସବୁ ଭାଙ୍ଗି ଚୁରମାର୍

ହେଉଛି । ଷ୍ଟାଣ୍ଡରେ ନା ଅଛି ଝୁଲଣା ନା ଏ ପର୍ଯ୍ୟନ୍ତ ପାର୍କକୁ ହୋଇପାରିଛି ପାଣି ସଂଯୋଗ । ଗୋଟିଏ ପ୍ରକାର ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହି ପାର୍କ ଭଙ୍ଗା ଦଦରା ହୋଇଗଲାଣି । ଆଉ ଏଠି ମଦୁଆମାନେ ଆଡ୍ଡା କରିସାରିଛନ୍ତି । ପାର୍କ ସାରା କାଚ ବୋତଲ ଓ କାଚ ଟୁକୁଡା ପଡିରହିଛି । ପାର୍କ ଉଦ୍‌ଘାଟନ ହୋଇନି ହେଲେ ପାର୍କ ଅବସ୍ଥା କହିଲେ ନସରେ । ପୁନଃ ପାର୍କ କାର୍ଯ୍ୟ ନିର୍ମାଣ ପାଇଁ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା । ଏହି ପାର୍କ ନିର୍ମାଣ ପାଇଁ ୨୦୧୯-୨୦ରେ ଚତୁର୍ଥ ରାଜ୍ୟ ଅର୍ଥ କମିଶନ ପାଣ୍ଠିରୁ ୩ ଲକ୍ଷ ୮୪ ହଜାର ୨୦୦ ଟଙ୍କା, ୨୦୨୧-୨୨ରେ ମନରେଗାରୁ ୨୦ ଲକ୍ଷ ୬୫ ହଜାର ୨୭୪ ଟଙ୍କା ବ୍ୟୟ ବରାଦ ହୋଇଛି । ହେଲେ ନା ପାର୍କ କାମ ସରୁଛି, ନା ପାର୍କ ଅବସ୍ଥା ଠିକ୍ ଅଛି । ମନମୁଖି ପାର୍କ ନିର୍ମାଣ ଏବଂ ଅବହେଳା ଯୋଗୁଁ ପାର୍କର ଅବସ୍ଥା ଏପରି ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି । ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ କେମିତି ପାର୍କ କାର୍ଯ୍ୟ ସରୁନି । ଗ୍ରାମାଞ୍ଚଳରେ ଗ୍ରାମୀଣ ପାର୍କ ନିର୍ମାଣରେ ହେଉଛି ଖାମଖିଆଲି ଏବଂ ଭୋଜପୁର ଗ୍ରାମୀଣ ପାର୍କର ଭାଗ୍ୟ କେବେ ବଦଳୁଛି ତାହାକୁ ଅପେକ୍ଷା ।

## ବର୍ତ୍ତମାନ ସମାଜରେ ଐତିହ୍ୟ ସୁରକ୍ଷାର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ

**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱବିଦ୍ୟାଳୟର ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ବିଶ୍ୱ ଐତିହ୍ୟ ଦିବସ ଅବସରରେ ଏକ ସେମିନାର ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମଟି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ସଫଳତାର ସହ ଆୟୋଜିତ ହୋଇଥିଲା । ଏହି ସେମିନାରରେ ପ୍ରସିଦ୍ଧ ଶିକ୍ଷାବିତ୍, ବିଶେଷଜ୍ଞ ଓ ଗବେଷକମାନେ ଯୋଗଦେଇ ଓଡ଼ିଶାର ସ୍ପର୍ଶନୀୟ ଓ ଅସ୍ପର୍ଶନୀୟ ଐତିହ୍ୟର ସୁରକ୍ଷାର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମଟି ପ୍ରଫେସର ପବିତ୍ର ମୋହନ ନାୟକ (ସଂଯୋଜକ- ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗ)ଙ୍କ ସ୍ୱାଗତ ଭାଷଣ ସହ ଆରମ୍ଭ ହୋଇଥିଲା, ଯେଉଁଥିରେ ସେ ବର୍ତ୍ତମାନ ସମାଜରେ ଐତିହ୍ୟ ସୁରକ୍ଷାର ପ୍ରସଙ୍ଗିକତା ଉଲ୍ଲେଖ କରିଥିଲେ । ବିଭିନ୍ନ ଆମନ୍ତ୍ରିତ ବକ୍ତାମାନେ ଯଥା- ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଏ.ଆଇ.ଏଚ୍.ସି ଓ ପ୍ରତ୍ନତତ୍ତ୍ୱ ବିଭାଗର ପ୍ରଫେସର ସଞ୍ଜୟ ଆଚାର୍ଯ୍ୟ, ଓଡ଼ିଶାର ସମୃଦ୍ଧ ସ୍ମାରକ ଐତିହ୍ୟ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ ।

ସେ ଐତିହାସିକ ସ୍ଥଳଗୁଡ଼ିକର ବର୍ତ୍ତମାନ ସ୍ଥିତି, ସେମାନଙ୍କ ସୁରକ୍ଷା ପାଇଁ ସରକାରୀ ପଦକ୍ଷେପ ବିଷୟ ଅବଗତ କରାଇବା ସହ ଏକ ଭିଜୁଆଲ୍ ପ୍ରଦର୍ଶନୀ ମାଧ୍ୟମରେ ନିଜ ଉପସ୍ଥାପନାକୁ ଅଧିକ ସ୍ପଷ୍ଟ କରିଥିଲେ । ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ ରାଜନୀତି ବିଜ୍ଞାନ ପ୍ରଫେସର ଶ୍ୟାମସୁନ୍ଦର ଆଚାର୍ଯ୍ୟ, ଅସ୍ପର୍ଶନୀୟ ସାଂସ୍କୃତିକ ଐତିହ୍ୟର ସୁରକ୍ଷାର ଗୁରୁତ୍ୱ ଉଲ୍ଲେଖ କରି, ଏହା ଆମ ସାଂସ୍କୃତିକ ପରିଚୟ ରକ୍ଷାର ମୂଳ ଭୂମିକା ଗୁଡ଼ିକକୁ ଉଲ୍ଲେଖ କରିଥିଲେ । ରେଭେନ୍ସା ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ମୁଖ୍ୟ ଡକ୍ଟର ଉମାକାନ୍ତ ମିଶ୍ର, ଓଡ଼ିଶାର ପ୍ରାଚୀନ ଐତିହ୍ୟ ଓ ତାହାର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ମୂଲ୍ୟବାନ ମତାମତ ରଖି, ସମୂହିକ ଦାୟିତ୍ୱ ମାଧ୍ୟମରେ ଏହାର ସୁରକ୍ଷାର ଆବଶ୍ୟକତା ଉଲ୍ଲେଖ କରିଥିଲେ । ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ, ଓଡ଼ିଶାର ଲୋକସଂସ୍କୃତି ଓ ଆଦିବାସୀ ଐତିହ୍ୟର ସୁରକ୍ଷାର ଆବଶ୍ୟକତା ଉପରେ ମତ ରଖି, ସମୁଦାୟର ସହଭାଗିତା ଓ ନୀତିଗତ ସମର୍ଥନର ଗୁରୁତ୍ୱ ଉଲ୍ଲେଖ କରିଥିଲେ । ଆନ୍ଥ୍ରୋପୋଲୋଜି ବିଭାଗର ଡକ୍ଟର ଆକାଶ ମଲ୍ଲିକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ଓ ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗର ସହାୟକ ପ୍ରଫେସର ଡକ୍ଟର ଶିଖାଶ୍ରୀ ରାୟ ସେମିନାରର ବିଷୟବସ୍ତୁ ପ୍ରସ୍ତୁତ କରିଥିଲେ । କାର୍ଯ୍ୟକ୍ରମକୁ ସହାୟକ ଅଧ୍ୟାପକ ଶଶାଙ୍କ ଶେଖର ଗଡନାୟକ ସଂଯୋଜନା କରିଥିଲେ ଓ ଶେଷରେ ସହାୟକ ଅଧ୍ୟାପିକା ଜିନାପ୍ରିୟଙ୍କା ଜେଠୀଙ୍କ ଧନ୍ୟବାଦ ଜ୍ଞାପନ କରିଥିଲେ ।

# କୋରାପୁଟ ଜିଲ୍ଲା:ଜଳଯନ୍ତ୍ରଣାରେ ଛଟପଟ ପଶୁପକ୍ଷୀ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ପ୍ରଚଣ୍ଡ ଖରାରେ ବୁଲା ପଶୁ ଓ ପକ୍ଷୀମାନେ ଶୋଷ ମେଣ୍ଟାଇବା ପାଇଁ କୋରାପୁଟ ଜିଲ୍ଲା ଜୟପୁର ସହର କୋରାପୁଟ, ବୈପାରିଗୁଡା, ସେମିଳିଗୁଡା, ଦାମାନଜୋଡି, ବୋରିଗୁମ୍ମାରେ ବୁଲା ପଶୁମାନେ ଜଳଯନ୍ତ୍ରଣାରେ ଛଟପଟ ହେଉଥିବା ଦେଖିବାକୁ ମିଳୁଛି । ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବୁଲା ଗାଈଗୋରୁ, କୁକୁର ଓ ପକ୍ଷୀମାନଙ୍କ ଶୋଷ ମେଣ୍ଟାଇବା ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ । ତେଣୁ ପ୍ରଶାସନ ଯୁଦ୍ଧକାଳୀନ ଭିତିରେ ପଦକ୍ଷେପ ନେବାକୁ ସଚେତନ ନାଗରିକ ମହଲରେ ଦୃଢ ମତ ପ୍ରକାଶ ପାଉଛି । ପ୍ରଶାସନ ପକ୍ଷରୁ ପଶୁପକ୍ଷୀମାନଙ୍କୁ ପାନୀୟ ଜଳ ଯୋଗାଇଦେବା ପାଇଁ

ଜୟପୁର ସହରର ରାଜା ନହର, ପ୍ରସାଦରାଓ ପେଟା, ତାରିଣି ଛକ, ପାୱାର୍ ହାଉସ୍ କେତେକ ସାହିବସ୍ତି ସହ ବୋରିଗୁମ୍ମା, ବୈପାରିଗୁଡା, କୋରାପୁଟରେ ଜଳକୁଣ୍ଡ ସ୍ଥାପନ କରାଯାଇ ବୁଲା ପଶୁପକ୍ଷୀମାନଙ୍କ ପାଇଁ ପାନୀୟ ଜଳର ସୁବିଧା କରାଯିବା ନେଇ ଦାବି ହେଉଛି । ଏପରିକି ସହରର ଅନ୍ୟ ଅଞ୍ଚଳମାନଙ୍କରେ କେଉଁ କାରଣରୁ ଜଳକୁଣ୍ଡ ସ୍ଥାପନରେ ବିଳମ୍ବ କରାଯାଉଛି ତାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଓ ପ୍ରତିକ୍ରିୟା ପ୍ରକାଶ ପାଉଥିଲା ବେଳେ ଦାୟିତ୍ୱରେ ଥିବା କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ଶୈଳୀ ପ୍ରତି ମଧ୍ୟ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରଶାସନ ପକ୍ଷରୁ ଜୟପୁର ସହରର ଜଳକୁଣ୍ଡ ସ୍ଥାପନ ହୋଇନଥିବାରୁ ପାଣି ଟୋପାଏ ପିଇବା ପାଇଁ ବୁଲା ପଶୁ ଓ ପକ୍ଷୀମାନେ ପ୍ରଚଣ୍ଡ ରୌଦ୍ରତାପରେ ତହଳ ବିକଳ ହେବା ସହ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି । ଟାଇଁ ଟାଇଁ ଖରାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିଲା ବେଳେ ଦିନ ୧୧ଟା ପରେ ଦାଉ ସାଧୁଛି ଖରା । ଯେଉଁଠି ମଣିଷ ପକ୍ଷେ ଘରୁ ବାହାରିବା ପ୍ରଚଣ୍ଡ ଖରାରେ ସମ୍ଭବପର ହେଉନାହିଁ । ଏପରିସ୍ଥଳେ କେତେକ ଅଞ୍ଚଳରେ ବୁଲା ପଶୁପକ୍ଷୀଙ୍କ ପରିସ୍ଥିତି ଅଧିକ ଜଟିଳ ହୋଇପଡୁଥିବା ଦେଖିବାକୁ ମିଳୁଛି । ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ସାଧାରଣ ଜନତାଙ୍କ ପାଖରେ ନାନା ସୁବିଧା ଥିଲାବେଳେ ଏପରି କ୍ଷେତ୍ରରେ ପଶୁପକ୍ଷୀଙ୍କ କଥା ପଚାରେ ବା କିଏ । ପଶୁପକ୍ଷୀଙ୍କ ତୃଷ୍ଣା ନିବାରଣ ପାଇଁ ସହରର ସମସ୍ତ ସାହି ବସ୍ତି ଗୁଡିକରେ କେବେ ଜଳକୁଣ୍ଡ ସ୍ଥାପନ ହେବ ତାହା ସାଧାରଣରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି । କହିବାର ଶକ୍ତି ନାହିଁ ବୋଲି ବୁଲା ଗାଈଗୋରୁ ଓ ପଶୁପକ୍ଷୀମାନେ ପ୍ରତିବାଦ କରିପାରୁନାହାନ୍ତି । ଦାୟିତ୍ୱରେ ଥିବା ଅଧିକାରୀଙ୍କ ଆନ୍ତରିକତାର ଅଭାବ ଯୋଗୁଁ ପ୍ରଚଣ୍ଡ ଖରାରେ ପାଣି ଟୋପାଏ ପାଇଁ ବୁଲା ପଶୁପକ୍ଷୀମାନେ ସନ୍ତୁଳି ହେଉଛନ୍ତି ବୋଲି ସଚେତନ ନାଗରିକ ମହଲରେ ଆଲୋଚନା ହେଉଛି । ଖରା ବଢୁଛି ଅଥଚ ବର୍ତ୍ତମାନ ସୁଦ୍ଧା ବୁଲା ପଶୁପକ୍ଷୀ ଏବଂ ବୁଲା ଗାଈଗୋରୁମାନେ ପିଇବା ପାଇଁ ସମସ୍ତ ସାହିବସ୍ତି ଗୁଡିକରେ ଜଳକୁଣ୍ଡ ରଖିବା ସମ୍ଭବପର ହୋଇପାରି ନାହିଁ । ଖାଦ୍ୟ ତ ଦୂରେ ଥାଉ, ଖରାରେ ତହଳ ବିକଳ ପରିସ୍ଥିତିରେ ପାଣି ମୁନ୍ଦେ ମିଳିବା ବୁଲା ପଶୁପକ୍ଷୀଙ୍କ ପାଇଁ କେତେକ ସାହିବସ୍ତିରେ ମୁସ୍କିଲ ହୋଇପଡିଲାଣି । ଏପରି କ୍ଷେତ୍ରରେ ବୁଲା ପଶୁପକ୍ଷୀ ଏବଂ ବୁଲା ଗାଈଗୋରୁଙ୍କ କଥା ବୁଝିବ ବା କିଏ ।

# ଅବସର ନେବାକୁ ନେଇ ମୁହଁ ଖୋଲିଲେ ରିଜ୍ୱାନ

**କରାଚୀ**

ପାକିସ୍ତାନ ସିନିୟର ଉଇକେଟ୍ କିପର ବ୍ୟାଟର ମହମ୍ମଦ ରିଜ୍ୱାନ କହିଛନ୍ତି, ବର୍ତ୍ତମାନ ଯଦିଓ ସେ ଫର୍ମ ଫେରିପାଇବାକୁ ସଂଘର୍ଷ ଚଳାଇଛନ୍ତି, ନିକଟରେ ଟି୨୦ କ୍ରିକେଟରୁ ତାଙ୍କର ଅବସର ନେବାର କୌଣସି ଅଭିପ୍ରାୟ ନାହିଁ। ସେ ତାଙ୍କ ପୁରୁଣା ଫର୍ମ ଫେରିପାଇବା ପାଇଁ ଖୁବ୍ ପରିଶ୍ରମ କରୁଛନ୍ତି। ଏହି ଫର୍ମାଟ୍‌ରେ ଜାତୀୟ ଦଳରେ ସ୍ଥାନ ପାଇବା ଲାଗି ସେ ଅନ୍ୟ ଖେଳାଳିଙ୍କ ସହ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ହେଉଛନ୍ତି।

ଚଳିତ ପାକିସ୍ତାନ ସୁପର ଲିଗ୍(ପିଏସ୍ଏଲ୍)ରେ ରିଜ୍ୱାନ କଠିନ ସମୟ ଦେଇ ଗତି କରୁଛନ୍ତି। ରାୱଲପିଣ୍ଡି ଦଳର ଅଧିନାୟକତ୍ୱ କରି ସେ କ୍ରମାଗତ ୭ଟି ମ୍ୟାଚ୍‌ରେ ପରାଜିତ ହୋଇସାରିଲେଣି। କରାଚୀରେ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଯେତେବେଳେ ତୁମେ ଅନୁଭବ କରିବ ଯେ ଦଳରେ ସ୍ଥାନ ପାଇବା ଲାଗି ଅନ୍ୟ ଖେଳାଳିମାନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଅସମର୍ଥ, ସେତେବେଳେ ତୁମେ ଅବସର ନେବା କଥା ଚିନ୍ତା କରିବ। ବର୍ତ୍ତମାନ ସେ ଯେପରି ଫର୍ମରେ ଅଛନ୍ତି ଅବସର ନେଇଯିବା ସହ ଯୁବ ଖେଳାଳିମାନଙ୍କୁ ସୁଯୋଗ ଦେବା ଉଚିତ ହେବ କି ବୋଲି ଜଣେ ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ରିଜ୍ୱାନ ଉପରୋକ୍ତ କଥା କହିଛନ୍ତି।

ସୂଚନାଯୋଗ୍ୟ, ୩୩ ବର୍ଷୀୟ ରିଜ୍ୱାନଙ୍କୁ ଗତ ୨୦୨୪ ଡିସେମ୍ବରରୁ ପାକିସ୍ତାନ ଟି୨୦ ଦଳରେ ସ୍ଥାନ ମିଳୁନି। କିନ୍ତୁ ସେ ଏହି ଫର୍ମାଟ୍‌ରେ ବିଦେଶ ଲିଗ୍ ଏବଂ ଘରୋଇସ୍ତର ମ୍ୟାଚରେ ସକ୍ରିୟ ଅଛନ୍ତି। ସେ ବର୍ତ୍ତମାନ ଭଲ ଫର୍ମରେ ନ ଥିବା ସ୍ୱୀକାର କରିଛନ୍ତି।

# ଅହମଦାବାଦରେ ହାରିଲା ଗୁଜରାଟ, ମୁମ୍ବାଇର ଦ୍ୱିତୀୟ ବିଜୟ

**ଅହମଦାବାଦ**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୩୦ତମ ମୁକାବିଲାରେ ମୁମ୍ବାଇ ଇଣ୍ଡିଆନ୍ସ ଉଭୟ ବ୍ୟାଟିଂ ଏବଂ ବୋଲିଂରେ ଶକ୍ତିଶାଳୀ ପ୍ରଦର୍ଶନ କରିଛି। ଗୁଜରାଟକୁ ତାର ମାଟିରେ ୧୦୦ ରନ୍‌ରେ ପରାସ୍ତ କରିଛି। ୨୦୦ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଗୁଜରାଟ ୧୫.୫ ଓଭରରେ ସମସ୍ତ ୱିକେଟ୍ ହରାଇ ୧୦୦ ରନ୍ ସଂଗ୍ରହ କରିପାରିଛି। ମୁମ୍ବାଇ ଲଗାତାର ଚତୁର୍ଥ ପରାଜୟ ପରେ ସୋମବାର ବିଜୟ ହାସଲ କରିଛି। ଆଇପିଏଲ୍‌ର ଚଳିତ ସଂସ୍କରଣରେ ମୁମ୍ବାଇ ନିଜର ପ୍ରଥମ ମ୍ୟାଚ୍‌ରେ କୋଲକାତା ବିପକ୍ଷରେ ୬ୱିକେଟ୍‌ରେ ବିଜୟୀ ହୋଇଥିଲା। କିନ୍ତୁ ପରବର୍ତ୍ତୀ ୪ଟି ମ୍ୟାଚ୍‌ରେ ଦିଲ୍ଲୀ, ରାଜସ୍ଥାନ, ପଞ୍ଜାବ ଏବଂ ବେଙ୍ଗାଲୁରୁ ଠାରୁ ପରାସ୍ତ ହୋଇଥିଲା।

ଅହମଦାବାଦସ୍ଥିତ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଗୁଜରାଟ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଫଳରେ ଅତିଥି ଦଳ ବ୍ୟାଟିଂ କରିଥିଲା। ଏଠାରେ ମୁମ୍ବାଇ ଯୁବ ବ୍ୟାଟର ତିଳକ ବର୍ମାଙ୍କ ବିସ୍ଫୋରକ ଶତକ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୫ଟି ୱିକେଟ୍ ହରାଇ ୧୯୯ ରନ୍ ସଂଗ୍ରହ କରିଥିଲା।

ମୁମ୍ବାଇ ପକ୍ଷରୁ ତିଳକ ବର୍ମା ବିସ୍ଫୋରକ ବ୍ୟାଟିଂ କରିଥିଲେ। ସେ ୪୫ଟି ବଲ୍ ସାମ୍ନା କରିଥିଲେ ଏବଂ ୧୦୧ ରନ୍ ସଂଗ୍ରହ କରିଥିଲେ। ଏଥିରେ ୮ଟି ଚୌକା ଏବଂ ୭ଟି ଛକା ସାମିଲ କରିଥିଲେ। ନମନ ଧୀର ମୁମ୍ବାଇ ପାଇଁ ଦ୍ୱିତୀୟ ସର୍ବାଧିକ ସ୍କୋର କରିଥିଲେ। ସେ ୩୨ଟି ବଲ୍ ଖେଳି ୪୫ ରନ୍ ସଂଗ୍ରହ କରିଥିଲେ, ଯେଉଁଥିରେ ୬ଟି ଚୌକା ଏବଂ ଗୋଟିଏ ଛକା ସାମିଲ ଥିଲା।

ଅନ୍ୟପଟରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏବଂ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ୧୫-୧୫ ରନ୍‌ର ଯୋଗଦାନ କରିଥିଲେ। ସୂର୍ଯ୍ୟକୁମାର ୧୦ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ଗୋଟିଏ ଛକା ମାରିଥିଲା ବେଳେ ହାର୍ଦ୍ଦିକ ୧୬ଟି ବଲ୍ ସାମ୍ନା କରି ଗୋଟିଏ ଚୌକା ମାରିଥିଲେ। ମୁମ୍ବାଇର ଅନ୍ୟ ଖେଳାଳିମାନଙ୍କର ବ୍ୟାଟିଂ ଉତ୍ସାହଜନକ ହୋଇପାରି ନଥିଲା। ଗୁଜରାଟ ପକ୍ଷରୁ କାଗିସୋ ରାବଡା ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ଦ୍ରୁତ ବୋଲର ମହମ୍ମଦ ସାମି ଏବଂ ପ୍ରସିଦ୍ଧ କୃଷ୍ଣା ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ।

# ମୋତେ ଭାରତ ପକ୍ଷରୁ ଖେଳିବାକୁ ମିଳିଥିଲା ଅଫର : ରଶିଦ ଖାନ

**ନୂଆଦିଲ୍ଲୀ**

ଆଫଗାନିସ୍ତାନର ଅଲରାଉଣ୍ଡର ରଶିଦ ଖାନ କ୍ରିକେଟ ଜଗତରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି। ତାଙ୍କୁ ବର୍ତ୍ତମାନ ବିଶ୍ୱର ଶ୍ରେଷ୍ଠ ସ୍ପିନରମାନଙ୍କ ମଧ୍ୟରୁ ଜଣେ ବୋଲି ବିବେଚନା କରାଯାଏ। ଏବେ ଏହି ଅଭିଜ୍ଞ କ୍ରିକେଟର ଏକ ଆଶ୍ଚର୍ଯ୍ୟଜନକ ଖୁଲାସା କରିଛନ୍ତି। ତାଙ୍କୁ ଟିମ୍ ଇଣ୍ଡିଆ ପାଇଁ ଖେଳିବା ଏବଂ ଭାରତୀୟ ନାଗରିକତା ପାଇଁ ପ୍ରସ୍ତାବ ମିଳିଥିଲା। ରଶିଦ ଖାନ ତାଙ୍କ ପୁସ୍ତକ 'ରଶିଦ ଖାନ: ଫ୍ରମ ଷ୍ଟ୍ରିଟ୍ସ ଟୁ ଷ୍ଟାରଡମଷ୍ଟ'ରେ ଏହା ପ୍ରକାଶ କରିଛନ୍ତି। ରଶିଦ କହିଛନ୍ତି ଯେ, ତାଙ୍କୁ କେବଳ ଭାରତରେ ନୁହେଁ ବରଂ ଅଷ୍ଟ୍ରେଲିଆରେ ମଧ୍ୟ ଖେଳିବା ପାଇଁ ପ୍ରସ୍ତାବ ମିଳିଥିଲା। ଆଫଗାନିସ୍ତାନ କ୍ରିକେଟରଙ୍କୁ ଏହି ପ୍ରସ୍ତାବ ୨୦୨୩ ଆଇପିଏଲ ସମୟରେ ମିଳିଥିଲା, ଯେତେବେଳେ ସେ ଟିମ୍ ଇଣ୍ଡିଆର ଜଣେ ପ୍ରମୁଖ ବ୍ୟକ୍ତିଙ୍କୁ ଭେଟିଥିଲେ। ରଶିଦଙ୍କ ଟିମ୍ ଇଣ୍ଡିଆର ଜଣେ ପ୍ରମୁଖ ବ୍ୟକ୍ତିଙ୍କୁ ଭେଟିବା ଏବଂ ଭାରତୀୟ ନାଗରିକତା ପ୍ରଦାନ କରିବା ବିଷୟରେ ରସିଦ ପୁସ୍ତକରେ ଲେଖିଛନ୍ତି, ମୁଁ ଯାଇ ତାଙ୍କୁ ଭେଟିଥିଲି। ଆମେ କଥାବାର୍ତ୍ତା ଆରମ୍ଭ କଲୁ ଏବଂ ସେ କହିଲେ, ତୁମର ଦେଶର ପରିସ୍ଥିତି ବହୁତ ଖରାପ। ଭାରତରେ ଆସି ରୁହ। ଆମେ ତୁମକୁ ଭାରତୀୟ ଡକ୍ୟୁମେଣ୍ଟ ଦେବୁ। ଏଠାରେ ରୁହ ଏବଂ ଏଠାରେ କ୍ରିକେଟ ଖେଳ। ତାଙ୍କ କଥା ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇଗଲି ଏବଂ କିପରି ଉତ୍ତର ଦେବି ଜାଣି ନ ଥିଲି। କିନ୍ତୁ ମୁଁ ହସିକି କହିଲି ଆପଣଙ୍କୁ ବହୁତ ଧନ୍ୟବାଦ, ମୁଁ ମୋ ଦେଶ ଆଫଗାନିସ୍ତାନ ପାଇଁ ଖେଳିବାକୁ ଚାହେଁ।

ତାଙ୍କୁ ଅଷ୍ଟ୍ରେଲିଆରୁ ମଧ୍ୟ ସମାନ ପ୍ରସ୍ତାବ ମିଳିଥିଲା। ରଶିଦ ଲେଖିଛନ୍ତି, ମୁଁ ଭାରତ ଏବଂ ଅଷ୍ଟ୍ରେଲିଆ ଉଭୟରୁ ସମାନ ପ୍ରସ୍ତାବ (ନାଗରିକତା ଏବଂ କ୍ରିକେଟ ଖେଳିବା) ପାଇଥିଲି। କିନ୍ତୁ ମୁଁ ସେମାନଙ୍କୁ କହିଥିଲି ଯେ, ଯଦି ମୁଁ ମୋ ଦେଶ ପାଇଁ ନ ଖେଳେ, ତେବେ ମୁଁ ଅନ୍ୟ କୌଣସି ଦେଶ ପାଇଁ ଖେଳିବି ନାହିଁ।

ରଶିଦ ଖାନ ଟି-୨୦ କ୍ରିକେଟରେ ଏକ ଅନନ୍ୟ ସ୍ଥାନ ଅଧିକାର କରିଛନ୍ତି। କାରଣ ସେ ବର୍ତ୍ତମାନ ଫର୍ମାଟରେ ସର୍ବାଧିକ ଉଇକେଟ ନେଇଥିବା ଖେଳାଳି। ସେ ୭୦୮ ଉଇକେଟ ନେଇଛନ୍ତି। ରଶିଦ ଟି-୨୦ରେ ୭୦୦ ଉଇକେଟ ଅତିକ୍ରମ କରିଥିବା ପ୍ରଥମ ଖେଳାଳି। ୱେଷ୍ଟଇଣ୍ଡିଜର ଡ୍ୱେନ ବ୍ରାଭୋ ୬୩୧ ଉଇକେଟ ସହିତ ପ୍ରମୁଖ ଉଇକେଟ ନେବାର ତାଲିକାରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି।

# ପୁଣି ପ୍ରେମାନନ୍ଦ ଜୀ ମହାରାଜଙ୍କ ଶରଣରେ ବିରୁଷ୍କା

**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆର ଷ୍ଟାର ବ୍ୟାଟ୍ସମ୍ୟାନ ବିରାଟ କୋହଲି ଏବଂ ଅଭିନେତ୍ରୀ ପତ୍ନୀ ଅନୁଷ୍କା ଶର୍ମା ଈଶ୍ୱର ବିଶ୍ୱାସୀ। ଅନେକ ସମୟରେ ଏହି ଦମ୍ପତି ଠାକୁରଙ୍କ ଶରଣ ନେଉଥିବା ଦେଖିବାକୁ ମିଳେ। ଏବେ ଏହି ଦମ୍ପତି ବୃନ୍ଦାବନରେ ବାବା ପ୍ରେମାନନ୍ଦ ମହାରାଜଙ୍କୁ ଯାଇ ଦର୍ଶନ କରିଛନ୍ତି। ଏବଂ ଉଭୟ ଏଠାରେ ବସି ପ୍ରବଚନ ମଧ୍ୟ ଶୁଣିଥିବା ଦେଖିବାକୁ ମିଳିଛି। ଯାହାର ଭିଡିଓ ସୋସିଆଲ ମିଡିଆରେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି। ୟୁଜର୍ସମାନେ ବିରାଟ-ଅନୁଷ୍କାଙ୍କ ଭକ୍ତି-ଭାବ ଭିଡିଓକୁ ସେୟାର କରୁଥିବା ବେଳେ ସକରାତ୍ମକ କମେଣ୍ଟ ମାନ କରୁଥିବା ଦେଖିବାକୁ ମିଳିଛି।

ବିରାଟ କୋହଲି ଏବେ ଆଇପିଏଲରେ ବ୍ୟସ୍ତ ଅଛନ୍ତି। ପରବର୍ତ୍ତୀ ମ୍ୟାଚରେ ତାଙ୍କ ଦଳ ଆରସିବି ଦିଲ୍ଲୀକୁ ଭେଟିବ। ଏହା ପୂର୍ବରୁ ଦଳ ଏବେ ଦିଲ୍ଲୀରେ ଅଛି। ମ୍ୟାଚ୍ ଖେଳିବା ପୂର୍ବରୁ ବିରାଟ ପତ୍ନୀ ଅନୁଷ୍କାଙ୍କ ସହ ବୃନ୍ଦାବନରେ ପହଞ୍ଚିଥିବାବେଳେ ପ୍ରେମାନନ୍ଦଙ୍କୁ ଭେଟିଛନ୍ତି। ସେଠାରେ ଉପସ୍ଥିତ ସାଧାରଣ ଲୋକଙ୍କ ଭିଡ଼ରେ ବସି ପ୍ରବଚନ ଶୁଣିଥିଲେ। ଏହାସହ ସେମାନେ କୃଷ୍ଣଭକ୍ତିରେ ମଜିଥିବା ଦେଖିବାକୁ ମିଳିଛି। ପ୍ରବଚନ ଶୁଣିବା ପରେ ଦମ୍ପତି ବାହାରକୁ ଆସିଥିଲେ।

ବିରାଟ ବାହାରକୁ ବାହାରୁଥିବା ସମୟର ଭିଡିଓ ଜଣେ ୟୁଜର୍ସ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଯେଉଁଥିରେ ଫ୍ୟାନ୍ସମାନେ ତାଙ୍କୁ ଭେଟିବା ପାଇଁ ଭିଡ଼ ଜମାଉଥିବା ମଧ୍ୟ ଦେଖିବାକୁ ମିଳିଛି। ସେଲଫି ନେବାକୁ ଫ୍ୟାନ୍ସମାନେ ଭିଡ଼ ଜମାଉଥିବା ମଧ୍ୟ ଦେଖିବାକୁ ମିଳିଛି। ସେପଟେ ବିରାଟ ଚଳିତବର୍ଷ ଦ୍ୱିତୀୟଥର ପାଇଁ ବୃନ୍ଦାବନ ଯାଇଛନ୍ତି। ଜାନୁଆରୀ ମାସରେ ଏହି ଦମ୍ପତି ଦୁଇ ଛୁଆଙ୍କ ସହ ଆସିଥିଲେ। ମାତ୍ର ୨୦୨୫ ମସିହାରେ ସେମାନେ ତିନିଥର ଆସି ଦର୍ଶନ କରିଥିଲେ।

କହି ରଖୁଛୁ କି, ବିରାଟ କୋହଲି ଏବେ ଲଣ୍ଡନରେ ପରିବାର ସହ ରହୁଛନ୍ତି। କେବଳ ମ୍ୟାଚ୍ ଖେଳିବା ପାଇଁ ଭାରତ ଗସ୍ତରେ ଆସୁଛନ୍ତି ବିରାଟ। ସେପଟେ ଅନୁଷ୍କା ମଧ୍ୟ ୮ ବର୍ଷ ହେବ କୌଣସି ଫିଲ୍ମରେ ନଜର ଆସିନାହାନ୍ତି। ପରିବାର ନିଜ ଛୁଆଙ୍କ ସହ ବିଦେଶରେ ରହୁଛି। ସେପଟେ ଅନୁଷ୍କା ମହିଳା କ୍ରିକେଟର ଝୁଲଣ ଗୋସ୍ୱାମୀଙ୍କ ଜୀବନ କାହାଣୀ ଉପରେ ଆଧାରିତ ଫିଲ୍ମରେ ଅଭିନୟ କରିଛନ୍ତି। ଏହି ଫିଲ୍ମ କିନ୍ତୁ ଏଯାବତ ରିଲିଜ୍ ହୋଇନାହିଁ।

# ପୁଲିସ ଜଳକ୍ରୀଡ଼ା କ୍ଲଷ୍ଟର ଚାମ୍ପିଅନ୍‌ସିପ୍‌ରେ ଓଡ଼ିଶାର ସଫଳତା

**କଟକ**

ଉତ୍ତରାଖଣ୍ଡର ତେହେରିଠାରେ ଅନୁଷ୍ଠିତ ୨୫ତମ ସର୍ବଭାରତୀୟ ପୁଲିସ ୱାଟର ସ୍ପୋର୍ଟସ (ଜଳକ୍ରୀଡ଼ା) କ୍ଲଷ୍ଟର (କାୟାକିଙ୍ଗ, କାନୋଇଂ ଏବଂ ରୋଇଂ) ଚାମ୍ପିୟନସିପ୍ ୨୦୨୫-୨୬ରେ ଓଡ଼ିଶା ପୁଲିସର କ୍ରୀଡ଼ାବିତ୍‌ମାନେ ଉଲ୍ଲେଖନୀୟ ପ୍ରଦର୍ଶନ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହି ଅବସରରେ ସଫଳ କ୍ରୀଡ଼ାବିତମାନେ ସୋମବାର ରାଜ୍ୟ ପୁଲିସ ମୁଖ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଡିଜିପି ଶ୍ରୀଖୁରାନିଆ ସମସ୍ତ ପଦକ ବିଜେତାଙ୍କୁ ସ୍ୱାଗତ କରିବା ସହ ସେମାନଙ୍କର କ୍ରୀଡ଼ା ନୈପୁଣ୍ୟକୁ ଭୂୟସୀ ପ୍ରଶଂସା କରିଛନ୍ତି। ଡିଜିପି ଶ୍ରୀଖୁରାନିଆ ମତବ୍ୟକ୍ତ କରିଛନ୍ତି ଯେ, ୱାଟର ସ୍ପୋର୍ଟସ କ୍ଷେତ୍ରରେ ଓଡ଼ିଶା ପୋଲିସର ଏହି ସଫଳତା ଆଗାମୀ ଦିନରେ ଅନ୍ୟ କ୍ରୀଡ଼ାବିତ୍‌ଙ୍କ ପାଇଁ ପ୍ରେରଣା ସାଜିବ।

ଉଲ୍ଲେଖଯୋଗ୍ୟ ଯେ, ଗତ ଏପ୍ରିଲ ୮ ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶା ପୋଲିସ ଦଳ ସମୁଦାୟ ୨ଟି ରୌପ୍ୟ ଏବଂ ୭ଟି ବ୍ରୋଞ୍ଜ ପଦକ ହାସଲ କରିଛି। ରୋଇଂ ଏବଂ କାନୋଇଂ ଭଳି ପ୍ରତିଯୋଗିତାରେ ଓଡ଼ିଶାର ମହିଳା କ୍ରୀଡ଼ାବିତମାନେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି।

ପଦକ ବିଜେତାଙ୍କ ସଫଳତା : ରିତୁ କାଉଡି (ସୁନ୍ଦରଗଡ଼)- ରୋଇଂ ୫୦୦ ମିଟରରେ ରୌପ୍ୟ ଏବଂ ୨୦୦୦ ମିଟରରେ ବ୍ରୋଞ୍ଜ ପଦକ। ସୋନାଲିକା ଦାସ (ୟୁପିଡି କଟକ)-ରୋଇଂ ୫୦୦ ମିଟରରେ ରୌପ୍ୟ ଏବଂ ୨୦୦୦ ମିଟରରେ ବ୍ରୋଞ୍ଜ ପଦକ। ସଚିମା କେର୍କେଟା (ସୁନ୍ଦରଗଡ଼) - କାନୋଇଂ ସି-୧ (୨୦୦ ମିଟର) ରେ ବ୍ରୋଞ୍ଜ ପଦକ। ସଂଯୁକ୍ତା ଡୁଙ୍ଗଡୁଙ୍ଗ (କଟକ), ରେଶମା ଲାକ୍ରା (ସୁନ୍ଦରଗଡ଼), ରିଚେଲ ଲାକ୍ରା (ସୁନ୍ଦରଗଡ଼) ଏବଂ ସୁମିତ୍ରା ମଲ୍ଲିକ(କଟକ) : ରୋଇଙ୍ଗ (କକ୍ସଲେସ୍ ୫୦୦ ମିଟର) ବର୍ଗରେ ମିଳିତ ଭାବେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ଲଗାତାର ଦ୍ୱିତୀୟ ପରାଜୟ ପରେ ଦୁଃଖରେ ଭାଙ୍ଗିପଡ଼ିଲେ ବୈଭବ

**ନୂଆଦିଲ୍ଲୀ**

ରବିବାର କୋଲକାତା ବିପକ୍ଷ ମ୍ୟାଚ୍‌ରେ ରାଜସ୍ଥାନର ପରାଜୟ ହୋଇଛି। ଚଳିତବର୍ଷ କୋଲକାତା ପ୍ରଥମ ବିଜୟ ହାସଲ କରିଛି। ତେବେ ଏହି ମ୍ୟାଚରେ ଯୁବ ଓପନର ବୈଭବ ସୂର୍ଯ୍ୟବଂଶୀ ରାଜସ୍ଥାନ ପକ୍ଷରୁ ଭଲ ଆରମ୍ଭ କରିଥିଲେ। ତଥାପି ତାଙ୍କ ଦଳ ବିଶାଳ ସ୍କୋର କରିପାରିନଥିଲା। ଶେଷରେ ଦଳ ପରାଜୟ ବରଣ କରିଛି। ଆଉ ଏହି ପରାଜୟ ପରେ ଏକ ଭିଡିଓ ଏବେ ବେଶ୍ ଭାଇରାଲ ହେବାରେ ଲାଗିଛି। ଯେଉଁ ଭିଡିଓରେ ବୈଭବ ସୂର୍ଯ୍ୟବଂଶୀ ମନଦୁଃଖ ସହ ବସିଥିବା ଦେଖିବାକୁ ମିଳୁଛନ୍ତି। ଏହାସହ ତାଙ୍କୁ ସାଥୀ ଖେଳାଳିମାନେ ବୁଝାଉଥିବା ଦେଖିବାକୁ ମିଳିଛି। ଯାହାକି ପ୍ରବଳ ମାତ୍ରାରେ ଭାଇରାଲ ହେଉଥିବାବେଳେ ୟୁଜର୍ସମାନେ ଏହାକୁ ସେୟାର କରୁଛନ୍ତି।

ଚଳିତ ସିଜିନ ଆରମ୍ଭ ହେବା ପୂର୍ବରୁ ବୈଭବ ଏକ ଇଣ୍ଟରଭ୍ୟୁରେ କହିଥିଲେ କି, ମୁଁ ଚାହେଁ ଆମ ଦଳ ଟ୍ରଫି ଜିତିବା ପାଇଁ ଲକ୍ଷ୍ୟ ରଖିଛି। ଆମେ ଭଲ ଖେଳିବା ପାଇଁ ଚେଷ୍ଟା କରିବୁ। ତେବେ ଚଳିତ ସିଜିନରେ ରାଜସ୍ଥାନ ପ୍ରଥମରୁ ମ୍ୟାଚ୍ ଜିତିଥିବାବେଳେ ଶେଷ ଦୁଇ ମ୍ୟାଚ୍ ହାରି ପଏଣ୍ଟ ଟେବୁଲରେ ତଳକୁ ଖସିଛି। ଲଗାତାର ଦ୍ୱିତୀୟ ପରାଜୟ ପରେ ରାଜସ୍ଥାନର ଏହି ଖେଳାଳି ଦୁଃଖ ପ୍ରକାଶ କରିଛନ୍ତି। ବୈଭବ ସୂର୍ଯ୍ୟବଂଶୀ କେକେଆର ବିପକ୍ଷରେ ୨୮ ବଲ୍‌ରେ ୪୬ ରନ୍ କରିଥିଲେ, ଯେଉଁଥିରେ ଦୁଇଟି ଛକା ଏବଂ ଛଅ ଚୌକା ସାମିଲ ଥିଲା। ତାଙ୍କୁ ବରୁଣ ଚକ୍ରବର୍ତ୍ତୀ ଆଉଟ୍ କରିଥିଲେ। ବୈଭବ ସୂର୍ଯ୍ୟବଂଶୀ ରାଜସ୍ଥାନର ପ୍ରଥମ ଝଟକା ଥିଲେ। ତଥାପି, ଯେତେବେଳେ ସେ ଆଉଟ୍ ହୋଇଥିଲେ, ସେ ତାଙ୍କର କାମ କରିସାରିଥିଲେ।

# ଫିଡେ ବିଶ୍ୱ ପ୍ରତିଯୋଗିତା ଆୟୋଜନ ଲାଗି ଭାରତର ଉଦ୍ୟମ

**ନୂଆଦିଲ୍ଲୀ**

ଗ୍ରାଣ୍ଡମାଷ୍ଟର ଆର ବୈଶାଳୀ ପ୍ରଥମ ଭାରତୀୟ ମହିଳା ଭାବେ କ୍ୟାଣ୍ଡିଡେଟ୍ସ ଟ୍ରଫି ହାତେଇଥିଲେ। ଏଥିସହ ସେ ଫିଡେ ମହିଳା ବିଶ୍ୱ ପ୍ରତିଯୋଗିତାର ଫାଇନାଲ୍ ଖେଳିବାକୁ ମଧ୍ୟ ଯୋଗ୍ୟତା ଅର୍ଜନ କରିଥିଲେ। ସେହିଭଳି ଫିଡେ ପୁରୁଷ ବିଶ୍ୱ ପ୍ରତିଯୋଗିତାର ଫାଇନାଲ୍ ଖେଳିବାକୁ ଭାରତର ଡି. ଗୁକେଶ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି। ଫିଡେ ବିଶ୍ୱ ପ୍ରତିଯୋଗିତାର ତାରିଖ ଓ ସ୍ଥାନ ଘୋଷଣା ହୋଇନି।

ଉଭୟ ପୁରୁଷ ଓ ମହିଳା ବର୍ଗର ଫାଇନାଲ୍‌ରେ ଭାରତୀୟ ଖେଳାଳି ଥିବାରୁ ଭାରତ ଏହି ବିଶ୍ୱ ପ୍ରତିଯୋଗିତା ଆୟୋଜନ ଲାଗି ଆଗ୍ରହ ଦେଖାଇଛି। ଫାଇନାଲ୍‌କୁ ଯୋଗ୍ୟତା ଅର୍ଜନ କରିଥିବା ବୈଶାଳୀ ଓ ଗୁକେଶ ତାମିଲନାଡୁର ହୋଇଥିବାରୁ ଏହି ପ୍ରତିଯୋଗିତା ଚେନ୍ନାଇରେ କରିବାକୁ ଭାରତ ଚାହିବ। ମହିଳା ଟାଇଟଲ୍ ଲଢ଼େଇରେ ଗତ ସଂସ୍କରଣ ବିଜେତା ଜୁ ୱେନ୍‌ଜୁଙ୍କୁ ଭେଟିବେ ବୈଶାଳୀ।

ଅନ୍ୟପକ୍ଷରେ ଗୁକେଶ ପୁରୁଷ ବିଶ୍ୱ ଟାଇଟଲ୍ ବଜାୟ ରଖିବାକୁ ଜାଭୋଖିର ସିନ୍ଦରୋଭ ସହ ମୁକାବିଲା କରିବେ। ସର୍ବଭାରତୀୟ ଚେସ୍ ମହାସଂଘର ପରିଚାଳନା ମୁଖ୍ୟ ଏକେ ବର୍ମା କହିଛନ୍ତି ଯେ 'ବିଶ୍ୱ ପ୍ରତିଯୋଗିତା ଏଠାକୁ ଆଣିବାକୁ ଚେଷ୍ଟା କରିବୁ। ଏଥିଲାଗି ବିଡିଂ କରିବୁ। ଦୁଇଟି ଯାକ ବର୍ଗରେ ଭାରତୀୟ ପ୍ରତିଦ୍ୱନ୍ଦ୍ୱିତା କରିବା ଆମ ପାଇଁ ଗର୍ବର କଥା।

ଫିଡେ ସଦସ୍ୟ ରାଷ୍ଟ୍ର ଭାବେ ଭାରତରେ ଅଧିକ ପ୍ରତିଯୋଗିତା ଆୟୋଜନ କରିବାକୁ ଆମର ଲକ୍ଷ୍ୟ ଥିଲା ବେଳେ ଆମର ଦୁଇ ଜଣ ଖେଳାଳି ବିଶ୍ୱ ପ୍ରତିଯୋଗିତା ଫାଇନାଲ୍ ଖେଳିବେ। ତେଣୁ ଆମ ପାଇଁ ଏହି ପ୍ରତିଯୋଗିତା ଆୟୋଜନ କରିବା ଗୁରୁତ୍ୱପୂର୍ଣ୍ଣ। ଗତ ସଂସ୍କରଣ ତାମିଲନାଡୁରେ ଆୟୋଜନ କରିବାକୁ ଆମେ ପ୍ରସ୍ତୁତ ଥିଲୁ। ହେଲେ ସିଙ୍ଗାପୁର ଭଲ ପ୍ରସ୍ତାବ ଦେବାରୁ ସେଠାରେ ହୋଇଥିଲା। ଏଥର ଆମେ ଦୃଢ଼ ଭାବେ ପ୍ରସ୍ତାବ ରଖିବୁ।'

# ରୋବର୍ଟ ଭାଙ୍ଗିଲା ମାରାଥନ ରେକର୍ଡ

**ବେଜିଂ**

ଚୀନର ରାଜଧାନୀ ବେଜିଂରେ ଆୟୋଜିତ ଏକ ମାରାଥନରେ ମଣିଷଙ୍କ ସହ ରୋବର୍ଟ ଦୌଡ଼ିଥିଲେ। ନିଜ ଦୌଡ଼ିବା ଦକ୍ଷତା ତଥା ସ୍ୱୟଂଚାଳିତ ଦିଗ ନିର୍ଦ୍ଧାରଣ କୌଶଳରେ ଏହି ରୋବର୍ଟ ଗୁଡ଼ିକ ମାନବ ଧାବକମାନଙ୍କୁ ଅତି ସହଜରେ ପଛରେ ପକାଇ ଦେଇଥିଲେ। ଯାହା ଏହି ନିଆରା ମାରାଥନର ପ୍ରମୁଖ ଆକର୍ଷଣ ଥିଲା। ଗତବର୍ଷ ହିଁ ଏହି ନିଆରା ମାରାଥନ ପ୍ରଥମ ଥର ଲାଗି ଆୟୋଜିତ ହୋଇଥିଲା। ହେଲେ ଯାନ୍ତ୍ରିକ ତ୍ରୁଟି ପାଇଁ ଅଧିକାଂଶ ରୋବର୍ଟ ରେସ୍ ? ଶେଷ କରି ପାରି ନଥିଲେ। ସେମାନେ ମଧ୍ୟ ମଣିଷଙ୍କ ଠାରୁ ଦୁଇଗୁଣା ସମୟ ନେଇଥିଲେ। ଚଳିତବର୍ଷ କିନ୍ତୁ ଭିନ୍ନ ପରିସ୍ଥିତି ଦେଖିବାକୁ ମିଳିଥିଲା। ରୋବର୍ଟ ଗୁଡ଼ିକ ଅତି ସହଜରେ ଦୌଡ଼ାଦୌଡ଼ି କରିବା ସହ ସାଧାରଣ ମଣିଷ ଧାବକଙ୍କୁ ଅତି ସହଜର ପଛରେ ପକାଇ ଦେଇଥିଲେ।

## ଯାଜପୁର ଜିଲ୍ଲା ସ୍ତରୀୟ କୃଷକ ଦିବସ

# ୧,୯୯,୨୧୪ଜଣ ଚାଷୀଙ୍କୁ ମିଳିଲା ସିଏମ କିଷାନ୍ ସହାୟତା ରାଶି

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଜିଲ୍ଲା କୃଷି ବିଭାଗ ପକ୍ଷରୁ ଯାଜପୁର ଜିଲ୍ଲା ସ୍ତରୀୟ କୃଷକ ଦିବସ-୨୦୨୬ ଆୟୋଜିତ ହୋଇଛି। ଯାଜପୁର ବ୍ଲକର ମହେଶ୍ୱରପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଜୟପୁର ଗ୍ରାମରେ କୃଷକ ଦିବସ ଏବଂ ଅକ୍ଷିମୁଠି କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଅମ୍ବର କୁମାର କର ଯୋଗ ଦେଇ ଭୂମି ପୂଜନ କରିଥିଲେ। ଏହାପରେ ଜିଲ୍ଲାପାଳ ଶ୍ରୀ କର ଚାଷ ଜମିରେ ଅକ୍ଷିମୁଠି ବିହନ ବୁଣିଥିଲେ। ଏହାସହ ପାରମ୍ପରିକ ପଦ୍ଧତିରେ ବଳଦ ଲଙ୍ଗଳ ସାହାଯ୍ୟରେ ହଳ କରାଯାଇ ଥିଲା। ସଭାରେ ଯୋଗ ଦେଇ ଜିଲ୍ଲାପାଳ କହିଥିଲେ ଯେ ଚାଷୀ ଓ ଚାଷ ହିଁ ଆମ ସମାଜର ମୂଳଦୁଆ ଏବଂ ଆଜି ତାହାର ଶୁଭାରମ୍ଭ ହୋଇଛି। ଜଳବାୟୁ ପରିବର୍ତ୍ତନ ସହ ଚାଷ ପ୍ରଣାଳୀରେ ମଧ୍ୟ ପରିବର୍ତ୍ତନ ପରିଲକ୍ଷିତ ହେଉଛି। ତଥାପି ଅକ୍ଷୟ ତୃତୀୟାରେ ମାଟି ମାଆର ପୂଜାର୍ଚ୍ଚନା କରି ଅକ୍ଷିମୁଠି ଅନୁକୂଳ କରି ଚାଷ କାମ ଆରମ୍ଭ ହୁଏ। ଏହା ଓଡ଼ିଆ ଜାତିର ଏକ ପ୍ରଧାନ ପର୍ବ ଏବଂ ପରମ୍ପରା ବୋଲି ଜିଲ୍ଲାପାଳ କହିଥିଲେ। କୃଷକ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ରାଜ୍ୟର କୃଷକ ହିତାଧିକାରୀମାନଙ୍କୁ ସିଏମ୍ କିଷାନ୍ ଯୋଜନା ଅନ୍ତର୍ଗତ ଖରିଫ ୨୦୨୬ ନିମନ୍ତେ ଆର୍ଥିକ ସହାୟତା ରାଶି ବଣ୍ଟନ କରିଥିଲେ। ସେହିକ୍ରମରେ ଯାଜପୁର ଜିଲ୍ଲାର ୧,୯୯,୨୧୪ ଜଣ ଚାଷୀ ସିଏମ କିଷାନ୍ ଯୋଜନାରେ ସହାୟତା ରାଶି ପାଇଛନ୍ତି। କୃଷକ ଦିବସ ସମାରୋହରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକ, କୃଷି ଜିଲ୍ଲା ଅଧିକାରୀ ଭବାନୀ ଶଙ୍କର ମିଶ୍ର, ଜିଲ୍ଲା ମତ୍ସ୍ୟସମ୍ପଦ ଅଧିକାରୀ ରଞ୍ଜିତା ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ ରାଧେଶ୍ୟାମ ବେହେରା, ଏଡିଏସସି ଋତୁପର୍ଣ୍ଣା ଜେନା ଏବଂ ମହେଶ୍ୱରପୁର ସରପଞ୍ଚ ଯୋଗ ଦେଇଥିଲେ। ଏହି ଅବସରରେ ଜିଲ୍ଲାପାଳ ଏବଂ ଅତିଥିମାନେ ବୃକ୍ଷରୋପଣ କରିବା ସହ ପତାକା ଦେଖାଇ କୃଷି ସଚେତନତା ରଥର ଉଦ୍‌ଘାଟନ କରିଥିଲେ। କୃଷି ଜିଲ୍ଲା ଅଧିକାରୀ ପୀୟୂଷ ପଲ୍ଲବ ପରିଡ଼ା ମଞ୍ଚ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୧୦୦ ରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ।

# ଗାୟତ୍ରୀ ଶକ୍ତିପୀଠରେ ଶାନ୍ତିକୁଞ୍ଜ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ବହୁ ପ୍ରତିଭାଧାରୀ ସମ୍ବର୍ଦ୍ଧିତ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ରମ୍ଭା ଗାୟତ୍ରୀ ଶକ୍ତି ପୀଠ ପରିସରରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଶାନ୍ତିକୁଞ୍ଜ ହରିଦ୍ୱାର ଦ୍ୱାରା ଆୟୋଜିତ ବ୍ରହ୍ମପୁର ଉପଜୋନ ସ୍ତରୀୟ କାର୍ଯ୍ୟକର୍ତ୍ତା ଗୋଷ୍ଠୀ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ, ଗଜପତି, ରାୟଗଡା ଓ ଫୁଲବାଣୀ ଜିଲ୍ଲାକୁ ନେଇ ଗଠିତ ବ୍ରହ୍ମପୁର ଉପଯୋନର ସଂଯୋଜକ ପ୍ରାକ୍ତନ ପ୍ରଫେସର ଡ଼. ବୃନ୍ଦାବନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଗୋଷ୍ଠୀରେ ମୁଖ୍ୟ ଅତିଥିଭାବେ ଶାନ୍ତିକୁଞ୍ଜ କାର୍ଯ୍ୟକର୍ତ୍ତା ମଙ୍ଗଲ ସିଂ ଗଡ଼ୱାଲ, ସମ୍ମାନୀତ ଅତିଥିଭାବେ ଏନ.ପି.ସିଂ, ଭୁବନେଶ୍ୱର ଜୋନ ସଂଯୋଜକ ବଳରାମ ସାହୁ, ମୁଖ୍ୟବକ୍ତା ଭାବେ ଓଡିଶା ପ୍ରଭାରୀ ଶେଷଦେବ ବଡ଼େଇ, ଅନ୍ୟତମ ବକ୍ତାଭାବେ ଓଡିଶା ଜୋନ ପ୍ରଭାରୀ ସୌମିତ୍ରୀ ଥାନପତି ଯୋଗଦେଇ ପରମ ପୂଜ୍ୟ ଗୁରୁଦେବ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ଏବଂ ବନ୍ଦନୀୟା ମାତାଜୀ ଭଗବତୀ ଦେବୀ ଶର୍ମାଙ୍କ ଦ୍ୱାରା ସ୍ଥାପିତ ଅଖିଳ ବିଶ୍ୱ ଗାୟତ୍ରୀ ପରିବାରରେ ପରିଜନଙ୍କ ଦ୍ୱାରା ସ୍ୱ ସ୍ୱ କ୍ଷେତ୍ରରେ ଯୁଗ ପରିବର୍ତ୍ତନର ଘଡ଼ି ସନ୍ଧିରେ କରାଯାଉଥିବା ଆଧ୍ୟାତ୍ମିକ, ସାମାଜିକ, ସାଂସ୍କୃତିକ,ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରକୃତି ଓ ପରିବେଶ ସର୍ବୋପରି ମାନବ କଲ୍ୟାଣକାରୀ ବିଶ୍ୱ ସ୍ତରୀୟ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସର୍ବପ୍ରଥମେ ଗୁରୁପୂଜନ ସହ ଗୁରୁବନ୍ଦନା କରାଯିବାପରେ ମଂଚାସୀନ ଅତିଥିମାନଙ୍କୁ ଉତ୍ତରୀୟ ଦିଆଯାଇ ସ୍ୱାଗତ କରାଯାଇ ଥିଲା। କରୋନା ସମୟରୁ ଏଯାବତ ଗାୟତ୍ରୀ ପରିବାରର ବରିଷ୍ଠ ଦିବଂଗତ ପରିଜନଙ୍କ ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ପ୍ରକୃତି, ପରିବେଶ,ସ୍ୱାସ୍ଥ୍ୟ, ସାହିତ୍ୟ ଓ ସଂସ୍କୃତି ଆଦି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକରି ପ୍ରତିଷ୍ଠା ଅର୍ଜନ କରିଥିବା ଖଲ୍ଲିକୋଟ ଅବଦୁଲ କଲାମ ଜନକଲ୍ୟାଣ ଚାରିଟେବୁଲ ଟ୍ରଷ୍ଟର ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ଭୁବନେଶ୍ୱର ୟୁଆଇଏସ କ୍ୟାନ୍ସର ଫାଉଣ୍ଡେସନ ଟ୍ରଷ୍ଟର ପ୍ରତିଷ୍ଠାତା ସଦସ୍ୟ ଗୋପାଳ କୃଷ୍ଣ ଦାସ, ବାଇବିନ ବାବା ସାହିତ୍ୟ ଓ ସାଂସ୍କୃତିକ ପରିଷଦର ପ୍ରତିଷ୍ଠାତା ଶିକ୍ଷକ ଶେଷଦେବ ବେହେରା, ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ସ୍ମୃତି ସାହିତ୍ୟ ଓ ସାଂସ୍କୃତିକ ପରିଷଦ ରମ୍ଭାର ସମ୍ପାଦକ ପ୍ରକୃତିବନ୍ଧୁ ପଞ୍ଚାନନ ଖଟୁଆ, ରଘୁନାଥପୁର ବିବେକାନନ୍ଦ ଶିଶୁମନ୍ଦିରର ପ୍ରତିଷ୍ଠାତା ସମାଜସେବୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଗାୟତ୍ରୀ ପରିବାରର ବରିଷ୍ଠ ସମୟଦାନୀ ଦେବରାଜ ପଲେଇଙ୍କ ସହିତ ଗଞ୍ଜାମ, ଗଜପତି, ରାୟଗଡା ଓ ଫୁଲବାଣୀ ଜିଲ୍ଲାର ବହୁ ବ୍ୟକ୍ତିବିଶେଷଙ୍କୁ ଉତ୍ତରୀୟ ଏବଂ ପ୍ରଶଂସା ପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡିଶା ଯୁବ ପ୍ରଭାରୀ ସନ୍ତୋଷ ଜେନା, ସଂଗୀତ ଶିଳ୍ପୀ ରବୀନ୍ଦ୍ର ଗୌଡ଼, ରମ୍ଭା ଗାୟତ୍ରୀ ଶକ୍ତିପୀଠର ପ୍ରାକ୍ତନ ଟ୍ରଷ୍ଟି ଗୋକୁଳ ଚନ୍ଦ୍ର ନାହାକ, ପ୍ରକୃତିବନ୍ଧୁ ପଞ୍ଚାନନ ଖଟୁଆ,ଶିକ୍ଷକ ଲକ୍ଷ୍ମୀନାରାୟଣ ମହାରଣା, ରାମହରି ପଟ୍ଟନାୟକ, ପ୍ରମୋଦ କୁମାର ପାଢ଼ୀଙ୍କ ସଂଯୋଜନାରେ ଆୟୋଜିତ ଏହି ଗୋଷ୍ଠିରେ ଗଞ୍ଜାମ, ଗଜପତି, ଫୁଲବାଣୀ ଓ ରାୟଗଡାଜିଲ୍ଲାର ସଂଯୋଜକ, ବ୍ଲକ ସଂଯୋଜକ, ବିଭିନ୍ନ ଶକ୍ତିପୀଠର ଟ୍ରଷ୍ଟି, ସଦସ୍ୟ ଆଦି ଦୁଇଶହରୁ ଅଧିକ ପରିଜନ ଯୋଗଦେଇ ଗାୟତ୍ରୀ ପରିବାରର ଆଗାମୀ କାର୍ଯ୍ୟପନ୍ଥା ଶୀର୍ଷକ ଆଲୋଚନାରେ ଭାଗନେଇଥିଲେ। ଏହି କାର୍ଯ୍ୟକ୍ରମକୁ ଉମାକାନ୍ତ ସାହୁ, ରଥାଙ୍ଗ ରମଣ ନାହାକ, ସୁମନ୍ତ ନହାକ, ସତ୍ୟନାରାୟଣ ଅଚାରୀ, ମୋଚିରାମ ବେହେରା ପରିଚାଳନା କରିଥିଲେ. ।ଏହି ଅବସରରେ ଆସନ୍ତା ମଇ ମାସ ତିନି ତାରିଖରେ ବ୍ରହ୍ମପୁର ଫାଷ୍ଟ ଗେଟ ଗାୟତ୍ରୀ ନଗର ଚେତନା କେନ୍ଦ୍ରଠାରେ ହେବାକୁଥିବା ଗୋଷ୍ଠୀରେ ଗାୟତ୍ରୀ ପରିବାରର ସମସ୍ତ ସଦସ୍ୟ ଗଞ୍ଜାମ ଜିଲ୍ଲା ସମନ୍ୱୟ ସମିତି ପୁନର୍ଗଠନରେ ଯୋଗଦେବାକୁ ଅନୁରୋଧ କରାଯାଇଛି।

# ରାତ୍ରି କାଳୀନ କ୍ରିକେଟ ମ୍ୟାଚ୍ ଉଦ୍‌ଘାଟିତ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବିନିକା ଏନଏସି ଡଭଲା ଗ୍ରାମ ଠାରେ ଚତୁର୍ଥତମ ମା' ମାହେଶ୍ୱରୀ ଦୁଇ ଦିନିଆ ରାତ୍ରି କ୍ରିକେଟ ମ୍ୟାଚ୍ ଉଦ୍‌ଘାଟନ ହୋଇଯାଇଛି। ଏହି କ୍ରିକେଟ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବରେ ଏନଏସି ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ଭୋଇ ଯୋଗଦେଇ ଶୁଭ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଓଡ଼ିଶା କ୍ରିକେଟ ଆସୋସିଏସନର ପରିଚାଳକ ଜିତେନ୍ଦ୍ର ଥନାପତି, ଏନଏସିର ଉପାଧକ୍ଷା ତପସ୍ୱିନୀ ମେହେର, ୱାର୍ଡ ନମ୍ବର ୧ କାଉନସିଲର ପ୍ରତିନିଧି କଳାକାହ୍ନୁ ଦୀପ, ୱାର୍ଡ ନମ୍ବର ୨ କାଉନସିଲର ବୈରାଗୀ ପଧାନ, ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ଶୁଭମ୍ ଆଚାର୍ଯ୍ୟ ଯୋଗଦେଇ ଖେଳକୁ ଉପଭୋଗ କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି କ୍ରିକେଟ ମ୍ୟାଚ୍‌ରେ ୧୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ପ୍ରଥମ ଦିନର ୮ଟି ଦଳ ଖେଳି ଦୀପପାଲି ଦଳ ଫାଇନାଲରେ ପ୍ରବେଶ କରିଛି। ରାତ୍ରି କାଳୀନ ଏହି ମ୍ୟାଚ୍ ଦେଖିବା ପାଇଁ ପଡ଼ିଆ ଚାରିପଟେ ଦର୍ଶକଙ୍କ ଭିଡ଼ ଦେଖାଦେଇଥିଲା।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୧ ଅପ୍ରେଲ ୨୦୨୬ ମଙ୍ଗଳବାର





# ବାର୍ଷିକ ରିଭିଜନରେ ଓଡ଼ିଶାର ୧୦ ଲକ୍ଷ ଭୋଟରଙ୍କ ନାମ ବାଦ୍ ପଡିଛି : ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାରତର ଭୋଟର ତାଲିକାରେ ସ୍ପେସିଆଲ ଇଣ୍ଟେନସିଭ ରିଭିଜନ ମାଧ୍ୟମରେ ଭୋଟର ତାଲିକାରୁ ଅଧିକରୁ ଅଧିକ ଭୋଟରଙ୍କ ନାମ କଟିଯାଉଥିବା ଅଭିଯୋଗରେ ପ୍ରତିକ୍ରିୟା ଦେଇ ବିଜୁ ଜନତା ଦଳ ଆଜି ଓଡ଼ିଶାରେ ମଧ୍ୟ ସେଭଳି ହେବାର ସନ୍ଦେହ ସୃଷ୍ଟି ହେଲାଣି ବୋଲି କହିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ବିରୋଧୀ ଦଳର ଉପନେତା ତଥା ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ବିଜୟ ନାୟକ ଭୋଟର ତାଲିକାରୁ ଅଧିକରୁ ଅଧିକ ସଂଖ୍ୟାରେ ଭୋଟରଙ୍କ ନାମ ବାଦ୍ ପଡୁଥିବା ଅଭିଯୋଗରେ ନିର୍ବାଚନ କମିସନଙ୍କ କାର୍ଯ୍ୟକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି । ଦେବୀ ପ୍ରସାଦ ମିଶ୍ର କହିଥିଲେ, ନିର୍ବାଚନ କମିସନଙ୍କ ଇଲେକ୍ଟ୍ରାଲ ରୋଲ୍ରେ ପ୍ରତିବର୍ଷ ଜାନୁଆରୀରେ ରିଭିଜନ ହୁଏ। କିନ୍ତୁ ଏହି ବର୍ଷ ହୋଇଥିବା ସଂଶୋଧନରେ ପ୍ରାୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟରଙ୍କୁ ବାଦ୍ ଦିଆଯାଇଛି। ଏହି ପ୍ରକ୍ରିୟାରେ ଅତି ବେଶୀରେ ୭ ଲକ୍ଷ ଭୋଟର ବାଦ୍ ପଡୁଥିବା ବେଳେ ଅଧିକ ୩ ଲକ୍ଷ ଭୋଟରଙ୍କୁ ବାଦ୍ ଦିଆଯାଇଥିବାରୁ, ସନ୍ଦେହ ପ୍ରକାଶ ପାଇଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ଏସଆଇଆର ହେବାକୁ ଯାଉଥିବା

ବେଳେ, ଅଧିକ ଭୋଟରଙ୍କ ନାମ ବାଦ୍ ପଡିବା ଆଶଙ୍କା ଦେଖାଦେଇଛି । ଏସଆଇଆର ଓଡ଼ିଶାରେ ୨୦୦୨ ମସିହାରେ ହୋଇଥିଲା । ଶ୍ରୀ ମିଶ୍ର କହିଥିଲେ, ୧୯.୦୮.୨୦୨୫ରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଦେଶର ନିର୍ବାଚନ କମିସନରଙ୍କୁ ଭେଟି ଏହି ସମ୍ବନ୍ଧରେ ବିଜେଡି ନିଜର ଆଶଙ୍କା ପ୍ରକାଶ କରିଥିଲା । ବିଶେଷକରି ଯେଉଁମାନେ ରାଜ୍ୟ ବାହାରକୁ କାମ କରିବାକୁ ଯାଉଛନ୍ତି, ତାଙ୍କ ନାମ ଯେପରି ଭୋଟର ତାଲିକାରୁ ବାଦ୍ ନପଡେ, ସେଥିପ୍ରତି ଯତ୍ନବାନ ହେବା ଉଚିତ ବୋଲି ବିଜେଡି କହିଥିଲା। ପ୍ରତିବର୍ଷ ୭ ଲକ୍ଷ ଭୋଟର ବାଦ୍ ପଡ଼ନ୍ତି । କିନ୍ତୁ ଏହି ବର୍ଷ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟର ବାଦ୍ ପଡ଼ିଛନ୍ତି। ବିଜେଡି ଆଶଙ୍କା କରୁଛି ଯେ, ଏତେ ଅଧିକ କିପରି ବାଦ୍ ପଡୁଛନ୍ତି ? ଅଧିକ ସଂଖ୍ୟାର ଭୋଟରଙ୍କୁ ବାଦ୍ ଦିଆଯାଇଛି। ଦେଶର ଜଣେ ନାଗରିକଙ୍କ ନାମ ଭୋଟର ତାଲିକାରୁ ବାଦ୍ ପଡିବା ଦ୍ୱାରା ତାର ମୌଳିକ ଅଧିକାର କ୍ଷୁଣ୍ଣ ହେଉଛି। ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ଏସଆଇଆର ପ୍ରସଙ୍ଗରେ ନିର୍ବାଚନ କମିସନରଙ୍କ ସମଗ୍ର କାର୍ଯ୍ୟଧାରା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନ୍ୟ ରାଜ୍ୟ ମାନଙ୍କରେ କୋଟି କୋଟି ଭୋଟରଙ୍କୁ ବାଦ୍ ଦିଆଯାଇଥିବାର ଅଭିଯୋଗ ଆସିଛି । ପ୍ରାୟ ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ପ୍ରାୟ ୫ କୋଟିରୁ ଅଧିକ ଭୋଟର ମାନଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି । ଓଡିଶାରେ ଏସଆଇଆର ହେବାକୁ ଯାଉଥିବା ବେଳେ ଯୋଗ୍ୟ ଭୋଟର ମାନଙ୍କୁ ତାଲିକାରୁ ବଞ୍ଚିତ ହେବାର ଆଶଙ୍କା ଦେଖାଦେଇଛି । ଦୁଇ ଦିନ ତଳେ ନିର୍ବାଚନ କମିସନ ଯେଉଁ ଚିଠି ଲେଖିଛନ୍ତି, ସେଥିରୁ ସନ୍ଦେହ ଅଧିକ ଦୃଢ଼ୀଭୂତ ହୋଇଛି । ମାତ୍ର ଏକ ବର୍ଷ ୪ ମାସ ତଳେ, ଯେଉଁମାନେ ଭୋଟର ତାଲିକାରେ ଥିଲେ, ସେଥିରୁ ପ୍ରାୟ ୧୦ ଲକ୍ଷ ଭୋଟର ବାଦ୍ ପଡିବା ନିଶ୍ଚିତ ଭାବେ ଅଧିକ ସନ୍ଦେହ ସୃଷ୍ଟି କରୁଛି। ସରକାର ଓ ନିର୍ବାଚନ କମିସନ ଏହି ସନ୍ଦେହକୁ ଦୂର କରନ୍ତୁ ଏବଂ କିପରି ଜନସାଧାରଣଙ୍କ ଭୋଟ ଦେବାର ଅଧିକାର ଯେପରି କ୍ଷୁଣ୍ଣ ନହୁଏ, ସେଥିପ୍ରତି ଯତ୍ନବାନ ହେବା ଉଚିତ ।

# ସିଆରଆରଆଇରେ ଅକ୍ଷିମୁଠି ଅନୁକୂଳ କଲେ ମୁଖ୍ୟମନ୍ତ୍ରୀ

**କଟକ/ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପବିତ୍ର ଅକ୍ଷୟ ତୃତୀୟା ଓ ରାଜ୍ୟସ୍ତରୀୟ କୃଷକ ଦିବସ ଅବସରରେ କଟକ ସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ଠାରେ ଆୟୋଜିତ ଭବ୍ୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର କୃଷକମାନଙ୍କ ପାଇଁ ଅନେକ ବଡ଼ ଘୋଷଣା କରିଛନ୍ତି। ଏହି ଅବସରରେ ସେ ୪୧,୬୮,୫୮୨ ଜଣ ଚାଷୀଙ୍କୁ ସିଏମ-କିଷାନ ଯୋଜନାରେ ୮୩୮ କୋଟି ୪୮ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବା ସହ କୃଷିକୁ ଆଧୁନିକ ଓ ଲାଭଜନକ କରିବା ପାଇଁ ନୂଆ ପଦକ୍ଷେପ ଘୋଷଣା କରିଥିଲେ ମୁଖ୍ୟମନ୍ତ୍ରୀ ।

ଧାନ ଗବେଷଣା କେନ୍ଦ୍ର ନିକଟରେ ଥିବା ଚାଷ ଜମିରେ ମୁଖ୍ୟମନ୍ତ୍ରୀ ଭୂମି ପୂଜା କରିବା ପରେ ଅକ୍ଷିମୁଠି ଅନୁକୂଳ କରିଥିଲେ । ଏହାପରେ କୃଷି ପ୍ରଦର୍ଶନୀ ବୁଲି ଦେଖିବା ପରେ 'ଆମ ବିହନ ରଥ' ଏବଂ 'କୃଷି ରଥ'ର ଶୁଭାରମ୍ଭ କରିଥିଲେ ।

ସୂଚନା ଯୋଗ୍ୟଯେ , କୃଷକଙ୍କୁ ସହଜରେ ଉନ୍ନତ ବିହନ ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ ଆମ ବିହନ ରଥ" ବା ସିଡସ୍ ଅନ୍ ହ୍ୱିଲସ୍ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଭ୍ରାମ୍ୟମାଣ ବିହନ ବିକ୍ରୟ କେନ୍ଦ୍ର ଗୁଡିକ ପ୍ରଥମ ପର୍ଯ୍ୟାୟରେ ୧୦ଟି ଜିଲ୍ଲାର ୩୧ଟି ବ୍ଲକରେ ଚାଲୁ ହେବ। ୫ କେଜିଆ ପ୍ୟାକେଟ୍ ଆକାରରେ ନୂତନ କିସମର ଧାନ ବିହନ ଗ୍ରାମ ପଞ୍ଚାୟତ ସ୍ତରରେ ଉପଲବ୍ଧ ହେବ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସମସ୍ତ କୃଷକ ଭାଇ ଓ ଭଉଣୀଙ୍କୁ ଅକ୍ଷୟ ତୃତୀୟାର ଶୁଭେଚ୍ଛା ଜଣାଇ କହିଥିଲେ ଯେ, ଓଡ଼ିଶାର ଅର୍ଥନୀତି, ସଂସ୍କୃତି ଓ ସମୃଦ୍ଧିର ମୂଳ ଆଧାର ହେଉଛି କୃଷି। ଅକ୍ଷୟ ତୃତୀୟା ଦିନ ଚାଷୀମାନେ ଅକ୍ଷିମୁଠି ଅନୁକୂଳ କରି ନୂଆ କୃଷି ବର୍ଷର ଶୁଭାରମ୍ଭ କରୁଥିବାରୁ ଏହା ଓଡ଼ିଶାର ଗୌରବମୟ ପରମ୍ପରା ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ, ୨୦୨୬ ଖରିଫ ଋତୁ ପାଇଁ ରାଜ୍ୟର ୪୧ ଲକ୍ଷ ୬୮ ହଜାର ୫୮୨ ଜଣ କୃଷକଙ୍କୁ ସିଏମ-କିଷାନ ଯୋଜନାରେ ପ୍ରାୟ ୮୩୮ କୋଟି ୪୮ ଲକ୍ଷ ଟଙ୍କା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି। ସେ କହିଥିଲେ ଯେ, କୃଷକଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ହେଉଛି ସରକାରଙ୍କ ପ୍ରାଥମିକତା ଏବଂ ଏହି ଯୋଜନା ତାହାର ଏକ ଉତ୍କୃଷ୍ଟ ଉଦାହରଣ। ସୂଚନାଯୋଗ୍ୟ ଯେ ଏହି ଚାଷୀମାନଙ୍କ ମଧ୍ୟରୁ ୪୧,୨୪,୨୪୧ ଜଣ ଚାଷୀ ହେଉଛନ୍ତି କ୍ଷୁଦ୍ର ଓ ନାମମାତ୍ର ଚାଷୀ। ୪୧,୦୪୯ ଜଣ ହେଉଛନ୍ତି ଭୂମି ହୀନ କୃଷକ ପରିବାରର ଚାଷୀ ଏବଂ ୩,୨୯୨ ଜଣ ହେଉଛନ୍ତି ଜନଜାତି କୃଷକ ପରିବାରର ଚାଷୀ।

ନୂଆ ସରକାର କ୍ଷମତାକୁ ଆସିବା ପରେ କେବଳ ୨୨ ମାସ ମଧ୍ୟରେ ରାଜ୍ୟର କୃଷି ଅଭିବୃଦ୍ଧି ହାର ୫.୩ ପ୍ରତିଶତକୁ ପହଞ୍ଚିଛି, ଯାହା ଜାତୀୟ ହାରଠାରୁ ଅଧିକ। ଚଳିତ ବର୍ଷ ରାଜ୍ୟରେ ୧୫୦ ଲକ୍ଷ ମେଟ୍ରିକ ଟନ୍ରୁ ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ ହୋଇ ଏକ ନୂଆ ରେକର୍ଡ ସୃଷ୍ଟି ହୋଇଛି। ସେ ଏହି ସଫଳତା ପାଇଁ ରାଜ୍ୟର ପ୍ରତ୍ୟେକ କୃଷକଙ୍କୁ ଅଭିନନ୍ଦନ ଜଣାଇଥିଲେ।

ଚାଷୀଙ୍କ ପରିଶ୍ରମର ଯଥୋଚିତ ମୂଲ୍ୟ ଦେବା ପାଇଁ ରାଜ୍ୟ ସରକାର କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ କ୍ରୟ କରୁଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ୨୦୨୫-୨୬ ଖରିଫ ଋତୁରେ ୧୮ ଲକ୍ଷ ୫୫ ହଜାର ୬୬୧ ଜଣ ଚାଷୀଙ୍କ ଠାରୁ ୭୬.୪୭ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଛି। ଏଥିପାଇଁ ୫,୫୮୯ କୋଟି ୯୮ ଲକ୍ଷ ଟଙ୍କା ଇନ୍‌ପୁଟ ସହାୟତା ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ, ଆମ ରାଜ୍ୟର ଅର୍ଥନୀତି ଓ ପ୍ରଗତିର ମେରୁଦଣ୍ଡ ହେଉଛନ୍ତି ଆମର କୃଷକ ସମାଜ। ଆପଣମାନଙ୍କ ପରିଶ୍ରମରେ ଆମ ମାଟି ସୁଜଳା ସୁଫଳା ହୋଇଥାଏ। ଆପଣମାନଙ୍କ ସ୍ୱାର୍ଥ ରକ୍ଷା କରିବା ଏବଂ କୃଷି କାର୍ଯ୍ୟକୁ ଅଧିକ ସରଳ ଓ ସ୍ୱଚ୍ଛ କରିବା ପାଇଁ ରାଜ୍ୟ ସରକାର ସଦାସର୍ବଦା ଚେଷ୍ଟିତ। ଏହି ପରିପ୍ରେକ୍ଷୀରେ ଉପମୁଖ୍ୟମନ୍ତ୍ରୀ ସାର କ୍ରୟ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ

ଦେଇଥିଲେ। ଚାଷୀଙ୍କୁ ଅଧିକୃତ ବିକ୍ରେତାଙ୍କ ଠାରୁ ଆଧାର ଓ ଓଟିପି ମାଧ୍ୟମରେ ନିଜ ଜମି ଓ ଫସଲ ପାଇଁ ଆବଶ୍ୟକ ପରିମାଣର ସାର କିଣନ୍ତୁ। ସାର କିଣିବା ସମୟରେ ବିକ୍ରେତାଙ୍କୁ ପି.ଓ.ଏସ ମେସିନରୁ ବାହାରୁଥିବା ସ୍ଲିପ୍ ନିଶ୍ଚିତ ଭାବେ ମାଗନ୍ତୁ। ଏଥିରେ ଆପଣ କେଉଁ ସାର କେତେ ପରିମାଣରେ ଓ କେତେ ଦାମରେ କିଣିଲେ ତାର ସ୍ପଷ୍ଟ ସୂଚନା ରହିଥାଏ। ଆବଶ୍ୟକ ପରିମାଣର ସନ୍ତୁଳିତ ସାର ବ୍ୟବହାର କରନ୍ତୁ। ଆମ ମା' ମାଟିକୁ ସୁରକ୍ଷିତ ରଖନ୍ତୁ। ସଚେତନ ଚାଷୀ ଭାବେ ସରକାରଙ୍କ ଏହି ସ୍ୱଚ୍ଛ ଅଭିଯାନରେ ସାମିଲ ହୋଇ ଏକ ସମୃଦ୍ଧ ଓଡ଼ିଶା ଗଠନ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ କଟକର ସାଂସଦ ଭର୍ତ୍ତୃହରି ମହତାବ, ଜଗତସିଂହପୁରର ସାଂସଦ ବିଭୁପ୍ରସାଦ ତରାଇ , ନିଆଳିର ବିଧାୟକ ଛବି ମଲ୍ଲିକ, ଚୌଦ୍ୱାର-କଟକର ବିଧାୟକ ସୌଭିକ ବିଶ୍ୱାଳ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ବାରବାଟୀ-କଟକ ବିଧାୟିକା ଇଂ. ସୋଫିଆ ଫିରଦୌସ, ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ। ଏହା ସହ କଟକ ଜିଲ୍ଲା ପରିଷଦ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, କୃଷି ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ସଚିନ ରାମଚନ୍ଦ୍ର ଯାଦବ, କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଏବଂ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ , କଟକର ନିର୍ଦ୍ଦେଶକ ଡଃ ଜିଏକେ କୁମାରଙ୍କ ପ୍ରମୁଖ ମଂଚାସୀନ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଜମ୍ମୁ-କଶ୍ମୀର : ଯାତ୍ରୀବାହୀ...

ପରିବାରକୁ ପ୍ରଧାନମନ୍ତ୍ରୀ ଜାତୀୟ ସହାୟତା ପାଣ୍ଠିରୁ ୨ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିବା ସହ ଆହତମାନଙ୍କୁ ୫୦,୦୦୦ ଟଙ୍କା ପ୍ରଦାନ କରାଯିବ ବୋଲି କହିଛନ୍ତି।' ସେହିପରି ଏହି ଦୁଃଖଦ ମୁହୂର୍ତ୍ତରେ ଜମ୍ମୁ ଓ କଶ୍ମୀର ସରକାର ପୀଡ଼ିତ ଏବଂ ସେମାନଙ୍କ ପରିବାର ସହିତ ଦୃଢ଼ ଭାବରେ ଠିଆ ହୋଇଛନ୍ତି। ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ସୂଚନା ଦେଇଛନ୍ତି। ଜମ୍ମୁ ଓ କଶ୍ମୀର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ୍ସରେ ଲେଖାଯାଇଛି ଯେ, 'ରାମନଗରରୁ ଉଦ୍ଧମପୁର ଯାଉଥିବା ଏକ ଯାତ୍ରୀବାହୀ ବସ୍‌ର ମର୍ମନ୍ତୁଦ ଦୁର୍ଘଟଣା ଖବର ପାଇ ମୁଖ୍ୟମନ୍ତ୍ରୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

## ଖରାରୁ ମିଳିବନି ତ୍ରାହି...

କଟକ ଜିଲ୍ଲାରେ ସାଢ଼େ ୬ରୁ ୯ଟା ପର୍ଯ୍ୟନ୍ତ ଖୋଲା ରହିବ। ପୂର୍ବରୁ ୯ଟି ଜିଲ୍ଲାରେ ସ୍କୁଲ ଛୁଟି ଘୋଷଣା ହୋଇଥିଲା।

ପାଣିପାଗ ବିଭାଗ ସତର୍କ କରାଇ ଦେଇଛି, ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ଦିନ ତାପମାତ୍ରାରେ ବିଶେଷ କିଛି ପରିବର୍ତ୍ତନ ସମ୍ଭାବନା ନାହିଁ। ପ୍ରତିଦିନ କିଛି କିଛି ଜାଗାରେ କାଳବୈଶାଖୀ ବର୍ଷା ସମ୍ଭାବନା ଅଛି। ତଥାପି ରାଜ୍ୟରେ ଜାରି ରହିବ ତାତିର ପ୍ରହାର। ୨୩ ତାରିଖ ଯାଏଁ ଗରମ ପ୍ରକୋପ ନେଇ ସତର୍କ ସୂଚନା ଜାରି ହୋଇଛି।

## ଭୋଟର ତାଲିକାରୁ ବ୍ୟାପକ...

ଫର୍ମ-୬ ରେ ବିଏଲଓ ପାଖରେ ଦେଲେ ପୁଣି ଯୋଡ଼ି ହେବ। ଜାନୁଆରୀ ୧ରୁ ମାର୍ଚ୍ଚ ଶେଷ ଭିତରେ ଏତିକି କଟିଛି। ଦୁଇଟି ଜାଗାରେ ଥିବା ଭୋଟରଙ୍କ ସଂଖ୍ୟା ଅଧିକ କଟିଛି। ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର ରାଜ୍ୟର ସମସ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀମାନଙ୍କୁ ଚିଠି ଲେଖିଛନ୍ତି। ଚିଠି ଅନୁସାରେ, ମୃତ ଭୋଟରଙ୍କ ନାମ ପୂର୍ଣ୍ଣ ଯାଞ୍ଚ ପରେ ହିଁ କାଟିବେ। ଏନେଇ ପରିବାର ବର୍ଗ କିମ୍ବା ନିକଟ ସମ୍ପର୍କୀୟ ଫର୍ମ-୭ରେ ଆବେଦନ କରିବାକୁ ହେବ। ଯଦି ନାଁ କଟାଯାଇଛି, ତେବେ ଭୋଟରଙ୍କ ଠିକଣାରେ ସୂଚନା ଦେବାକୁ ହେବ। ସନ୍ଦେହଜନକ ନକଲ କିମ୍ବା ତଥ୍ୟରେ ତ୍ରୁଟି ଥିଲେ ନୋଟିସ୍ ଜାରି କରି ଯାଞ୍ଚ କରିବା ଆବଶ୍ୟକ। ଯେତିକି ଫର୍ମ-୭ ଆବେଦନ ଆସୁଛି, ସେଥିରୁ ଅତିକମ୍‌ରେ ୫୦ ପ୍ରତିଶତ ମାମଲାରେ ଉପସ୍ଥିତ ରହି ଯାଞ୍ଚ କରିବା ବାଧ୍ୟ। ତଥା ଭୋଟରଙ୍କ ଅଭିଯୋଗଗୁଡ଼ିକୁ ୧୯୫୦ କଲ ସେଣ୍ଟର, ଇମେଲ କିମ୍ବା ଅନ୍ୟ ମାଧ୍ୟମରେ ଆସୁଥିବା ସମସ୍ତ ମାମଲାକୁ ଗୁରୁତ୍ୱ ସହ କ୍ଷେତ୍ରସ୍ତରରେ ଯାଞ୍ଚ କରିବାକୁ କୁହାଯାଇଛି। ଯାଞ୍ଚ ପ୍ରକ୍ରିୟା ଶେଷ ହେବା ପରେ ସମ୍ବନ୍ଧିତ ଅଧିକାରୀମାନେ ଅତି କମ୍‌ରେ ୫୦ ପ୍ରତିଶତ ମାମଲା ଯାଞ୍ଚ ହୋଇଥିବା ସନ୍ଦର୍ଭରେ ସାର୍ଟିଫିକେଟ ଦେବା ପରେ ପୁଣିଥରେ ଅନ୍‌ଲାଇନ୍ ପ୍ରକ୍ରିୟା ଆରମ୍ଭ ହେବ। ସେ କହିଛନ୍ତି, '୨୩ ବର୍ଷ ପରେ ବିଏଲଓ ଘରକୁ ଘର ଯାଇ ଭୋଟର ତାଲିକା ମ୍ୟାପିଂ କରୁଛନ୍ତି। ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ବିଏଲଓମାନେ ଭଲ କାମ କରୁଛନ୍ତି। ଦେଶର ଅନ୍ୟ ରାଜ୍ୟରେ ୭୦ ପ୍ରତିଶତ ମ୍ୟାପିଂକୁ ବଡ଼ ସଫଳତା ଧରା ଯାଉଥିବା ବେଳେ ଓଡ଼ିଶାରେ ୯୫ % ମ୍ୟାପିଂ ହୋଇସାରିଛି। ମ୍ୟାପିଂ ପାଇଁ ବର୍ଷକୁ ମାତ୍ର ୧୨ ହଜାର ଟଙ୍କା ଅନୁକମ୍ପାମୂଳକ ଅର୍ଥ ମିଳୁଛି। ବିଏଲଓମାନେ ଅନୁକମ୍ପାମୂଳକ ଅର୍ଥ ପାଇଁ ଏହି କାମ କରୁନାହାନ୍ତି ବରଂ ଦେଶ ସେବା ଭଳି କାମ ସେମାନେ କରୁଛନ୍ତି। ପ୍ରତ୍ୟେକ ଘରକୁ ଘର ଯାଇ ଆମେ ତଥ୍ୟ ସଂଗ୍ରହ କରୁଛୁ। ବହୁତ ଲୋକଙ୍କର ମୃତ୍ୟୁ ହୋଇଯାଇଛି। କିଛି ଜଣ ଗାଁ ଛାଡିକି ସହରରେ ରହୁଛନ୍ତି। କିନ୍ତୁ ଗାଁ'ରେ ଭୋଟର ତାଲିକା ରହିଛି। ବହୁତ ଲୋକଙ୍କର ସହର ଓ ଗାଁ, ଉଭୟ ସ୍ଥାନରେ ନାଁ ରହିଛି। ତେଣୁ ଏହି ସବୁ ସ୍ଥାନରେ ଫର୍ମ ୭ ପୂରଣ କରିବାକୁ ପଡ଼ିବ।'

## ପ୍ରକାଶ ପାଇଲା ଜେଇଇ...

ପ୍ରତିବର୍ଷ, ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଦେଶର ପ୍ରତିଷ୍ଠିତ ଇଞ୍ଜିନିୟରିଂ ପ୍ରତିଷ୍ଠାନରେ ପ୍ରବେଶ ପାଇଁ ଏହି ପରୀକ୍ଷା ଦେଇଥାନ୍ତି।

## ସାଉଦିଆରବ ଗସ୍ତରେ ଏନଏସଏ...

ପରାମର୍ଶଦାତା ଡଃ. ମୁସାଏଦ୍ ଅଲ୍-ଏବାନଙ୍କୁ ଭେଟିଥିଲେ। ଏହି ବୈଠକରେ ଉଭୟ ପକ୍ଷ ଭାରତ-ସାଉଦି ଆରବ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପଶ୍ଚିମ ଏସିଆରେ ଚାଲିଥିବା ବିବାଦ, ଆଞ୍ଚଳିକ ପରିସ୍ଥିତି ଏବଂ ପାରସ୍ପରିକ ସ୍ୱାର୍ଥ ସହିତ ଜଡ଼ିତ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା।

## ଘରୋଇ ଏଲ୍‌ପିଜି...

ପାଇ ପ୍ରତିଦିନ ୭,୦୦୦ ଟନ୍ ହୋଇଛି। ଅଟୋ ଏଲପିଜି ବିକ୍ରୟ ମଧ୍ୟ ପ୍ରତିଦିନ ୩୫୦ ଟନ୍‌କୁ ବୃଦ୍ଧି ପାଇଛି। ୩ ଏପ୍ରିଲ୍ ପରଠାରୁ ୭,୦୦୦ ସଚେତନତା ଶିବିର ଆୟୋଜନ କରାଯାଇଛି ଏବଂ ପ୍ରାୟ ୧୦୦,୦୦୦ ଛୋଟ ସିଲିଣ୍ଡର ବଣ୍ଟନ କରାଯାଇଛି।

## ହାଇୱେରେ ଭାରୀଯାନ ପାର୍କିଂ...

ମୋଟ ସଡ଼କ ଦୈର୍ଘ୍ୟର କେବଳ ୨%। କିନ୍ତୁ ସଡ଼କ ଦୁର୍ଘଟଣାରେ ହେଉଥିବା ମୋଟ ମୃତ୍ୟୁର ପ୍ରାୟ ୩୦% ରାଜପଥ ସହ ଜଡ଼ିତ। ତେଲଙ୍ଗାନାର ରଙ୍ଗାରେଡ୍ଡିରେ ଲଗାତର ହୋଇଥିବା ସଡ଼କ ଦୁର୍ଘଟଣାରେ ୩୪ ଜଣଙ୍କ ମୃତ୍ୟୁ ପରେ ରୁଜୁ ମାମଲା ଉପରେ ଶୁଣାଣି କରି ଖଣ୍ଡପୀଠ ଏହା କହିଛନ୍ତି। ମାର୍ଗଦର୍ଶିକା ଅନୁସାରେ, କୌଣସି ଭାରୀ କିମ୍ବା କମର୍ସିଆଲ ଯାନ ରାଜପଥରେ ପାର୍କିଂ ହୋଇପାରିବନି କିମ୍ବା ସେଠାରେ ଅଟକି ମଧ୍ୟ ପାରିବନି। କେବଳ ଧାର୍ଯ୍ୟ ସ୍ଥାନ, ଲେ-ବାଏ କିମ୍ବା ରାସ୍ତାପାର୍ଶ୍ୱରେ ରହିବାକୁ ସୁବିଧା ଥିବା ସ୍ଥାନରେ ହିଁ ପାର୍କିଂ ହୋଇପାରିବ। ଆଡ୍‌ଭାନ୍ସଡ ଟ୍ରାଫିକ୍ ମ୍ୟାନେଜମେଣ୍ଟ ସିଷ୍ଟମ (ଏଟିଏମ୍ଏସ୍) ଜରିଆରେ ନିର୍ଦ୍ଦେଶ ଲାଗୁ ହେବ। ଏଥିରେ ରାଜ୍ୟ ପୁଲିସକୁ ରିଅଲ-ଟାଇମ ଆଲର୍ଟ ପଠାଇବା, ଜିପିଏସ୍ ଟାଇମଷ୍ଟାମ୍ପ ଥିବା ଫଟୋ ପ୍ରମାଣ ଏବଂ ଇଣ୍ଟିଗ୍ରେଟେଡ ଇ-ଚାଲାଣ ବନାଯିବା ଆଦି ସାମିଲ। ମାର୍ଗଦର୍ଶିକା ଜାରି ଲାଗି ସମ୍ବନ୍ଧିତ ଜିଲ୍ଲାର ଜିଲ୍ଲାପାଳ ଏକ ଏସ୍ଓପି ବନାଇବେ। ୬୦ ଦିନ ଭିତରେ ଏହା ପାଳନ କରାଯିବା ଜରୁରୀ। ଯେଉଁ ଜିଲ୍ଲା ଦେଇ ଜାତୀୟ ରାଜପଥ ଯାଇଛି, ସେଠାରେ ଜିଲ୍ଲାପାଳ ୧୫ ଦିନ ଭିତରେ ଏକ ସୁରକ୍ଷା ଟାସ୍କ ଫୋର୍ସ ବନାଇବେ।

## ହର୍ମୁଜରେ ଜାହାଜ...

ବିନ୍ଦୁରେ ରହିଛି ଓ ଇରାନର ତୈଳ ଇନ୍‌ଫ୍ରାଷ୍ଟ୍ରକ୍‌ଚରର ଏକ ବଡ଼ ଅଂଶ ଏଠାରେ ରହିଛି। ଇରାନର କ୍ଷେତ୍ର ପାଇଁ ଏହି ଦ୍ୱୀପ ଖୁବ୍ ଗୁରୁତ୍ୱପୂର୍ଣ୍ଣ, ତେଣୁ ଏହାର ଆଖାପାଖରେ ଥିବା ଜଳକ୍ଷେତ୍ରକୁ କଡ଼ା ସୁରକ୍ଷା ଭିତରେ ରଖାଯାଇଥାଏ। ହର୍ମୁଜ ବାଟ ଦେଇ ଯାଉଥିବା ଜାହାଜ ଉପରେ ବଙ୍କର ଓ ରାଡାର ସିଷ୍ଟମର ନେଟୱର୍କ ମାଧ୍ୟମରେ କଡା ନଜର ରଖାଯାଏ। ଲାରକ ଦ୍ୱୀପ ହର୍ମୁଜରେ ରହିଛି, ଯାହାକି ଇରାନ-ଆମେରିକା ସଂଘର୍ଷ ପୂର୍ବରୁ ବିଶ୍ୱ ତୈଳର ପ୍ରାୟ ୨୦% ପରିବହନ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗ ଥିଲା।

ଭୁବନେଶ୍ୱର : ବୁଦ୍ଧ ମନ୍ଦିର ସଭାଗୃହ ପରିସରରେ ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ ପକ୍ଷରୁ ଆୟୋଜିତ ଅକ୍ଷୟ ତୃତୀୟା ମହୋତ୍ସବରେ ବାମରୁ ଶ୍ରୀନନ୍ଦିଘୋଷ ସମ୍ମାନ ଅବିନାଶ ପ୍ରଧାନ, ଶ୍ରୀ ସୁଦର୍ଶନ ସମ୍ମାନରେ ଶଂକର୍ଷଣ ମଙ୍ଗରାଜ, ଶ୍ରୀବଳଭଦ୍ର ସମ୍ମାନ ଡ. ହରପ୍ରସାଦ ମିଶ୍ର ଏବଂ ଦେବୀ ସୁଭଦ୍ରା ସମ୍ମାନରେ ପଦ୍ମଭୂଷଣ ଡ. ପ୍ରତିଭା ରାୟଙ୍କୁ ସମ୍ମାନିତ କରୁଛନ୍ତି ମୁଖ୍ୟ ଅତିଥି ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ପୂର୍ବତନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଡାକ୍ତର ଅଶୋକ ମହାପାତ୍ର, ବିଶିଷ୍ଟ କଣ୍ଠଶିଳ୍ପୀ ଡ. ସଂଗୀତା ଗୋସାଇଁ ଏବଂ ଅନୁଷ୍ଠାନର ସଂପାଦକ ପୀତବାସ ରାଉତରାୟ। (ଫଟୋ : ସମ୍ବାଦ କଳିକା)

# ଡ଼ଃ ଶୁଭେନ୍ଦୁ ଦାସ ଷ୍ଟିଲାଇଟିସ୍ ୱେଲଫେୟାର ସୋସାଇଟିର ସଭାପତି ଭାବେ ନିର୍ବାଚିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଷ୍ଟିଲାଇଟିସ୍ ୱେଲଫେୟାର ସୋସାଇଟିର ବାର୍ଷିକ ସାଧାରଣ ସଭାରେ ଗତ ୧୫ ଏପ୍ରିଲ ୨୦୨୬ ତାରିଖରେ ଡ଼ଃ ଶୁଭେନ୍ଦୁ ଦାସଙ୍କୁ ସଭାପତି ଭାବେ ନିର୍ବାଚିତ କରାଯାଇଛି। ଏହି ସଂସ୍ଥାଟି ହେଉଛି ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ଲିମିଟେଡ୍‌ର ପୂର୍ବତନ କର୍ମକର୍ତ୍ତାମାନଙ୍କର ଏକ ସମ୍ମାନନୀୟ ସଂଘ, ଯେଉଁମାନେ ଅବସର ପରେ ଭୁବନେଶ୍ୱର ଓ କଟକରେ ବସବାସ କରୁଛନ୍ତି। ଡ଼ଃ ଦାସ, ଯିଏ ସୋସାଇଟିର ସ୍ଥାପକ ସଚିବ ମଧ୍ୟ ଏସ୍ଏଆଇଏଲ୍‌ରେ ତାଙ୍କର ଦୀର୍ଘ ଓ ସଫଳ କାର୍ଯ୍ୟଜୀବନ ପାଇଁ ପରିଚିତ। ତାଙ୍କର ନିର୍ବାଚନ

ସଦସ୍ୟମାନଙ୍କର ତାଙ୍କ ପ୍ରତି ଆସ୍ଥା ଓ ନେତୃତ୍ୱ ଉପରେ ଭରସାକୁ ପ୍ରକାଶ କରେ। ତାଙ୍କର ନେତୃତ୍ୱରେ ସୋସାଇଟି ସଦସ୍ୟ ସମ୍ପୃକ୍ତତା ବୃଦ୍ଧି, ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ ପ୍ରଚାର, ଜ୍ଞାନ ବିନିମୟ, ସ୍ୱାସ୍ଥ୍ୟ ସଚେତନତା ଓ ସମୁଦାୟ ସେବା ପାଇଁ ମଞ୍ଚ ସୃଷ୍ଟିକୁ ଗୁରୁତ୍ୱ ଦେବ। ସଂସ୍ଥାଟି ସଦସ୍ୟ ଓ ତାଙ୍କ ପରିବାରମାନଙ୍କ ମଧ୍ୟରେ ସମ୍ପୃକ୍ତି ବଢ଼ାଇବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଆସୁଛି। ଅନ୍ୟ ନିର୍ବାଚିତ ପଦାଧିକାରୀମାନେ ହେଲେ - ବାସୁଦେବ ମିଶ୍ର (ଉପ-ସଭାପତି), ଅରବିନ୍ଦ ଆଚାର୍ଯ୍ୟ (ଉପ-ସଭାପତି), ସୌରେନ୍ଦ୍ର କୁମାର ମହାନ୍ତି (ସଚିବ), ଜନ୍ମେଜୟ ସୁତାର (ଯୁକ୍ତ ସଚିବ) ଓ ସୁଧୀରଞ୍ଜନ ଜେନା (କୋଷାଧ୍ୟକ୍ଷ)।

ତାଙ୍କର ଉଦ୍‌ବୋଧନରେ ଡ଼ଃ ଦାସ ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇ ସମାଜ ସେବା, ସମାବେଶୀ ଭାବନା ଓ ଦୃଷ୍ଟିଭଙ୍ଗୀ ସହ ସଂସ୍ଥାକୁ ଆଗକୁ ନେବା ପ୍ରତି ନିଜ ଅଙ୍ଗୀକାର ପୁନରୁଚ୍ଚାରଣ କରିଥିଲେ।

ନବନିର୍ବାଚିତ ଦଳ ସଂସ୍ଥାର ସମୃଦ୍ଧ ପରମ୍ପରାକୁ ଅଗ୍ରସର କରି ସହଯୋଗ ଓ ନବୀନ ପ୍ରୟାସ ମାଧ୍ୟମରେ ଏହାକୁ ଅଧିକ ଉଚ୍ଚତାକୁ ନେବାକୁ ପ୍ରତିବଦ୍ଧ।

# ଏମ୍ସ ଭୁବନେଶ୍ୱରରେ ମୃତ ମହିଳା ଡାକ୍ତରଙ୍କ ଯକୃତ ଦାନ : ନୂତନ ଜୀବନ ପାଇଲେ ୪୬ ବର୍ଷୀୟ ବ୍ୟକ୍ତି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏମ୍ସ ଭୁବନେଶ୍ୱରରେ ଚଳିତ ମାସରେ ଜଣେ ମୃତ ଦାତାଙ୍କ ଯକୃତ ଦାନ ଫଳରେ ନୂତନ ଜୀବନ ପାଇଛନ୍ତି ୪୬ ବର୍ଷୀୟ ବ୍ୟକ୍ତି। ଏମ୍ସ ଭୁବନେଶ୍ୱରରେ ସଫଳତାର ସହିତ ଏହି ଯକୃତ ପ୍ରତିରୋପଣ ସମ୍ପନ୍ନ ହୋଇଥିଲା। ଏହି ପ୍ରେରଣାଦାୟକ କାହାଣୀର କେନ୍ଦ୍ରରେ ଅଛନ୍ତି ଭଦ୍ରକ ଜିଲ୍ଲାର ଜଣେ ଉତ୍ସର୍ଗୀକୃତ ହୋମିଓପାଥିକ୍ ଚିକିତ୍ସା ଅଧିକାରୀ ଡ. ରାଧା ପାଢ଼ୀ। ଦୀର୍ଘ ବର୍ଷ ଧରି ପ୍ଲେଟଲେଟ୍ ରୋଗ ସହିତ ଲଢୁଥିବା ସତ୍ତ୍ୱେ, ସେ ଉଲ୍ଲେଖନୀୟ ସାହସ ଏବଂ ନିଷ୍ଠା ପ୍ରଦର୍ଶନ କରି ତାଙ୍କ ଅଙ୍ଗଗୁଡ଼ିକୁ ଦାନ କରିବା ନିମନ୍ତେ ପ୍ରତିଜ୍ଞା କରିଥିଲେ। ନିଜର ଅସୁସ୍ଥତା କାରଣରୁ ଏମ୍ସରେ ଚିକିତ୍ସାଧୀନ ଥିଲେ ଡ. ପାଢ଼ୀ। ଚଳିତ ମାସ ୨ ତାରିଖରେ ଡ. ପାଢ଼ୀଙ୍କୁ ବ୍ରେନ୍ ଷ୍ଟେମ୍ ମୃତ୍ୟୁ ଘୋଷଣା ପରେ, ତାଙ୍କ ପରିବାର ତାଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ଅତ୍ୟନ୍ତ ସମ୍ବେଦନଶୀଳ ସମୟରେ ଅଙ୍ଗଦାନ କରିବାକୁ ସମ୍ମତି ପ୍ରଦାନ କରିଥିଲେ। ତିନି ତାରିଖରେ ଏମ୍ସ ଭୁବନେଶ୍ୱରର ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଦଳ ଦ୍ୱାରା ତାଙ୍କର ଯକୃତକୁ ୪୬ ବର୍ଷୀୟ ଜଣେ ପୁରୁଷ ରୋଗୀଙ୍କ ଶରୀରରେ ସଫଳତାର ସହିତ ପ୍ରତିରୋପଣ କରାଯାଇଥିଲା। ଯକୃତ ପ୍ରତିରୋପିତ ହୋଇଥିବା ବ୍ୟକ୍ତିଜଣଙ୍କ ସୁସ୍ଥ ଅଛନ୍ତି। ଆସନ୍ତାକାଲି ତାଙ୍କୁ ହସ୍ପିଟାଲରୁ ଡିସଚାର୍ଜ କରାଯିବା ନେଇ ସୂଚନା ମିଳିଛି। ମୃତ ଦାତାଙ୍କ ଅଙ୍ଗକୁ ଏମ୍ସ ଭୁବନେଶ୍ୱରରେ ହିଁ ପ୍ରତିରୋପଣ କରାଯାଇଥିଲା, ଯାହାକି ଏହି ଜାତୀୟ ପ୍ରତିଷ୍ଠାନ ପାଇଁ ପ୍ରଥମ। ଏପରି ସଫଳ ପ୍ରତିରୋପଣ ପ୍ରକ୍ରିୟା ଅନୁଷ୍ଠାନର ପ୍ରତିବଦ୍ଧତା ଏବଂ ଏବଂ ଡାକ୍ତରୀ ଦଳର ବିଶେଷଜ୍ଞତାକୁ ପ୍ରତିଫଳିତ କରେ। ଆଇଏଲ୍‌ବିଏସ୍ ଦିଲ୍ଲୀର ପ୍ରଫେସର ବିନିୟେନ୍ଦ୍ର ପାମେଚାଙ୍କ ପରାମର୍ଶରେ ଏମ୍ସ ଭୁବନେଶ୍ୱର ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏଂଟେରୋଲୋଜି ବିଭାଗୀୟ ମୁଖ୍ୟ ଡ. ବ୍ରହ୍ମଦତ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ପ୍ରତିରୋପଣ କରାଯାଇଥିଲା। ଏହି ପ୍ରକ୍ରିୟାକୁ ଆନାସ୍ଥେସିଆ, ଗ୍ୟାଷ୍ଟ୍ରୋଏଂଟେରୋଲୋଜି ଏବଂ କ୍ରିଟିକାଲ୍ କେୟାର ବିଶେଷଜ୍ଞ ସମେତ ବହୁବିଧ ଦଳ ସହଯୋଗ କରିଥିଲେ। ଉତ୍ତମ ସମନ୍ୱୟରେ ହୋଇଥିବା ଏହି ପ୍ରକ୍ରିୟା ସମ୍ପନ୍ନ ହୋଇଥିଲା। ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଦାତାଙ୍କ ପରିବାର ପ୍ରତି ଗଭୀର କୃତଜ୍ଞତା ପ୍ରକାଶ କରି ସଚେତନତା ଏବଂ ଆବେଗିକ ଭାବନାରେ ଅଙ୍ଗ ଦାନକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଷ୍ଠାନର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ତାଙ୍କ ନିଃସ୍ୱାର୍ଥପର ଅବଦାନକୁ ସ୍ୱୀକୃତି ଦେଇ, ଡ. ପାଢ଼ୀଙ୍କୁ ମେଡିକାଲ୍ ଅଧୀକ୍ଷକ ଡ. ପ୍ରଭାସ ରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ଏମ୍ସ ଭୁବନେଶ୍ୱରରେ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଏହି ଐତିହାସିକ ସଫଳତା ଚିକିତ୍ସା ଉତ୍କର୍ଷତା ପ୍ରଦର୍ଶନ ସହିତ ଯକୃତ କ୍ଷତିର ସମ୍ମୁଖୀନ ହେଉଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଆଶାର ନୂତନ ଆଲୋକ ପ୍ରଦାନ କରୁଛି। ଡ. ପାଢ଼ୀଙ୍କ ଏହି ଅବଦାନ ସମସ୍ତଙ୍କୁ ପାଇଁ ପ୍ରେରଣାର ଉତ୍ସ ଭାବରେ ସବୁଦିନ ପାଇଁ ଉଜ୍ଜିବୀତ ରହିବ। ସମାଜରେ ଏହି ଘଟଣା ଅଙ୍ଗ ଦାନର ମହାନ ଉଦ୍ଦେଶ୍ୟକୁ ସମର୍ଥନ କରିବାକୁ ଉତ୍ସାହିତ କରିବ।

# ପ୍ରତିଟି ଫାଟକରେ ସୁରକ୍ଷା: ରେଳଯାତ୍ରାକୁ ଅଧିକ ନିରାପଦ କରିବା ପାଇଁ ପୂର୍ବତଟ ରେଳପଥର ବ୍ୟାପକ ଅଭିଯାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଗତ ପାଞ୍ଚ ବର୍ଷ ମଧ୍ୟରେ ୩୮୪ଟି ଲେଭଲ୍ କ୍ରସିଂ ଗେଟ୍‌ର ଇଣ୍ଟରଲକିଂ, ୧୩୨ଟି କ୍ରସିଂର ଉଚ୍ଛେଦ, ଏବଂ ୫୧ଟି ରୋଡ ଓ୍ୱଭରବ୍ରିଜ ଓ ୨୪୩ଟି ରୋଡ ଅଣ୍ଡରବ୍ରିଜ ନିର୍ମାଣ ମାଧ୍ୟମରେ ପୂର୍ବତଟ ରେଳପଥ ରେଳ ଚଳାଚଳର ଅନ୍ୟତମ ମାରାତ୍ମକ ବିପଦ — ଲେଭଲ୍ କ୍ରସିଂକୁ ସମାପ୍ତ କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛି। ଏହି ବିପଦର ସମୂଳ ନାଶ ପାଇଁ ପୂର୍ବତଟ ରେଳପଥ ପ୍ରଯୁକ୍ତିବିଦ୍ୟା, ଭିତ୍ତିଭୂମି ଏବଂ ଇଞ୍ଜିନିୟରିଂର ଏକ ସମନ୍ୱିତ ପ୍ରୟାସ ଜାରି ରଖିଛି ।

ଲେଭଲ୍ କ୍ରସିଂ ହେଉଛି ଏପରି ଏକ ସ୍ଥାନ ଯେଉଁଠାରେ ସଡ଼କ ଏବଂ ରେଳ ଧାରଣା ଏକାଠି ମିଳିତ ହୁଅନ୍ତି, ଯାହା ଉଭୟ ଟ୍ରେନ୍ ଏବଂ ସଡ଼କ ଯାନ ଚଳାଚଳ ପାଇଁ ଅତ୍ୟନ୍ତ ବିପଦପୂର୍ଣ୍ଣ। ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ଝାଡ଼ଖଣ୍ଡରେ ଆଦି ରାଜ୍ୟରେ ବ୍ୟାପିଥିବା ପୂର୍ବତଟ ରେଳପଥର ନେଟୱାର୍କରେ ୬୧୪ଟି ଏଭଳି କ୍ରସିଂ ରହିଛି । ଗେଟ୍ ପଡ଼ିବା ସତ୍ତ୍ୱେ କିମ୍ବା ସତର୍କ ସୂଚନା ମିଳିବା ପରେ ମଧ୍ୟ ଲୋକଙ୍କ ଅସାବଧାନତା ଯୋଗୁଁ ବିପଦ ଅଧିକ ବଢ଼ିଥାଏ । ଏହି ସ୍ଥାନରେ ହେଉଥିବା ଦୁର୍ଘଟଣା ଯୋଗୁଁ ଜୀବନହାନି ସହ ରେଳ ସେବା ବାଧାପ୍ରାପ୍ତ ହୁଏ ଏବଂ ରେଳ ସମ୍ପତ୍ତି ନଷ୍ଟ ହୋଇଥାଏ । ଯେ ପର୍ଯ୍ୟନ୍ତ ଏକ ଲେଭଲ୍ କ୍ରସିଂ ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ ହୋଇନାହିଁ, ସେପର୍ଯ୍ୟନ୍ତ ମାନବୀୟ ତ୍ରୁଟି ଦୂର କରିବା ହେଉଛି ସର୍ବୋତ୍ତମ ସୁରକ୍ଷା। ପୂର୍ବତଟ ରେଳପଥ ଏପର୍ଯ୍ୟନ୍ତ ୩୮୪ଟି ଲେଭଲ୍ କ୍ରସିଂ ଗେଟ୍‌କୁ ଇଣ୍ଟରଲକ୍ କରିଛି । ଏହି ବୈଷୟିକ ବ୍ୟବସ୍ଥା ଦ୍ୱାରା ଗେଟ୍‌ର କାର୍ଯ୍ୟକଳାପ ସିଧାସଳଖ ଟ୍ରେନ୍ ସିଗନାଲ୍ ସହିତ ଜଡ଼ିତ ରହେ, ଯାହା ମାନବୀୟ ଭୁଲ୍ ହେବାର ସମ୍ଭାବନାକୁ ଦୂର କରିଥାଏ। ଏହାଦ୍ୱାରା ଅସାବଧାନତା ଜନିତ ଦୁର୍ଘଟଣା ଯଥେଷ୍ଟ ପରିମାଣରେ ହ୍ରାସ ପାଇଛି ।

GOVERNMENT OF ODISHA
DEPARTMENT OF WATER RESOURCES (CAD)
OFFICE OF THE JOINT DIRECTOR, SURVEY AND PLANNING, ODISHA , BHUBANESWAR
OFMRDC CAMPUS, SATYANAGAR, BHUBANESWAR-751007
E-mail: jointdirectorspbbsr@gmail.com, Phone: 0674-2570357

32001/86/2627

"e" PROCUREMENT NOTICE
Bid Identification NO. JDSP-01/2026-27

The Joint Director, Survey and Planning, CAD, Odisha on behalf of Governor of Odisha invites Percentage Rate Bid in Single Cover System in ON LINE MODE from eligible class of Contractors/Registered Organisation or Firm having similar experience as detailed below.

| | | |
|---|---|---|
| 1 | Name of the Work | Survey & Planning for CAD&WM |
| 2 | No. of Works | 36 (Thirty Six) nos. |
| 3 | Bid Identification No. | JDSP -01/2026-27 |
| 4 | Estimated Cost (Tender Amount) | 5.45 lakh to 18.92 lakh |
| 5 | Earnest Money Deposit | As per DTCN (online payment mode) |
| 6 | Cost of Tender Paper | As per DTCN (online payment mode) |
| 7 | Period of Completion | 120 Days |
| 8 | Date & Time of availability of bid documents in the portal | 22.04.2026 (11:00 AM) to 02.05.2026 (05:00 PM) |
| 9 | Last Date/Time for receipt of bids in the portal | 02.05.2026 up to 5:00 P.M |
| 10 | Date, Place & Time of opening of Technical Bid | 04.05.2026 at 11:00 AM in the O/o Joint Director, Survey & Planning, Bhubaneswar |
| 11 | Name and address of the Officer inviting Bid | Joint Director, Survey & Planning, OFMRDC Campus, Satyanagar, Bhubaneswar-751007 E-mail: jointdirectorspbbsr@gmail.com, Phone: 0674-2570357 |

Further details can be seen from the e-procurement portal: "https://tendersodisha.gov.in."

Sd/-Joint Director
Survey & Planning, Odisha, Bhubaneswar

OIPR-32001/32369/1/26-27/0001

ଉତ୍କଳ ଦୀପିକା

ଭୁବନେଶ୍ୱର, ୨୧ ଅପ୍ରେଲ, ମଙ୍ଗଳବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27


# ଅକ୍ଷୟ ତୃତୀୟାରୁ ଆରମ୍ଭ ହେଲା ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା

**ପୁରୀ, ୨୦।୪**
**ନ୍ୟୁଜ ବ୍ୟୁରୋ**

ପବିତ୍ର ଅକ୍ଷୟ ତୃତୀୟା ପାଇଁ ଚଳଚଞ୍ଚଳ ଶ୍ରୀକ୍ଷେତ୍ର। ସେହିପରି ସୋମବାରଠାରୁ ଆରମ୍ଭ ହୋଇଛି ବିଶ୍ୱ ପ୍ରସିଦ୍ଧ ଚନ୍ଦନ ଯାତ୍ରା। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ତାପରୁ ଉପଶମ ପାଇବା ପାଇଁ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ନରେନ୍ଦ୍ର ପୁଷ୍କରିଣୀରେ ନୌକା ବିହାର କରିଛନ୍ତି। ୨୧ ଦିନ ଧରି ଚାଲିବାକୁ ଥିବା ଏହି ବାହାର ଚାପରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ପ୍ରତ୍ୟହ ମଧ୍ୟାହ୍ନରେ ଶ୍ରୀମନ୍ଦିରରୁ ବାହାରି ବିରାଟ ଶୋଭାଯାତ୍ରାରେ ଚନ୍ଦନ ପୁଷ୍କରିଣୀ ନରେନ୍ଦ୍ର ଅଭିମୁଖେ ଯାଇଛନ୍ତି। ଶ୍ରୀମନ୍ଦିର ପ୍ରଶାସନ

ପକ୍ଷରୁ ଚୂଡାନ୍ତ ହୋଇଥିବା ପୂର୍ବ ନୀତି ନିର୍ଘଣ୍ଟ ଅନୁଯାୟୀ ନୀତି କାନ୍ତିରେ ସାମାନ୍ୟ ବିଳମ୍ବ ହୋଇଥିଲେ ମଧ୍ୟ ଭୋର ୩ ଟା ୫୦ରେ ଦ୍ୱାର ଫିଟା ପରେ ମଙ୍ଗଳା ଆଳତୀ, ମଇଲମ, ଅବକାଶ ଓ ସକାଳ ଧୂପ ଅନୁଷ୍ଠିତ ହୋଇଥିଲା। ଏହାପରେ ନକ୍ଷତ୍ର ଓ ଜୟବିଜୟ ଦ୍ୱାର ବନ୍ଦାପନା ସରିବା ପରେ ବିମାନକୁ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, ରାମକୃଷ୍ଣ, ଭୂଦେବୀ, ଶ୍ରୀଦେବୀ ବିଜେ କରି ନରେନ୍ଦ୍ର ପୁଷ୍କରିଣୀ ଅଭିମୁଖେ ବାହାରିଥିଲେ।

ଭକ୍ତଙ୍କ ପ୍ରବଳ ଭିଡକୁ ଦୃଷ୍ଟିରେ ରଖି ୫ ପ୍ଲାଟୁନ୍ ପୋଲିସ ଫୋର୍ସ, ଜଣେ ଅତିରିକ୍ତ ଏସ୍‌ପି, ୫ ଡିଏସ୍‌ପି ଓ ୮ ଜଣ ଇନ୍ସପେକ୍ଟର ମୁତୟନ ହୋଇଛନ୍ତି। ସେହିପରି ଶ୍ରୀମନ୍ଦିର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ନରେନ୍ଦ୍ର ପୁଷ୍କରିଣୀରେ ବାଣକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଥିବା ବେଳେ କଟକଣା ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁରୀ ଏସ୍‌ପି କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

# ଏକାମ୍ର ସାଆନ୍ତଙ୍କ ଆରମ୍ଭ ହେଲା ଚନ୍ଦନଯାତ୍ରା

**ପୁରୁଣା ଭୁବନେଶ୍ୱର, ୨୦/୪ ନ୍ୟୁଜ ବ୍ୟୁରୋ**

ସୋମବାର ପବିତ୍ର ଅକ୍ଷୟ ତୃତୀୟାରେ ସବୁ ଶୁଭକାର୍ଯ୍ୟ ଅନୁକୂଳ ହୋଇଛି। ଏହି ଅବସରରେ ଏକାମ୍ର କ୍ଷେତ୍ରର ସାଆନ୍ତ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କର ୨୨ଦିନିଆ ଚନ୍ଦନଯାତ୍ରା ଆରମ୍ଭ ହୋଇଯାଇଛି। ଚନ୍ଦନ ଚନ୍ଦନ ମହକୁଛି ଏକାମ୍ର କ୍ଷେତ୍ର। ମହାପ୍ରଭୁ ଶ୍ରୀଲିଙ୍ଗରାଜ, ମା' ପାର୍ବତୀ, ମା' ଦୁର୍ଗା ଓ ପ୍ରଭୁ ବାସୁଦେବ ଚାପ ଡଙ୍ଗାରେ ବିନ୍ଦୁସାଗରରେ ଚାପ ଖେଳ ଆରମ୍ଭ କରିଛନ୍ତି। ଜଗତିରେ ସୁବାସିତ ଚନ୍ଦନ କୁଣ୍ଡରେ ପ୍ରଭୁ ବୁଡ଼ିବା ସହ ଚାପଡଙ୍ଗାରେ ଜଗତି ଚାରିପଟେ ଭଉଁରି ଖେଳି ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ଦିବ୍ୟ ଲୀଳା ୨୨ଦିନ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ସବୁ ପ୍ରସ୍ତୁତି ସରିବା ପରେ ମହାରଣା ସେବାୟତଙ୍କ ଦ୍ୱାରା ପ୍ରସ୍ତୁତ ଚାପ ଡଙ୍ଗାରେ ପ୍ରଭୁ ଶ୍ରୀଲିଙ୍ଗରାଜ ବିନ୍ଦୁସାଗରରେ ଚାପ ଖେଳ ଆରମ୍ଭ କରିଛନ୍ତି। ସୋମବାର ଠାରୁ ବିଧି ମୁତାବକ ଶ୍ରୀଲିଙ୍ଗରାଜ ମନ୍ଦିରରେ ସକାଳ ୬ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ସାହାଣମେଳା ଦର୍ଶନ କରାଯାଇ ଏବଂ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମନ୍ଦିରର ନୀତିକାନ୍ତି ଜାରି ରହିବା ପରେ ଚଳନ୍ତି ପ୍ରତିମାମାନେ ସୁସଜ୍ଜିତ ପାଲିଙ୍କି ଓ ବିମାନକୁ ବିଜେ କରିଥିଲେ ଏବଂ ବିନ୍ଦୁସାଗର ଅଭିମୁଖେ ଯାତ୍ରା କରି ବ୍ରହ୍ମା ଘାଟରେ ପହଞ୍ଚିଥିଲେ। ସେଠାରେ ପ୍ରସ୍ତୁତ ହୋଇ ରହିଥିବା ଚାପ ଡଙ୍ଗାରେ ପୂଜାପଣ୍ଡା ସେବାୟତ

ଛେରାପହଁରା କରିବା ପରେ ପାଳିଆ ବଡୁ ସେବାୟତ ଠାକୁରଙ୍କୁ ମଣେଇଥିଲେ। ଏହାପରେ ଦେବାଦେବୀ ଚାପ ଡଙ୍ଗା ସିହାଂସନରେ ବିରାଜମାନ କରିଥିଲେ। ସମ୍ମୁଖ ସିଂହାସନରେ ଶ୍ରୀଲିଙ୍ଗରାଜ, ମା' ପାର୍ବତୀ, ମା' ଦୁର୍ଗା ବିରାଜମାନ କରିଥିଲେ ଏବଂ ପାର୍ଶ୍ୱ ସିଂହାସନରେ ପ୍ରଭୁ ବାସୁଦେବ ବସିଥିଲେ। ଚାପ ଡଙ୍ଗା ବିନ୍ଦୁସାଗର ମଧ୍ୟରେ ଥିବା ଜଗତିରେ ପହଞ୍ଚିବା ପରେ ବିଗ୍ରହମାନଙ୍କୁ ଜଗତି ସିଂହାସନକୁ ବିଜେ କରାଯାଇଥିଲା। ସେଠାରେ ଚନ୍ଦନ, ଅଗୁର, କର୍ପୁର, ମଲ୍ଲୀ ଫୁଲ, ଚମ୍ପା ଫୁଲ ଭଳି ସୁବାସିତ ସାମଗ୍ରୀ ପଡ଼ିଥିବା କୁଣ୍ଡରେ ଦେବାଦେବୀମାନେ ବେକ ପର୍ଯ୍ୟନ୍ତ ବୁଡ଼ି ରହିଥିଲେ। ଗୋଟିଏ କୁଣ୍ଡରେ ଶ୍ରୀଲିଙ୍ଗରାଜ, ମା' ପାର୍ବତୀ ଓ ମା' ଦୁର୍ଗା ବୁଡ଼ିରହିବାର ବିଧି ରହିଛି। ପ୍ରଭୁ ବାସୁଦେବ ସ୍ୱତନ୍ତ୍ର କୁଣ୍ଡରେ ବୁଡ଼ିଥିଲେ। କିଛି ସମୟ ପରେ ବିଗ୍ରହମାନେ କୁଣ୍ଡରୁ ବାହାରିଥିଲେ ଏବଂ ନୀତିପୂଜା ପରେ ଜଗତିରୁ ବାହାରି ଚାପ ଡଙ୍ଗାକୁ ଯାଇଥିଲେ। ଜଗତି ଚାରିପଟେ ଡଙ୍ଗାରେ ୮ଘେରା ଭଉଁରି ଖେଳି ଘାଟକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଅସହ୍ୟ ଗୁଳୁଗୁଳିରୁ ରକ୍ଷା ପାଇବାକୁ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଚନ୍ଦନଯାତ୍ରା ବିଧି ରହିଛି।

**ସବୁ ଏଠି ମାୟା ପଥ କଣ୍ଟକିତ**
**ବଞ୍ଚିବାର ଆଶା ବଡ ଦୁର୍ବିସହ**
**ଝୁରିବାପଣଟା ସତ୍ୟ ଅଟେ ସିନା**
**ତୁ ମୋର, ମୁଁ ତୋହର**
**ସଂପର୍କର ଡୋର କେତେ ମଧୁର...**

ପୁରୀ ବଜାରରେ ସେଦିନ ଦେଖାଯାଇଥିଲା ଏକ ଅପୂର୍ବ ଦୃଶ୍ୟ। ଯେଉଁ ନୟନାଭିରାମ ଦୃଶ୍ୟକୁ ଦେଖି ଚାଲିଯାଉଥିବା ପଥିକ, ବ୍ୟସ୍ତ ଥିବା ବ୍ୟବସାୟୀ, କାଳିଆଙ୍କ ପ୍ରେମରେ ତଲ୍ଲୀନ ଥିବା ଭକ୍ତ ସମସ୍ତେ ଅଚାନକ ଅଚଳ ଅବସ୍ଥାକୁ ଆସିଯାଇଥିଲେ । ପୁରୀ ବଜାରରେ ବାବା ଅଭିରାମ ସରସ୍ୱତୀ ଯେତେବେଳେ ପାଦ ରଖିଲେ କେଉଁଠି ଥିଲା ଏକ ବୁଲା ଷଣ୍ଢ ଦୌଡି ଆସି ତାଙ୍କ କଣ୍ଠଲଗ୍ନ ହୋଇ ଝୁଲିପଡିଲା ସତେ ଯେମିତି ପଚାରୁଥିଲା କୁଆଡେ ଯାଇଥିଲ ଏତେ ଦିନ ଧରି? ମୋ କଥା ଜମା ମନେ ପଡୁନଥିଲା? ସେ ଥିଲା ଏକ ଅଦ୍ଭୁତ ପ୍ରେମର ଆକର୍ଷଣ ଯାହା ଦେଖଣାହାରୀଙ୍କ ନଜରରୁ ହଟୁନଥିଲା। ଅଭିରାମ ବାବାଙ୍କୁ ଏ ବିଷୟରେ ପଚାରିବାରେ ସେ କହିଥିଲେ- "ମୁଁ ଷଣ୍ଢ ଭିତରେ ଏବଂ ଷଣ୍ଢ ମୋ ଭିତରେ ଏମିତି ଏକ

ଅଲୌକିକ ଦୃଶ୍ୟ ଦେଖିଲୁ, ଯାହା ଫଳରେ ପରସ୍ପର ପ୍ରତି ଆକର୍ଷିତ ହୋଇପଡିଲୁ।"

# ନେତାଜୀଙ୍କୁ 'ରାଷ୍ଟ୍ର ପୁତ୍ର' ଘୋଷଣା କରାଯିବା ଆବେଦନକୁ ଖାରଜ କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୦।୪**

ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ 'ରାଷ୍ଟ୍ର ପୁତ୍ର' ଘୋଷଣା କରାଯାଉ। ଏହାଛଡା ତାଙ୍କ ଦ୍ୱାରା ଗଠନ କରାଯାଇଥିବା 'ଆଜାଦ ହିନ୍ଦ ଫୌଜ' ଭାରତକୁ ସ୍ୱାଧୀନତା ପ୍ରଦାନ କରିଥିଲା ବୋଲି କ୍ରେଡିଟ୍ ଦିଆଯାଉ। ଏଭଳି ଏକ ଦାବୀ ନେଇ ସୁପ୍ରିମକୋର୍ଟରେ ଦାଖଲ କରାଯାଇଥିବା ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)କୁ ସର୍ବୋଚ୍ଚ ନ୍ୟାୟାଳୟ ଖାରଜ କରିଦେଇଛନ୍ତି। କେବଳ ସେତିକି ନୁହେଁ ପିଆଇଏଲ୍ ଦାଖଲ କରିଥିବା ପିନାକ ପାଣି ମହାନ୍ତିଙ୍କୁ ମଧ୍ୟ କୋର୍ଟ କଡା ଭର୍ତ୍ସନା କରିଛନ୍ତି। କୋର୍ଟ କହିଛନ୍ତି ଆପଣଙ୍କ ଭିତରେ ସୁଧାର ହୋଇପାରିନି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲ୍ୟା ବାଗଚୀଙ୍କ

ଖଣ୍ଡପୀଠ କହିଛନ୍ତି ଆପଣ କୋର୍ଟଙ୍କ ସମୟ ନଷ୍ଟ କରୁଛନ୍ତି। ଆବେଦନରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ 'ରାଷ୍ଟ୍ରୀୟ ପୁତ୍ର' ଘୋଷଣା କରିବା ଏବଂ ୨୧ ଅକ୍ଟୋବର ୧୯୪୩ (ଆଇଏନଏର ପ୍ରତିଷ୍ଠା ଦିବସ) ଏବଂ ୨୩ ଜାନୁଆରୀ ୧୮୯୭ରେ ତାଙ୍କ ଜନ୍ମ ବାର୍ଷିକୀକୁ 'ଜାତୀୟ ଦିବସ' ଭାବରେ ପାଳନ କରିବାକୁ ମଧ୍ୟ ଦାବି କରାଯାଇଥିଲା। ସିଜେଆଇ ଆବେଦନକୁ ଖାରଜ କରିଦେଇଛନ୍ତି। ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ଉଲ୍ଲେଖ କରିଛନ୍ତି ଯେ, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସମ୍ପର୍କରେ ସମାନ ଆବେଦନକାରୀଙ୍କ ଦ୍ୱାରା ଦୁଇ ଥର ଦାଖଲ କରାଯାଇଥିବା ସମାନ ଜନସ୍ୱାର୍ଥ ମାମଲାକୁ କୋର୍ଟ ପୂର୍ବରୁ ଖାରଜ କରିସାରିଛନ୍ତି। ସେତେବେଳେ, ସୁପ୍ରିମକୋର୍ଟ ମନ୍ତବ୍ୟ ଦେଇଥିଲେ ଯେ ଏପରି ପ୍ରସଙ୍ଗ ନ୍ୟାୟିକ ସମୀକ୍ଷା ପରିସର ବାହାରେ ଏବଂ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ଉଠାଇ ହେବ। ସୋମବାର ସୁପ୍ରିମକୋର୍ଟ ଅସନ୍ତୋଷ ପ୍ରକାଶ କରି ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। କୋର୍ଟଙ୍କ ପୂର୍ବ ମତ ସତ୍ତ୍ୱେ, ଆବେଦନକାରୀ କେବଳ ନିଜର ପବ୍ଲିସିଟି ପାଇଁ ଆବେଦନକୁ ପୁନଃ ଦାଖଲ କରିଛନ୍ତି। ସିଜେଆଇ ସୂର୍ଯ୍ୟକାନ୍ତ ମଧ୍ୟ ଆବେଦନକାରୀଙ୍କୁ ଭବିଷ୍ୟତରେ ଏପରି ହାଲକା ଆବେଦନ ଦାଖଲ ନକରିବାକୁ ଚେତାବନୀ ଦେଇଛନ୍ତି। ଏହା ସହ ଆଗକୁ ଏଭଳି ଆବେଦନ କଲେ ଜରିମାନା ଲଗାଇବାର ମଧ୍ୟ ଧମକ ଦେଇଛନ୍ତି। ସମାନ ପ୍ରସଙ୍ଗରେ ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆଉ କୌଣସି ପିଆଇଏଲ ବିଚାର ନକରିବାକୁ କୋର୍ଟ ଏହାର ରେଜିଷ୍ଟ୍ରିକୁ ନିର୍ଦ୍ଦେଶ ଦେଇଛନ୍ତି। ସିଜେଆଇ ସୂର୍ଯ୍ୟକାନ୍ତ ଆବେଦନକାରୀଙ୍କୁ କହିଥିଲେ, 'ଏବେ ଯାଅ, ନଚେତ୍ ଆମେ ତୁମ ଉପରେ ଜରିମାନା ଲଗାଇବୁ।'

# ବଡ଼ ଭାଇଙ୍କୁ ଭେଟିବାକୁ ଯାଇ ଦିଲ୍ଲୀରୁ ଭୁବନେଶ୍ୱର ଫେରିଲେ ନବୀନ

**ଭୁବନେଶ୍ୱର ୨୦।୪**
**ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ଫେରିଲେ ବିଜେଡି ସଭାପତି ନବୀନ ପଟ୍ଟନାୟକ । ଗତ ୧୦ ତାରିଖରେ ଅସୁସ୍ଥ ବଡ଼ ଭାଇ ପ୍ରେମ ପଟ୍ଟନାୟକଙ୍କୁ ଭେଟିବାକୁ ଦିଲ୍ଲୀ ଯାଇଥିଲେ ନବୀନ । ପ୍ରେମ ପଟ୍ଟନାୟକଙ୍କ ହୃଦଘାତ ଅସ୍ତ୍ରୋପଚାର ପାଇଁ ନବୀନ ଦିଲ୍ଲୀ ଯାଇଥିଲେ । ତେବେ ସୋମବାର ଦିଲ୍ଲୀ ଗସ୍ତ ସାରି ବିରୋଧୀ ଦଳ ନେତା ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଗତ ୧୦ ତାରିଖରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଅସୁସ୍ଥ ବଡ଼ ଭାଇ ପ୍ରେମ ପଟ୍ଟନାୟକଙ୍କୁ ଭେଟିବାକୁ ଯାଇଥିଲେ। ନବୀନଙ୍କ ଦିଲ୍ଲୀ ଗସ୍ତ ସମୟରେ ମାନସ ମଙ୍ଗରାଜଙ୍କୁ ବିଜେଡି ସଂସଦୀୟ ଦଳ ନେତା ଦାୟିତ୍ୱ ଦିଆଯାଇଥିଲା। ତାଙ୍କୁ ସଂଦଦୀୟ ଦଳ ନେତା ଭାବେ ଚୟନ କରିଥିଲେ ନବୀନ ପଟ୍ଟନାୟକ। ମାନସ ମଙ୍ଗରାଜ ୨୦୨୨ରୁ ରାଜ୍ୟସଭା ସାଂସଦ ଅଛନ୍ତି। ସେ ସଂସଦୀୟ ଦଳର ମୁଖ୍ୟ ସଚେତକ ଭାବେ କାର୍ଯ୍ୟ କରୁଥିଲେ । ଏବେ ସେ ସଂସଦୀୟ ଦଳ ନେତା ହେବା ପରେ ସୁଲତା ଦେଓଙ୍କୁ ସଂସଦୀୟ ଦଳ ଉପନେତା ଓ ମୁଖ୍ୟ ସଚେତକ କରାଯାଇଛି । ରାଜ୍ୟସଭା ଅଧକ୍ଷଙ୍କୁ ଚିଠି ଲେଖି ନୂଆ ଦାୟିତ୍ୱ ବିଷୟରେ ଅବଗତ କରାଇଥିଲେ ବିଜେଡି ସଭାପତି ନବୀନ ପଟ୍ଟନାୟକ।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**
ତାରିଖ :-୨୦/୦୪/୨୦୨୬
୧୧,୧୬,୪୮୩/- ଟଙ୍କା
ସୁନା:-୦୧ଗ୍ରାମ୍‌୫୦୦ ମିଲିଗ୍ରାମ
ରୂପା:-୬୫ଗ୍ରାମ୍‌୦୦୦ ମିଲିଗ୍ରାମ

# ଅକ୍ଷୟ ତୃତୀୟାରେ ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକଙ୍କ ଆକର୍ଷଣୀୟ ବାଲୁକା କଳା

**ପୁରୀ, ୨୦/୦୪**
**ନ୍ୟୁଜ ବ୍ୟୁରୋ**

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ସୁନ୍ଦର ବାଲୁକା କଳା । ଅକ୍ଷୟ ତୃତୀୟାରେ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ କରାଯାଏ । ତେଣୁ ଏହି ଅବସରରେ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ପୁରୀ ବେଳାଭୂମିରେ ଏକ ବାଲୁକା କଳା ନିର୍ମାଣ କରି ରାଜ୍ୟବାସୀଙ୍କୁ ଅକ୍ଷୟ ତୃତୀୟା ଶୁଭେଚ୍ଛା ଜଣାଇଛନ୍ତି । ରଥ ନିର୍ମାଣ ପାଇଁ ଅନୁକୂଳ ହେବାକୁ ଥିବା ତିନୋଟି ରଥ କାଠକୁ ସେ ବାଲୁକା କଳା ମାଧ୍ୟମରେ ପ୍ରଦର୍ଶନ କରିଥିବା ବେଳେ ଏଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପ୍ରତିମାଙ୍କୁ ସ୍ଥାନ ଦେଇଛନ୍ତି । ଏହି ସୁନ୍ଦର ବାଲୁକା କଳା ୭ ଫୁଟ ଲମ୍ବ ବିଶିଷ୍ଟ ହୋଇଥିବାବେଳେ ରଥ ଅନୁକୂଳର ଶୁଭକାମନା ଜଣାଇଛନ୍ତି ସୁଦର୍ଶନ ।

# ରାଜ୍ୟ ସ୍ତରୀୟ କୃଷକ ଦିବସ: ଉପ ମୁଖ୍ୟମନ୍ତ୍ରୀ କଲେ ଅକ୍ଷିମୁଠି ଅନୁକୂଳ

**ନିମାପଡ଼ା, ୨୦/୦୪**
**ନ୍ୟୁଜ ବ୍ୟୁରୋ**

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ପୁରୀ ଜିଲ୍ଲାର ପିପିଲି ଓ ନିମାପଡ଼ା ଅଞ୍ଚଳରେ ରାଜ୍ୟ ସ୍ତରୀୟ କୃଷକ ଦିବସ ଓ 'ଅକ୍ଷିମୁଠି ଅନୁକୂଳ' କାର୍ଯ୍ୟକ୍ରମ ବେଶ୍ ଧୁମଧାମରେ ପାଳିତ ହୋଇଯାଇଛି । କୃଷି ଓ କୃଷକର ଏହି ମହାନ ପର୍ବରେ ରାଜନୈତିକ ନେତୃବୃନ୍ଦଙ୍କ ଠାରୁ ଆରମ୍ଭ କରି ସ୍ଥାନୀୟ ଚାଷୀଙ୍କ ପର୍ଯ୍ୟନ୍ତ ସମସ୍ତେ ସାମିଲ ହୋଇ ଚଳିତ ବର୍ଷର ଭଲ ଫସଲ ପାଇଁ ପ୍ରାର୍ଥନା କରିଛନ୍ତି । ନିମାପଡ଼ାରେ ଜିଲ୍ଲା ସ୍ତରୀୟ କୃଷକ ଦିବସ, ବୈଶାଖ ମାସର ଶୁକ୍ଳ ପକ୍ଷ ତୃତୀୟା ବା ଅକ୍ଷୟ ତୃତୀୟା ଓଡ଼ିଶାର କୃଷି ସଂସ୍କୃତିର ଏକ ଅନନ୍ୟ ଦିନ । ଏହି ଅବସରରେ ପୁରୀ ଜିଲ୍ଲା କୃଷି ବିଭାଗ ପକ୍ଷରୁ ନିମାପଡ଼ା ବ୍ଲକର ଓଳାଂଶ ଠାରେ ରାଜ୍ୟ ସ୍ତରୀୟ କୃଷକ ଦିବସ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଉପ-ମୁଖ୍ୟମନ୍ତ୍ରୀ ମା' ଲକ୍ଷ୍ମୀଙ୍କ ନିକଟରେ ପୂଜାର୍ଚ୍ଚନା କରିବା ପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ବିଲରେ ଧାନ ବିହନ ବୁଣି 'ଅକ୍ଷିମୁଠି ଅନୁକୂଳ' କରିଥିଲେ । ଏହା ପରେ ଆୟୋଜିତ କୃଷକ ସଭାରେ ଉଦ୍‌ବୋଧନ ଦେଇ ଉପ-ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କୃଷକମାନେ ହେଉଛନ୍ତି ଦେଶର ମେରୁଦଣ୍ଡ । ରାଜ୍ୟ ସରକାର କୃଷି ଓ କୃଷକଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା

ପ୍ରଣୟନ କରୁଛନ୍ତି ଏବଂ ଏହାର ସୁଫଳ ଯେପରି ପ୍ରତ୍ୟେକ ଚାଷୀଙ୍କ ପାଖରେ ପହଞ୍ଚିବ, ସେଥିପାଇଁ ଗୁରୁତ୍ୱ ଦିଆଯାଉଛି । କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ଅଧିକାରୀଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ । ପୁରୀ ଜିଲ୍ଲା ପିପିଲି ନିର୍ବାଚନ ମଣ୍ଡଳୀର ତେଇଶିପୁର ପଞ୍ଚାୟତ ନିର୍ମଳା ଗ୍ରାମରେ ମଧ୍ୟ ଅତି ଆଡ଼ମ୍ବରରେ ଅକ୍ଷିମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ପକ୍ଷରୁ ଏହି ଉତ୍ସବ ଆୟୋଜିତ ହୋଇଥିଲା। ଭୂମି ପୂଜନ ବ୍ରାହ୍ମଣଙ୍କ ଦ୍ୱାରା ବିଧିବଦ୍ଧ ଭାବେ ମନ୍ତ୍ର ପାଠ କରାଯାଇ ଧରିତ୍ରୀ ମାତାଙ୍କୁ ପୂଜା କରାଯାଇଥିଲା । ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ଚାଷୀ ଓ ନେତୃବୃନ୍ଦ ହଳ କରିଥିଲେ । ବିହନ ବୁଣା ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ ଓ ପୂର୍ବତନ ଆମ୍ବା ଅଧକ୍ଷ ପ୍ରକାଶ ଧଳ ପ୍ରଥମ ଶୁଭ ମୁଠି ବିହନ ବୁଣି ଚଳିତ ବର୍ଷର ଚାଷ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ପିପିଲି ବ୍ଲକ ଉପାଧକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ସୁଶାନ୍ତ ମଲ୍ଲିକ, ପିପିଲି ଏନଏସି ଅଧକ୍ଷ ସେକ୍ ବାବୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ଆଧାତ୍ମିକ ନଗରୀ ପୁରୀରେ ବୃଦ୍ଧି ପାଉଛି ନିଶା କାରବାର

**ପୁରୀ, ୨୦/୦୪**
**ନ୍ୟୁଜ ବ୍ୟୁରୋ**

ଅଶାନ୍ତ ହୋଇପଡିଛି ଆଧାତ୍ମିକ ନଗରୀ ପୁରୀ । ଦିନକୁ ଦିନ ବଢିବାରେ ଲାଗିଛି ଅପରାଧ । ଆଉ ଏହା ପଛର ବଡ କାରଣ ହେଉଛି ନିଶା କାରବାର। ପୁରୀରେ ବୃଦ୍ଧି ପାଇବାରେ ଲାଗିଛି ନିଶା କାରବାର। ନିଶାକୁ ନେଇ ବିଭିନ୍ନ ଅପରାଧ ଘଟୁଥିବା ବେଳେ ହତ୍ୟାକାଣ୍ଡ ଭଳି ଜଘନ୍ୟ ଅପରାଧ ମଧ୍ୟ ଘଟୁଛି। ଗତ ମାର୍ଚ୍ଚ ୨୫ ତାରିଖରେ ମଦ କାରବାରକୁ ନେଇ ଧୋବାଖାଲ ବସ୍ତିରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟଣା ଏହାର ପ୍ରକୃଷ୍ଟ ଉଦାହରଣ।

ପୁରୀରେ ନିଶା କାରବାର ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ସହ ନିଶା ମାଫିଆଙ୍କୁ ଧରିବା ପାଇଁ ପୁରୀ ପୋଲିସ ପକ୍ଷରୁ ଆରମ୍ଭ ହୋଇଛି 'ଅପରେସନ ଚକ୍ର' । ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ଦ୍ୱାରା ଏହି ଅଭିଯାନ ଆରମ୍ଭ କରାଯାଇଛି। ତଥାପି ନିଶା ସାମ୍ରାଜ୍ୟ କାୟା ବିସ୍ତାର କରିଚାଲିଛି। ଗତ ଅଢ଼େଇ ବର୍ଷରେ ପୁରୀରୁ ୧୬ କୋଟି ଟଙ୍କାର ବ୍ରାଉନ ସୁଗାର, ଗଞ୍ଜେଇ ଓ କଫ ସିରପ ଜବତ ହୋଇଛି। ସୂଚନା ଅନୁଯାୟୀ, ପୁରୀ ଜିଲ୍ଲାରେ ୨୦୨୩-୨୪ରେ ୧୫୨ କେଜି ଗଞ୍ଜେଇ , ୬ କେଜି ୬୨୫ ଗ୍ରାମ୍ ବ୍ରାଉନସୁଗାର ଏବଂ ୨୯ ଲିଟର କଫ ସିରପ ଜବତ କରାଯାଇଛି।

ସେହିପରି ୨୦୨୪-୨୫ ଆର୍ଥିକ ବର୍ଷରେ ୭୮.୭ କେଜି ଗଞ୍ଜେଇ, ୬କେଜି ୩୮୧ ଗ୍ରାମ୍ ବ୍ରାଉନସୁଗାର, ୩୨ ଲିଟର କଫ ସିରପ ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୬ କୋଟି ୪୬ ଲକ୍ଷ ୨୯ ହଜାର ଟଙ୍କା। ୨୦୨୫ ଏପ୍ରିଲରୁ ନଭେମ୍ବର ଅର୍ଥାତ୍ ୭ ମାସ ମଧ୍ୟରେ ୨୨.୯ କେଜି ଗଞ୍ଜେଇ, ୩ କେଜି ୫୨୩ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୩ କୋଟି ୫୪ ଲକ୍ଷ ୪୫ ହଜାର ଟଙ୍କା। ଗତ ୩୧ ମାସ ମଧ୍ୟରେ ୧୬ କେଜି ୫୨୮ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଛି। ମୋଟ ୧୬ କୋଟି ୭୫ ଲକ୍ଷ ଟଙ୍କାର ବ୍ରାଉନସୁଗାର, ଗଞ୍ଜେଇ ଓ କଫ ସିରପ ଜବତ ହୋଇଛି।

ବରିଷ୍ଠ ଆଇନଜୀବୀ ରମେଶ ପ୍ରସାଦ ସିହ୍ନା ପ୍ରତିକ୍ରିୟାରେ କୁହନ୍ତି, 'ଶ୍ରୀକ୍ଷେତ୍ର ପୁରୀରେ ନିଶା କାରବାର

ବୃଦ୍ଧି ପାଇବା ଉଦ୍‌ବେଗଜନକ କଥା। ବ୍ରାଉନସୁଗାର, ଗଞ୍ଜେଇ, କଫ ସିରପ ଭଳି ବିଭିନ୍ନ ନିଶା ଦ୍ରବ୍ୟ ପୁରୀକୁ ଅନ୍ୟ ପଡୋଶୀ ଜିଲ୍ଲାରୁ ଆସୁଛି। ତେବେ ନିଶା କାରବାର ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ପୁରୀ ପୋଲିସ ପକ୍ଷରୁ ଯେଉଁ ସ୍ୱତନ୍ତ୍ର ଅଭିଯାନ 'ଅପରେସନ ଚକ୍ର' ଜାରି ରହିଛି, ତାକୁ ଆମେ ସ୍ୱାଗତ କରୁଛୁ । ହେଲେ ଏହି ଅଭିଯାନରେ ଯେତିକି ସଫଳତା ମିଳିବା କଥା ତାହା ମିଳି ପାରୁନାହିଁ। ପୁରୀ ଏକ ପର୍ଯ୍ୟଟନସ୍ଥଳୀ ହୋଇଥିବାରୁ ହଜାର ହଜାର ଲୋକ ଏଠାକୁ ବ୍ୟବସାୟ କରିବା ପାଇଁ ଜିଲ୍ଲା ବାହାରୁ ଆସିଥାନ୍ତି। ବ୍ୟବସାୟ ଆଢୁଆଳରେ ଏମାନେ ବିଭିନ୍ନ ନିଶା କାରବାର କରୁଥିଲେ ହେଁ ସେମାନଙ୍କୁ ପୋଲିସ ଧରିବାରେ ସକ୍ଷମ ହେଉନି। ଅନେକ ଦୁର୍ନୀତିଗ୍ରସ୍ତ ପୋଲିସ ଅଧିକାରୀ ରହିଛନ୍ତି, ଯେଉଁମାନେ କି ଏହି ନିଶା ବେପାରୀଙ୍କଠାରୁ ବଟି ନେଇ ସୁରକ୍ଷା ଦେଉଛନ୍ତି। ଆମେ ପୁରୀ ଏସ୍‌ପିଙ୍କୁ ଅନୁରୋଧ କରୁଛୁ, ପୋଲିସ ବିଭାଗରେ ଥିବା ଏହି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରନ୍ତୁ। ଏହା ହେଲେ ନିଶା କାରବାର ଉପରେ ରୋକ୍ ଲାଗିପାରିବ। ନ ହେଲେ ଚଢ଼଼ଉ ପୂର୍ବରୁ ନିଶା ବେପାରୀଙ୍କୁ ଖବର ମିଳିଯାଉଥିବାରୁ ସେମାନେ ଖସି ଯିବାରେ ସକ୍ଷମ ହେଉଛନ୍ତି। ଏଣୁ ଏହା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।'

ସବୁଠାରୁ ଦୁଃଖର କଥା ହେଉଛି, ଏହି ବ୍ରାଉନସୁଗାର କବଳରେ ପଡୁଛନ୍ତି ଯୁବ ପିଢ଼ି । ଏ ନିଶା ଅନେକଙ୍କ ଭବିଷ୍ୟତ ଅନ୍ଧକାର କରିଦେଲାଣି । ବହୁ ପରିବାରକୁ ତଳିତଳାନ୍ତ କରିଦେଲାଣି। ଗତ ଦେଢ଼ବର୍ଷ ଭିତରେ ୪୪ ହଜାର ୭ଶହ ୩୨ ଲିଟର ଏବଂ ୪,୨୬,୨୪୫ ଲିଟର ପୋଚ ଜବତ ହୋଇଛି। ନିଶା କାରବାର ରୋକିବା ପାଇଁ ପୁରୀ ପୋଲିସ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ହେଲେ ନିଶା ସାମ୍ରାଜ୍ୟର କଳେବର କମିବା ବଦଳରେ ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ନେଇ ବୁଦ୍ଧିଜୀବୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପୋଲିସ ନିଶା ମାଫିଆଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନେଉ ବୋଲି ସମାଜସେବୀ ମତ ଦେଇଛନ୍ତି।

ପୁରୀ ଏସପି ପ୍ରତୀକ ସିଂ ନିଜ ପ୍ରତିକ୍ରିୟାରେ କୁହନ୍ତି, 'ପୁରୀରେ ନିଶା କାରବାର ଉପରେ ପୋଲିସର କଡା ନଜର ରହିଛି। ଗତ ତିନି ମାସ ଭିତରେ ୨୩୧ ଜଣ ନିଶା ବେପାରୀଙ୍କୁ ଗିରଫ କରାଯାଇଛି। ବେଆଇନ କରେକ୍ସକୁ ନେଇ ଗତ ତିନି ମାସରେ ୧୫ଟି ମାମଲାରେ ୨୫ ଜଣଙ୍କୁ ଗିରଫ କରାଯାଇଛି। ଏକ ହଜାରରୁ ଅଧିକ କଫ ସିରପ ଜବତ କରାଯାଇଛି। ଗତ ତିନିମାସରେ ବ୍ରାଉନ ସୁଗାର କାରବାରକୁ ନେଇ ୧୧ଟି ମାମଲାରେ ୨୫ ଜଣଙ୍କୁ ଗିରଫ କରାଯାଇଛି। ୧୫୨ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି। ଆଗାମୀ ଦିନରେ ମଧ୍ୟ ଏହି ଚଢ଼଼ଉ ଜାରି ରହିବ।'